بِسۡمِ اللّٰہِ الرَّحۡمٰنِ الرَّحِیۡمِ  نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ  وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସଂଖ୍ୟା 19

ସାପ୍ତାହିକ

# ବଦର

The Weekly BADAR Qadian କାଦିଆନ

ODIA

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

10 ମଇ 2018   10 ହିଜ୍‌ରତ୍ 1397 ହି.ଶ   23 ଶାବାନ୍ 1439 ହି.କ


## ଅଲ୍ଲାଃତାଲାଙ୍କ ବାଣୀ

یٰۤاَیُّہَا الَّذِیۡنَ اٰمَنُوۡا
کُتِبَ عَلَیۡکُمُ الصِّیَامُ
کَمَا کُتِبَ عَلَی الَّذِیۡنَ مِنۡ قَبۡلِکُمۡ
لَعَلَّکُمۡ تَتَّقُوۡنَ ﴿۱۸۴﴾

(سورۃ البقرہ:184)

ଅନୁବାଦ - ହେ ବିଶ୍ୱାସକାରୀମାନେ ! ତୁମମାନଙ୍କ ପାଇଁ ରୋଜା ରଖିବା (ମଧ୍ୟ ସେହିପରି) ଧାର୍ଯ୍ୟ କରାଯାଇଛି ଯେପରି ତୁମମାନଙ୍କ ପୂର୍ବବର୍ତୀ ଲୋକମାନଙ୍କ ସକାଶେ (ଏହା) ଧାର୍ଯ୍ୟ କରାଯାଇଥିଲା । ଫଳରେ ତୁମେମାନେ (ଆଧାତ୍ମିକ ଓ ନୈତିକ ଦୁର୍ବଳତା ଜନିତ ତୃଟିରୁ) ରକ୍ଷା ପାଇବ ।

(ସୁରା ବକ୍‌ରା : ୧୮୪)

## ଅହମଦୀୟା ଖାବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି ।     (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ:- କଶ୍‌ତିନୁହ୍‌ରେ ''ହମାରି ତାଲିମ୍'' (ଆମ ଶିକ୍ଷା) ବିଷୟରେ ଯେଉଁ ଅଂଶ ରହିଛି ତାହା ପ୍ରତ୍ୟେକ ଅହେମଦୀଙ୍କୁ ନିଶ୍ଚିତ ରୂପେ ପଢ଼ିବା ଆବଶ୍ୟକ ବରଂ ସମ୍ପୂର୍ଣ୍ଣ କଶ୍‌ତିନୁହ୍ (ପୁସ୍ତକଟି) ହିଁ ପଢ଼ିବା ଉଚିତ୍ ।**

**ମୁଁ ଅଲ୍ଲାଃଙ୍କ ତରଫରୁ ପ୍ରେରିତ ବୋଲି ଏହା (ଏକ) ନିଦର୍ଶନ ହେବ ଯେ ମୋ ଘରର ଚାରିକାନ୍ଥ ଭିତରେ ରହିଥିବା ନିଷ୍ପାପର ବ୍ୟକ୍ତିଗଣ ଏହି ରୋଗର ମୃତ୍ୟୁରୁ ସୁରକ୍ଷିତ ରହିବେ ଓ ମୋର ଏହି ସମସ୍ତ ସିଲ୍‌ସିଲା ତୁଳନାତ୍ମକ ରୂପେ ଅନ୍ୟମାନଙ୍କ ମୁକାବିଲାରେ ତାଉନ୍ (ପ୍ଲେଗ୍) ର ଆକ୍ରମଣରୁ ବଂଚିଯିବ । ଏପରି ସୁରକ୍ଷିତ ରହିବାର ଦୃଷ୍ଟାନ୍ତ ଅନ୍ୟ କୌଣସି ଗୋଷ୍ଠୀଙ୍କ ମଧ୍ୟରେ ମିଳିବ ନାହିଁ ।**

# କଶ୍‌ତିନୁହ୍ ପୁସ୍ତକରୁ ସୟଦ୍‌ନା ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ

ମୁଁ ଐଶିଜ୍ଞାନର ଦୃଷ୍ଟିକୋଣରୁ କହୁଅଛି କି ସେହି ଶକ୍ତିଶାଳୀ ଇଶ୍ୱରଙ୍କ ପ୍ରତିଶୃତି ହେଉଛି ସତ୍ୟ । ମୁଁ ଆସନ୍ତା ଦିନ ଗୁଡିକୁ ଏପରି ଦେଖୁଅଛି ଯେପରି ସେ ସବୁ (ବର୍ତମାନ) ସମ୍ମୁଖରେ ଉପସ୍ଥିତ ଓ ମୁଁ ଏହା ମଧ୍ୟ ଜାଣିଛି କି ଆମର ଏହି ମହାନ୍ ସରକାରଙ୍କ ଅସଲ ଉଦ୍ଦେଶ୍ୟ ଏହା ଅଟେ କି କିପରି ଲୋକମାନେ ତାଉନ୍‌ରୁ ମୁକ୍ତି ପାଇବେ । ଯଦି ସରକାରଙ୍କୁ ଭବିଷ୍ୟତରେ ଟୀକାକରଣର କୌଣସି ଉତମ ଉପାୟ ତାଉନ୍ (ପ୍ଲେଗ୍)ରୁ ମୁକ୍ତି ପାଇବା ପାଇଁ ମିଳେ ତେବେ ସେ ଖୁସି ହୋଇ ତାହା ଗ୍ରହଣ କରିବେ । ଏହିପରି ପରିସ୍ଥିତିରେ ଯେଉଁ ମାର୍ଗରେ ଇଶ୍ୱର ମୋତେ ପରିଚାଳିତ କରାଉଛନ୍ତି ତାହା ଏହି ମହାନ୍ ସରକାରଙ୍କ ଉଦ୍ଦେଶ୍ୟର ଖିଲାପ ନୁହେଁ । ଆଜିଠାରୁ ୨୦ ବର୍ଷ ପୂର୍ବେ ଏପରି ବିଶାଳ ଅନିଷ୍ଟକାରୀ ତାଉନ୍ ବିଷୟରେ ମୋର ପୁସ୍ତକ ବରାହିନେ ଅହେମଦୀୟାରେ ଭବିଷ୍ୟବାଣୀ ସ୍ୱରୂପ ଏ ଖବର ବର୍ଣ୍ଣିତ ଅଛି ଓ ଏହି ସିଲ୍‌ସିଲା ନିମନ୍ତେ ବିଶେଷ ବୈଭବ ପ୍ରଦାନର ପ୍ରତିଶୃତି ମଧ୍ୟ ବର୍ଣ୍ଣିତ ଅଛି । ଦେଖନ୍ତୁ ବରାହିନେ ଅହେମଦୀୟା ପୃଷ୍ଠା-୫୧୮ ଓ ପୃଷ୍ଠା-୫୧୯ । ପୁଣି ଏତଦ୍‌ବ୍ୟତୀତ ଅଲ୍ଲାଃଙ୍କ ତରଫରୁ ଏକ ମହାନ୍ ଭବିଷ୍ୟବାଣୀ ମିଳିଛି କି ଇଶ୍ୱର ମୋ ଘରର ଚଉହଦୀ ଭିତରେ ଥିବା ନିଷ୍ଠାବାନ୍ ବ୍ୟକ୍ତିମାନେ, ଯେଉଁମାନେ ଇଶ୍ୱରଙ୍କ ସମ୍ମୁଖରେ ଓ ତା ପ୍ରେରିତ ଦୂତଙ୍କ ସମ୍ମୁଖରେ ଗର୍ବ ଅହଙ୍କାର କରୁନାହାଁନ୍ତି, ସେ ସେମାନଙ୍କୁ ତାଉନ୍‌ର ବିପତିରୁ ମୁକ୍ତି ଦେବ । ଅପେକ୍ଷାକୃତ ଅନ୍ୟମାନଙ୍କ ମୁକାବିଲାରେ ଏହି ସିଲ୍‌ସିଲା ଉପରେ ତାର ବିଶେଷ କୃପା ରହିବ । ଯଦିଚ କାହାର ବିଶ୍ୱାସରେ ଦୁର୍ବଳତା ବା କର୍ମରେ ହାନୀ ବା ବିଧିର ବିଧାନ ବା ଅନ୍ୟ କୌଣସି କାରଣ ଯୋଗୁ, ଯାହା ଇଶ୍ୱରଙ୍କ ଜ୍ଞାତ ସାରରେ ଥିବ (ତେବେ) କ୍ୱଚିତ୍ ଏହି ଜମାତ୍‌ରେ ମଧ୍ୟ ଘଟଣା ଘଟିପାରେ । କ୍ୱଚିତ୍‌ର ନିର୍ଦ୍ଦେଶ ନଥିବା ସହିତ ସମାନ । ସବୁବେଳେ ମୁକାବିଲା ସମୟରେ ବହୁଳତାକୁ ଦେଖାଯାଏ । ଯେପରି ସରକାର ନିଜେ ପ୍ରୟୋଗ କରି ଏହା ଜାଣିପାରିଛନ୍ତି କି ତାଉନ୍‌ର ଟୀକା ଲଗାଇଥିବା (ବ୍ୟକ୍ତି) ଅନ୍ୟମାନଙ୍କ ତୁଳନାରେ ବହୁତ କମ୍ ମରିଥାନ୍ତି । ସୁତରାଂ ଯେପରି କ୍ୱଚିତ୍ ମୃତ୍ୟୁ ଦ୍ୱାରା ଟୀକାକରଣର ଆଦୃତତାକୁ ତାହା କମ୍ କରିପାରେ ନାହିଁ, ସେହିପରି ଏହି ନିଦର୍ଶନ ବିଷୟରେ, ଯଦି ଅନ୍ୟଙ୍କ ତୁଳନାରେ ବହୁତ କମ୍ ସ୍ତରରେ କାଦିଆନ୍‌ରେ ତାଉନ୍‌ର ପ୍ରଭାବ ହେବ ବା କ୍ୱଚିତ୍ ଏ ଜମାତ୍‌ର କୌଣସି ବ୍ୟକ୍ତି ଉକ୍ତ ରୋଗ ଦ୍ୱାରା ମରିଯିବ ତେବେ ଏହି ନିଦର୍ଶନର ମର୍ଯ୍ୟାଦା କମିଯିବ ନାହିଁ । ସେହି ଶବ୍ଦଗୁଡିକ ଯାହା ଇଶ୍ୱରଙ୍କ ପବିତ୍ର ବାଣୀରୁ ପ୍ରକାଶ୍ୟ ହେଉଅଛି ତାହା ମୁତାବକ ଏହି ଭବିଷ୍ୟବାଣୀ ଲେଖାଯାଇଅଛି । ଏହା ଜ୍ଞାନୀମାନଙ୍କର କାର୍ଯ୍ୟ ନୁହେଁ କି ପ୍ରଥମରୁ ସ୍ୱର୍ଗୀୟ ବାର୍ତା ଉପରେ ଥଟ୍ଟା କରନ୍ତୁ । ଏହା ଇଶ୍ୱରଙ୍କ ବାକ୍ୟ ଅଟେ ନା ଅନ୍ୟ କୌଣସି ଜ୍ୟୋତିଷର ବାକ୍ୟ । ଏହା ଜ୍ୟୋତିର ଦୃଷ୍ଟି ଦ୍ୱାରା ପ୍ରକଟିତ ନା ଅନ୍ଧକାରର ଅଟକଳ ଦ୍ୱାରା । ଏହା ତାର ବାଣୀ ଅଟେ ଯିଏ ତାଉନ୍ ଅବତୀର୍ଣ୍ଣ କରିଛନ୍ତି ଓ ଯିଏ ତାକୁ ଦୂରେଇ ମଧ୍ୟ ପାରିବେ । ଆମ ସରକାର ସେ ସମୟରେ ନିଶ୍ଚିତ ରୂପେ ଏହି ପେଶ୍‌ଗୋଇର ସମ୍ମାନ କରିବେ ଯେବେ ସେ ଦେଖିବେ କି ଏହା କିଭଳି ଆଶ୍ଚର୍ଯ୍ୟ କାର୍ଯ୍ୟ ହେଲା କି ଟୀକା ଲଗାଇଥିବା ଲୋକଙ୍କ ତୁଳନାରେ ଏ (ଜମାତ୍‌ର) ଲୋକମାନେ କୁଶଳ ମଙ୍ଗଳରେ ଓ ସ୍ୱାସ୍ଥ୍ୟକର ଅଛନ୍ତି । ମୁଁ ସତ୍ୟ କହୁଅଛି କି ଯଦି ଏହି ପେଶ୍‌ଗୋଇଟି, ଯାହା କୋଡିଏ ବାଇଶି ବର୍ଷ ହେବ ଲଗାତାର୍ ପ୍ରସିଦ୍ଧି ପାଇ ଆସିଛି, ତାହା ପ୍ରକଟ ନହେଲା ତେବେ ମୁଁ ଇଶ୍ୱରଙ୍କ ତରଫରୁ ଆସିନାହିଁ । ମୁଁ ଅଲ୍ଲାଃଙ୍କ ତରଫରୁ ପ୍ରେରିତ ବୋଲି ଏହା (ଏକ) ନିଦର୍ଶନ ହେବ ଯେ ମୋ ଘରର ଚାରିକାନ୍ଥ ଭିତରେ ରହିଥିବା ନିଷ୍ପାପର ବ୍ୟକ୍ତିଗଣ ଏହି ରୋଗର ମୃତ୍ୟୁରୁ ସୁରକ୍ଷିତ ରହିବେ ଓ ମୋର ଏହି ସମସ୍ତ ସିଲ୍‌ସିଲା ତୁଳନାତ୍ମକ ରୂପେ ଅନ୍ୟମାନଙ୍କ ମୁକାବିଲାରେ ତାଉନ୍ (ପ୍ଲେଗ୍) ର ଆକ୍ରମଣରୁ ବଂଚିଯିବ । ଏପରି ସୁରକ୍ଷିତ ରହିବାର ଦୃଷ୍ଟାନ୍ତ ଅନ୍ୟ କୌଣସି ଗୋଷ୍ଠୀଙ୍କ ମଧ୍ୟରେ ମିଳିବ ନାହିଁ । କାଦିଆନ୍‌ରେ ଭୟଙ୍କର ଧ୍ୱଂସକାରୀ ତାଉନ୍‌ର ବିପତି ଆସିବନାହିଁ । ବହୁତ କମ୍ ଓ କ୍ୱଚିତ୍ । କାଳେ ଯଦି ଏ ଲୋକମାନେ ସରଳ ହୃଦୟ ଥାଆନ୍ତେ ଏବଂ ଇଶ୍ୱରଙ୍କୁ ଭୟ କରିଥାଆନ୍ତେ ତେବେ ସମ୍ପୂର୍ଣ୍ଣ ରୂପେ ବଂଚାଇ ଦିଆଯାଇଥାଆନ୍ତେ । କାରଣ ଧର୍ମର ବିରୁଦ୍ଧାଚରଣ ଯୋଗୁ ସଂସାରରେ କାହାକୁ ଦଣ୍ଡ ମିଳେନାହିଁ । ଏହାର ଦଣ୍ଡ କୟାମତ୍ (ମହାପ୍ରଳୟ) ଦିନ ମିଳିବ । ଏ ସଂସାରରେ କେବଳ ଦୃଷ୍ଟତା, ଧୃଷ୍ଟତା ଓ ବହୁତ ପାପ ହେବା ଯୋଗୁ ଦଣ୍ଡ ମିଳିଥାଏ ଓ ଏକଥା ମଧ୍ୟ ମନେ ରଖିବାକୁ ହେବ ଯେ ପବିତ୍ର କୋରାନ୍ ବରଂ ତୌରାତ୍‌ର କିଛି ପୁସ୍ତକରେ ମଧ୍ୟ ଏ ଖବର ଲେଖା ଅଛି କି ମସିହ୍ ମଉଦ୍‌ଙ୍କ ସମୟରେ ତାଉନ୍ ପଡ଼ିବ । ବରଂ ହଜ୍‌ରତ୍ ମସିହ୍ ଆ:ସ ମଧ୍ୟ ଇଞ୍ଜିଲ୍‌ରେ ଏହି ଖବର ଦେଇଛନ୍ତି । ତେଣୁ ନବୀମାନଙ୍କ ଭବିଷ୍ୟବାଣୀ ଗୁଡିକ ଟଳିଯିବା ଅସମ୍ଭବ ଅଟେ । ତତ୍ ସହିତ ଏକଥା ମଧ୍ୟ ମନେରଖନ୍ତୁ କି ଆମକୁ ଏହି ଐଶି ପ୍ରତିଶୃତିର ମୁକାବିଲାରେ ମାନବକୃତ ଉପାୟରୁ ଏଇଥିପାଇଁ ବଂଚିବା ଜରୁରୀ ଅଟେ, ଯଦ୍ୱାରା ଐଶି ପ୍ରତିଶୃତିକୁ କୌଣସି ଶତୃ ଅନ୍ୟ ଅର୍ଥରେ ନ ନେଇଯାଉ । କିନ୍ତୁ ତା ସହିତ ଯଦି ଇଶ୍ୱର ନିଜ ବାଣୀ ଦ୍ୱାରା ନିଜେ କୌଣସି ଉପାୟ ବୁଝାଇ ଦିଅନ୍ତି ବା କୌଣସି ଔଷଧ ବତାଇ ଦିଅନ୍ତି ତେବେ ଏପରି ଉପାୟ ବା ଔଷଧ ଏହି ନିଦର୍ଶନରେ କୌଣସି ବାଧା ଦେବନାହିଁ । କାରଣ ତାହା ସେହି ଇଶ୍ୱରଙ୍କ ତରଫରୁ ଅଛି ଯାହାଙ୍କ ତରଫରୁ ସେହି ନିଦର୍ଶନ ଆସିଛି । ଯଦି କ୍ୱଚିତ୍ ଆମ ଜମାତ୍‌ରୁ କେହି ତାଉନ୍ ଦ୍ୱାରା ମରିଯାଏ ତେବେ କୌଣସି ବ୍ୟକ୍ତିଙ୍କ ମନରେ ଏ ଭ୍ରମ ସୃଷ୍ଟି ନହେଉ କି ଏହି ନିଦର୍ଶନର ସମ୍ମାନ ଓ ମର୍ଯ୍ୟାଦାରେ କୌଣସି ପ୍ରକାରର ହାନି ଘଟିବ ବୋଲି । କାରଣ ପୂର୍ବ ଯୁଗରେ ମୁସା ଏବଂ ୟସୁ ଓ ଶେଷ ଯୁଗରେ ଆମ ନବୀ ସ:ଆ:ସଙ୍କୁ ନିର୍ଦ୍ଦେଶ ହୋଇଥିଲା କି ଯେଉଁ ଲୋକମାନେ ତରବାରୀ ଉଠାଇଥିଲେ ଓ ଶହ ଶହ ଲୋକଙ୍କୁ ହତ୍ୟା କରିଥିଲେ ସେମାନଙ୍କୁ ତରବାରୀ ଦ୍ୱାରା ହିଁ ହତ୍ୟା କରାଯାଉ । ଓ ଏହା ନବୀମାନଙ୍କ ତରଫରୁ ଏକ ନିଦର୍ଶନ/ଚିହ୍ନ ଥିଲା । ତା ପରେ ମହାନ୍ ବିଜୟ ହେଲା । ଯେବେ କି ଅତ୍ୟାଚାରୀମାନଙ୍କ ବିପକ୍ଷରେ ଅହ୍‌ଲେ ହକ୍ (ସତ୍ୟକୁ ଗ୍ରହଣ କରିଥିବା ଲୋକେ) ଅର୍ଥାତ୍- ମାନ୍ୟକାରୀମାନେ ତରବାରୀ ଜରିଆରେ ହତ୍ୟା ହେଉଥିଲେ କିନ୍ତୁ ବହୁତ କମ୍ । ଏବଂ ଏତେ ଅଳ୍ପ କ୍ଷତି ହେବା ଦ୍ୱାରା ନିଦର୍ଶନରେ କୌଣସି ଫରକ ପଡୁନଥିଲା । ସୁତରାଂ ସେହିପରି ଯଦି କ୍ୱଚିତ୍ ଆମ ଜମାତ୍‌ର କିଛି ଲୋକଙ୍କୁ, ଉପର ବର୍ଣ୍ଣିତ କାରଣ ଯୋଗୁ ତାଉନ୍ ହୋଇଯାଏ ତେବେ ଏପରି ତାଉନ୍ ଦ୍ୱାରା ଅଲ୍ଲାଃଙ୍କ ନିଦର୍ଶନରେ କୌଣସି ବାଧା ସୃଷ୍ଟି ହେବନାହିଁ । ଏହା କଣ ମହାନ୍ ନିଦର୍ଶନ ନୁହେଁ କି । ମୁଁ ବାରମ୍ବାର କହିଆସୁଛି କି ଇଶ୍ୱର ଏହି ପେଶ୍‌ଗୋଇଟିକୁ ଏପରି ପ୍ରକଟ କରିବେ କି ସତ୍ୟାନ୍ୱେଷଣ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ମନରେ କୌଣସି ଶଙ୍କା ରହିବ ନାହିଁ । ସେ ବୁଝିଯିବ କି ମୋଜେଜା (ଚମତ୍କାର/ଅଲୌକିକ ଘଟଣା) ରୂପେ ଇଶ୍ୱର ଏହି ଜମାତ୍ ସହିତ ବ୍ୟବହାର କରିଛି । ବରଂ ଅଲ୍ଲାଃଙ୍କ ନିଦର୍ଶନ ସ୍ୱରୂପ ଏହାର ଫଳ ଏପରି ବାହାରିବ କି ତାଉନ୍ ହେବା ଦ୍ୱାରା ଏ ଜମାତ୍ ବହୁତ ବଢ଼ିଯିବ ଓ ଅସାଧାରଣ ରୂପେ ଉନ୍ନତି କରିବ । ଏହି ଉନ୍ନତିକୁ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଦେଖାଯିବ ଓ ବିରୋଧିମାନେ, ଯେଉଁମାନେ ପ୍ରତ୍ୟେକ ଅବସରରେ ପରାଜୟ ଗ୍ରହଣ କରୁଛନ୍ତି, ଯେପରି ନୁଜୁଲୁଲ୍ ମସିହ୍ ପୁସ୍ତକରେ ମୁଁ ଲେଖିଛି, ଯଦି ଏହି ପେଶ୍‌ଗୋଇ ମୁତାବକ ଇଶ୍ୱର ଏହି ଜମାତ୍ ଓ ଅନ୍ୟ ଜମାତ୍ ମଧ୍ୟରେ କୌଣସି ପାର୍ଥକ୍ୟ କରି ନଦେଖାଇବେ ତେବେ ସେମାନଙ୍କୁ ଏ ଅଧିକାର ହେବ କି ସେମାନେ ମୋତେ ମିଥ୍ୟାବାଦୀ ବୋଲି କହି କେବଳ ଗୋଟିଏ ଲାନତ୍ (ଅଭିଶାପ)କୁ କିଣି ସାରିଛନ୍ତି । ଉଦାହରଣ ସ୍ୱରୂପ ବାରମ୍ବାର (ବିରୋଧିମାନେ) କୋଳାହଳ ଓ ସ୍ୱର ଉତଳନ କଲେ କି ଆଥମ୍ ୧୫ ମାସ ଭିତରେ ମଲାନାହିଁ । ଯେବେ କି ପେଶ୍‌ଗୋଇଟି ସ୍ପଷ୍ଟ ରୂପେ ଏହା କହୁଥିଲା କି ଯଦି ସେ (ଆଥମ୍) ସତ୍ୟ ପ୍ରତି ଢ଼ଳିବ ଅର୍ଥାତ୍ ସତ୍ୟ ଗ୍ରହଣ କରି ଫେରିଆସିବ ତେବେ ସେ ୧୫ ମାସ ଭିତରେ ମରିବ ନାହିଁ । ସୁତରାଂ ସେ ଜଲ୍‌ସା ମୁବାହିସା ଦିନ ୭୦ ଜଣ ସମ୍ମାନୀୟ ବ୍ୟକ୍ତିଙ୍କ ସମ୍ମୁଖରେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଦଜ୍ଜାଲ୍ କହିବାରୁ ନିବୃତ ରହିବ ବୋଲି ସ୍ୱୀକାର କଲା । ନା କେବଳ ଏତିକି ବରଂ ସେ ପନ୍ଦର ମାସ ପର୍ଯ୍ୟନ୍ତ ଭୟଭୀତ ହୋଇ ଚୁପ୍ ରହି ନିଜର ରୁଜୁ (ପ୍ରତ୍ୟାଗମନ)କୁ ପ୍ରମାଣିତ କଲା । ପେଶ୍‌ଗୋଇର ଆଧାର ଏହା ଥିଲା କି ସେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଦଜ୍ଜାଲ୍ କହିଥିଲା । ତେଣୁ ସେ ରୋଜୁରୁ କେବଳ ଏତିକି ଲାଭ ଉଠାଇଲା କି ପନ୍ଦର ମାସ ପରେ ମଲା । ଏହା ଏଇଥିପାଇଁ ହେଲା କି ପେଶ୍‌ଗୋଇରେ ଏହା ବର୍ଣ୍ଣନା ଥିଲା କି ଦୁଇପକ୍ଷ ମଧ୍ୟରୁ ଯେଉଁ ବ୍ୟକ୍ତି ନିଜ ଅକିଦା (ବିଶ୍ୱାସ) ଦୃଷ୍ଟିକୋଣରୁ ମିଥ୍ୟାବାଦୀ ଥିବ ସେ ପ୍ରଥମେ ମରିବ । ତେଣୁ ସେ ମୋ ପୂର୍ବରୁ ହିଁ ମରିଗଲା । ଏହିପରି ସେହି ଶୂନ୍ୟରୁ ମିଳିଥିବା ଭବିଷ୍ୟ କଥାଗୁଡିକ, ଯେଉଁଗୁଡିକୁ ଇଶ୍ୱର ମୋତେ ବତାଇଥିଲେ ତାହା ସବୁ ନିଜର ଠିକ୍ ସମୟରେ ପୁରଣ ହେଲା । ତାହା ଦଶହଜାର ସଂଖ୍ୟାରୁ କମ୍ ନୁହେଁ । କିନ୍ତୁ ନୁଜୁଲୁଲ୍ ମସିହ୍ ପୁସ୍ତକରେ ଯାହା ବର୍ତମାନ ଛପାଯାଉଛି ଉଦାହରଣ ସ୍ୱରୂପ ସେଥିମଧ୍ୟରୁ କେବଳ ଦେଢ଼ଶହ ପ୍ରମାଣ ଓ ସାକ୍ଷୀ ସହିତ ଲେଖାଯାଇଅଛି ।

(କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୩)

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

# ଖୁତ୍‌ବା ଇଦୁଲ୍ ଅଜିହା

ମୁସଲ୍‌ମାନ୍ ମାନଙ୍କୁ ଏହା ମଧ ନିର୍ଦ୍ଦେଶ ଦିଆଯାଇଛି କି ଯେଉଁମାନଙ୍କୁ ଅଲ୍ଲାଃତାଲା ଏ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରିଛନ୍ତି, ସେ ଚାହେ ହଜ୍ ପାଇଁ ଯାଆନ୍ତୁ ବା ନଯାଆନ୍ତୁ । ସେମାନଙ୍କୁ କୁର୍ବାନୀ କରିବା ସାମର୍ଥ୍ୟ ଦିଆଯିବା ଯୋଗୁ ସେହି ଦିନ ଗୁଡିକରେ ପଶୁ କୁର୍ବାନୀ ଦେବା ଜରୁରୀ ଅଟେ । ସୁତରାଂ ସେଇଥିପାଇଁ ଏ ଦୁନିଆରେ କୋଟି କୋଟି ମୁସଲ୍‌ମାନ୍ ଇଦୁଲ୍ ଅଜିହା, ଯାହା ହଜ୍ ଓ ହଜ୍‌ରତ୍ ଇବ୍ରାହିମ୍ ଏବଂ ହଜ୍‌ରତ୍ ଇସ୍‌ମାଇଲ୍ ଆ:ସଙ୍କ କୁର୍ବାନୀ ଯୋଗୁ ପାଳନ କରାଯାଉଛି, ଏଥିରେ ପଶୁମାନଙ୍କୁ କୁର୍ବାନୀ କରୁଛନ୍ତି କିନ୍ତୁ କେବଳ ପଶୁଙ୍କ କୁର୍ବାନୀ କରିବା ଦ୍ୱାରା ମନୁଷ୍ୟ ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ଗ୍ରହଣୀୟ ହୋଇନଥାଏ ବରଂ ଅଲ୍ଲାଃତାଲା ଏହି ଆୟତରେ ଏ ବିଷୟ ମଧ ବର୍ଣ୍ଣନା କରିଛନ୍ତି ଓ ବିଶ୍ୱାସକାରୀମାନଙ୍କୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି କି ଅସଲ କଥା ହେଉଛି ତୁମ ହୃଦୟର ପବିତ୍ରତା ଓ ନିଷ୍ଠା, ଯାହାକୁ ଅଲ୍ଲାଃତାଲା ସମ୍ମାନ କରିଥାଏ ।

ଅଲ୍ଲାଃତାଲାଙ୍କ ସହିତ ପ୍ରେମ, ତାର ଭୟ ଓ ତାର ପଦମର୍ଯ୍ୟାଦା ଓ ତାର ଅସ୍ତିତ୍ୱକୁ ଚିହ୍ନିବା ଏହି ସମସ୍ତ ଜିନିଷ ଯେ ମାରେଫତ୍ ସୃଷ୍ଟି କରିଥାନ୍ତି ଓ ଯେବେ ଏହି ମାରେଫତ୍ ସୃଷ୍ଟି ହୋଇଯାଏ ତେବେ ମନୁଷ୍ୟ ପ୍ରତ୍ୟେକ ପ୍ରକାର ପାପରୁ ବଂଚିଥାଏ ।

ଜାହିରି ନମାଜ ଓ ରୋଜା, ଯଦି ତା ସହିତ ନିଷ୍ଠା ଓ ସତ୍ୟତା ନଥିବ ତେବେ ତାହା କୌଣସି ପ୍ରକାର ଉତମତା ନିଜ ଭିତରେ ରଖେନାହିଁ ।

ଧର୍ମପରାୟଣ ବ୍ୟକ୍ତିମାନଙ୍କ ନିମନ୍ତେ ଏ ସର୍ତ ରହିଛି କି ସେମାନେ ତାଙ୍କର ଜୀବନ ଗରିବି ଓ ଅଭାବୀ ଲୋକଙ୍କ ପରି ଅତିବାହିତ କରନ୍ତୁ ।

ସଚ୍ଚା ମାରେଫତ୍ (ଅଲ୍ଲାଃଙ୍କୁ ଚିହ୍ନିବାରେ ଜ୍ଞାନ) ବିନମ୍ରତାରୁ ହିଁ ଆସିଥାଏ । ସେଥିପାଇଁ ମନୁଷ୍ୟ ଅତ୍ୟନ୍ତ ବିନମ୍ରତାର ସହିତ ଖୁଦାତାଲାଙ୍କ ନିକଟରେ ନତମସ୍ତକ ହେବା ଉଚିତ୍ ଏବଂ ତାଠାରୁ ହିଁ ସାହାଯ୍ୟ ଭିକ୍ଷା କରିବା ଉଚିତ୍ ।

''ଯେପର୍ଯ୍ୟନ୍ତ କୌଣସି ଜମାତ୍ ଖୁଦାତାଲାଙ୍କ ଦୃଷ୍ଟିରେ ମୁତ୍‌ତକି ନହୋଇଛି ଖୁଦାତାଲାଙ୍କର ସାହାଯ୍ୟ ତା ସହିତ କେବେ ରହିପାରିବ ନାହିଁ'' । ତେଣୁ ଏଥିପ୍ରତି ଆମକୁ ବହୁତ ଧ୍ୟାନ ଦେବା ଉଚିତ୍

## ଖୁତ୍‌ବା ଇଦୁଲ୍ ଅଜିହା : ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ଅ.ବ

## ପ୍ରଦତ୍ତ: ୨ ସେପ୍‌ଟେମ୍ବର୍ ୨୦୧୭ ଅନୁଯାୟୀ ୨ ତବୁକ୍ ୧୩୯୬ ହିଜ୍‌ରି ଶମ୍‌ସି, ସ୍ଥାନ-ମସ୍‌ଜିଦ୍ ବଇତୁଲ୍ ଫୁତୁହ୍, ଲଣ୍ଡନ୍, ୟୁ.କେ

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ
وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ-
بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ الرَّحْمٰنِ الرَّحِيْمِ
مٰلِكِ يَوْمِ الدِّيْنِ إِيَّاكَ نَعْبُدُ وَإِيَّاكَ نَسْتَعِيْنُ
اِهْدِنَا الصِّرَاطَ الْمُسْتَقِيْمَ صِرَاطَ الَّذِيْنَ
أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ

لَنْ يَّنَالَ اللّٰهَ لُحُوْمُهَا وَلَا دِمَآؤُهَا وَلٰكِنْ يَّنَالُهُ
التَّقْوٰى مِنْكُمْ ۔ كَذٰلِكَ سَخَّرَهَا لَكُمْ لِتُكَبِّرُوا
اللّٰهَ عَلٰى مَا هَدٰىكُمْ ۔ وَبَشِّرِ الْمُحْسِنِيْنَ (الحج:38)

ଏହି ଆୟତର ଅନୁବାଦ ହେଉଛି – (ମନେରଖ) ସେମାନଙ୍କ ମାଂସ ଓ ରକ୍ତ କଦାପି ଅଲ୍ଲାଃଙ୍କ ନିକଟରେ ପହଂଚେନାହିଁ କିନ୍ତୁ ତୁମମାନଙ୍କର ଆନ୍ତରିକ ଧର୍ମ ପରାୟଣତା ତାହାଙ୍କ ନିକଟରେ ପହଂଚେ (ବସ୍ତୁତଃ) ଏହିପରି ଭାବେ ଅଲ୍ଲାଃ ସେମାନଙ୍କୁ ତୁମମାନଙ୍କ ସେବାରେ ନିୟୋଜିତ କରିଛନ୍ତି । ଯାହାଫଳରେ କି ତୁମେମାନେ ଅଲ୍ଲାଃଙ୍କର ମହିମାଗାନ କରିବ, କାରଣ ସେ ତୁମମାନଙ୍କୁ ସତ୍‌ପଥ ପ୍ରଦର୍ଶନ କରାଇଛନ୍ତି ଏବଂ (ଇସ୍‌ଲାମ୍ ଧର୍ମ ବିଧିବିଧାନ ଗୁଡିକୁ ସମ୍ପୂର୍ଣ୍ଣ ରୂପେ ପାଳନ କରୁଥିବା) ପୁଣ୍ୟବାନ୍ ମାନଙ୍କୁ ତୁମେ ସୁସମାଚାର ପ୍ରଦାନ କର ।

ଏହି ଆୟତ କୁର୍ବାନୀ ବିଷୟରେ ବର୍ଣ୍ଣନା କରୁଥିବା ଆୟତ ଗୁଡିକ ମଧ୍ୟରୁ ଗୋଟିଏ ଏବଂ ହଜ୍ ସମ୍ବନ୍ଧରେ ବର୍ଣ୍ଣନା କରୁଥିବା ଆୟତ ଗୁଡିକ ସହିତ ଏହା ରଖାଯାଇଛି । ମୁସଲ୍‌ମାନ୍ ମାନଙ୍କୁ ଏହା ମଧ ନିର୍ଦ୍ଦେଶ ଦିଆଯାଇଛି କି ଯେଉଁମାନଙ୍କୁ ଅଲ୍ଲାଃତାଲା ଏ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରିଛନ୍ତି, ସେ ଚାହେ ହଜ୍ ପାଇଁ ଯାଆନ୍ତୁ ବା ନଯାଆନ୍ତୁ । ସେମାନଙ୍କୁ କୁର୍ବାନୀ କରିବା ସାମର୍ଥ୍ୟ ଦିଆଯିବା ଯୋଗୁ ସେହି ଦିନ ଗୁଡିକରେ ପଶୁ କୁର୍ବାନୀ ଦେବା ଜରୁରୀ ଅଟେ । ସୁତରାଂ ସେଇଥିପାଇଁ ଏ ଦୁନିଆରେ କୋଟି କୋଟି ମୁସଲ୍‌ମାନ୍ ଇଦୁଲ୍ ଅଜିହା, ଯାହା ହଜ୍ ଓ ହଜ୍‌ରତ୍ ଇବ୍ରାହିମ୍ ଏବଂ ହଜ୍‌ରତ୍ ଇସ୍‌ମାଇଲ୍ ଆ:ସଙ୍କ କୁର୍ବାନୀ ଯୋଗୁ ପାଳନ କରାଯାଉଛି, ଏଥିରେ ପଶୁମାନଙ୍କୁ କୁର୍ବାନୀ କରୁଛନ୍ତି କିନ୍ତୁ କେବଳ ପଶୁଙ୍କ କୁର୍ବାନୀ କରିବା ଦ୍ୱାରା ମନୁଷ୍ୟ ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ଗ୍ରହଣୀୟ ହୋଇନଥାଏ ବରଂ ଅଲ୍ଲାଃତାଲା ଏହି ଆୟତରେ ଏ ବିଷୟ ମଧ ବର୍ଣ୍ଣନା କରିଛନ୍ତି ଓ ବିଶ୍ୱାସକାରୀମାନଙ୍କୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି କି ଅସଲ କଥା ହେଉଛି ତୁମ ହୃଦୟର ପବିତ୍ରତା ଓ ନିଷ୍ଠା, ଯାହାକୁ ଅଲ୍ଲାଃତାଲା ସମ୍ମାନ କରିଥାଏ ।

ସୁତରାଂ ଜଣେ ମୋମିନ୍ ଏଥିରେ ଖୁସି ନହୋଇଯାଉକି ମୁଁ ଇଦ୍‌ରେ ଏତେ ମୋଟା ଓ ଏତେ ଦାମିକା ପଶୁ କୁର୍ବାନୀ ଦେଇଛି । ଯଦି ତକ୍‌ୱା (ନିଷ୍ଠା) ନାହିଁ ଓ ଏହି କୁର୍ବାନୀ ଦେବା ଦ୍ୱାରା ତୁମ ହୃଦୟରେ କୌଣସି ପବିତ୍ର ପରିବର୍ତନ ହେଉନାହିଁ ତେବେ ତୁମେ ଯେତେ ମୋଟା ଓ ଯେତେ ଦାମିକା ପଶୁ କୁର୍ବାନୀ ଦେଇଦିଅ ତାହା ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ବେକାର ଅଟେ । ଏହି ବିଷୟର ତାତ୍ପର୍ଯ୍ୟ ଓ ଏହାର ଗଭୀରତା ଓ ବ୍ୟାଖ୍ୟା ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବିଭିନ୍ନ ସ୍ଥାନରେ ବର୍ଣ୍ଣନା କରିଛନ୍ତି । ତେଣୁ ଏ ପ୍ରସଙ୍ଗରେ ମୁଁ ଆପଣ ଆ:ସଙ୍କ କିଛି ହୱାଲା ଉପସ୍ଥାପନ କରୁଅଛି ।

ଏକଥାକୁ ବର୍ଣ୍ଣନା କରି ଅର୍ଥାତ୍ ଇସ୍‌ଲାମ୍ ନାମ ହେଉଛି ନିଜ ଆତ୍ମାର ସମ୍ପୂର୍ଣ୍ଣ ପ୍ରସନ୍ନତା ସହିତ ଇଶ୍ୱରଙ୍କ ପାଦତଳେ ରଖିଦେବାର ନାମ ବା ନିଜକୁ ଜେଭ (ବଳି) ଦେବା ପାଇଁ ପେଶ୍ କରିଦେବା । ପୁଣି କହୁଛନ୍ତି କି ଏହି ମକ୍କାମ୍ (ଉପାଧି/ସ୍ତର) ଖୁଦାତାଲାଙ୍କ ସମ୍ପୂର୍ଣ୍ଣ ମାରେଫତ୍ (ଜ୍ଞାନ) ହାସଲ ପରେ ମିଳିଥାଏ । ସମ୍ପୂର୍ଣ୍ଣ ମାରେଫତ୍ କିପରି ହାସଲ ହୁଏ ? ଏ ସମ୍ବନ୍ଧରେ ହଜୁର୍ ଆ:ସ କହୁଛନ୍ତି କି ''ଭୟ, ପ୍ରେମ ଓ ସମ୍ମାନର ମୂଳ ହେଉଛି ସମ୍ପୂର୍ଣ୍ଣ ମାରେଫତ୍ । ତେଣୁ ଯାହାଙ୍କୁ ସମ୍ପୂର୍ଣ୍ଣ ମାରେଫତ୍ ମିଳିଯାଏ ତାକୁ ଭୟ ଓ ପ୍ରେମ ମଧ ସମ୍ପୂର୍ଣ୍ଣ ରୂପେ ପ୍ରଦାନ କରାଯାଏ ଓ ଯାହାଙ୍କୁ ଭୟ ଓ ପ୍ରେମ ସମ୍ପୂର୍ଣ୍ଣ ରୂପେ ପ୍ରଦାନ କରାଯାଏ । ତାଙ୍କୁ ପ୍ରତ୍ୟେକ ପ୍ରକାର ପାପରୁ ମୁକ୍ତି ଦିଆଯାଏ, ଯାହା ଧୃଷ୍ଟତା ଯୋଗୁ ସୃଷ୍ଟି ହୋଇଥାଏ'' । ତେଣୁ ଅଲ୍ଲାଃତାଲାଙ୍କ ପ୍ରେମ ଓ ତାର ଭୟ ଓ ତାର ପଦମର୍ଯ୍ୟାଦା ଓ ତାର ଅସ୍ତିତ୍ୱକୁ ଚିହ୍ନିବା ଏହି ସମସ୍ତ ଜିନିଷ ମାରେଫତ୍ (ପ୍ରକୃତଜ୍ଞାନ) ସୃଷ୍ଟି କରିଥାଏ । ଯେବେ ଏହି ମାରେଫତ୍ ସୃଷ୍ଟି ହୋଇଯାଏ ସେତେବେଳେ ମନୁଷ୍ୟ ସମସ୍ତ ପାପରୁ ବଂଚିଥାଏ । ପୁଣି ଆପଣ ଆ:ସ କହୁଛନ୍ତି କି ଏହାଦ୍ୱାରା ମନୁଷ୍ୟକୁ ଗୁନ୍‌ହାରୁ ମୁକ୍ତି ମିଳିଥାଏ । କାରଣ ତାକୁ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱର ସଠିକ୍ ଜ୍ଞାନ ହାସଲ ହୋଇଯାଏ । ପୁଣି ଆପଣ କହୁଛନ୍ତି ''ତେଣୁ ଆମେ ଏହି ମୋକ୍ଷ ପାଇଁ ନା କୌଣସି ରକ୍ତ ବୁହାଇବାର ଆବଶ୍ୟକ କରୁଛି ଏବଂ ନା କୌଣସି କୃଶର ଆବଶ୍ୟକ ମଣୁଛୁ ଓ ନା କୌଣସି ପ୍ରକାର କଫାରା ଆମର ଆବଶ୍ୟକ ଅଛି । ବରଂ ଆମେ କେବଳ ଗୋଟିଏ କୁର୍ବାନୀର ଆଶ୍ରିତ ଅଟୁ ସେ ହେଉଛି ନିଜ ମନର କୁର୍ବାନୀ, ଯାହାର ଆବଶ୍ୟକତାକୁ ଆମ ପ୍ରକୃତି ଅନୁଭବ କରୁଛି । ଏହିଭଳି କୁର୍ବାନୀକୁ ଅନ୍ୟ ଶବ୍ଦରେ ଇସ୍‌ଲାମ୍ କୁହାଯାଏ'' । ଯେବେ ନିଜ ମନର କୁର୍ବାନୀ ହେବ ତେବେ ଯାଇ ଜଣେ ସଠିକ୍ ମୁସଲ୍‌ମାନ୍ ହୋଇପାରିବ । ପୁଣି ସେ କହୁଛନ୍ତି କି ''ଇସ୍‌ଲାମ୍‌ର ଅର୍ଥ ହେଉଛି ଜେଭ ହେବା ପାଇଁ ନିଜ ବେକକୁ ଆଗକୁ ରଖିଦେବା ଅର୍ଥାତ୍ ସମ୍ପୂର୍ଣ୍ଣ ପ୍ରସନ୍ନତାର ସହିତ ନିଜ ଆତ୍ମାକୁ ଖୁଦାତାଲାଙ୍କ ସମ୍ମୁଖରେ ରଖିଦେବା'' । ପୁଣି କହୁଛନ୍ତି କି ''ଏହି ପ୍ରିୟ ନାମଟି ସମସ୍ତ ଶରୀୟତ୍‌ର ଆତ୍ମା ଅଟେ ଓ ସମସ୍ତ ନିର୍ଦ୍ଦେଶାବଳୀର ଜିବନ ଅଟେ । ଜେଭ ହେବା ପାଇଁ ନିଜ ମନ ଇଛାରେ ଓ ସନ୍ତୋଷତାର ସହିତ ବେକକୁ ଆଗେ ରଖିଦେବା ହେଉଛି ସମ୍ପୂର୍ଣ୍ଣ ପ୍ରେମ'' । ଆନନ୍ଦିତ ହୋଇ ଓ ପ୍ରସନ୍ନତାର ସହିତ ନିଜ ବେକକୁ ମନୁଷ୍ୟ ସେତେବେଳେ ଉପସ୍ଥାପନ କରେ ବା କୁର୍ବାନୀ ସେତେବେଳେ ଦିଆଯାଏ ଯେତେବେଳେ ପ୍ରେମ ମଧ ସମ୍ପୂର୍ଣ୍ଣ ହୋଇଥାଏ ଏବଂ କହିଲେ କି ''ସମ୍ପୂର୍ଣ୍ଣ ପ୍ରେମ ସମ୍ପୂର୍ଣ୍ଣ ମାରେଫତ୍ ଆବଶ୍ୟକ କରିଥାଏ । ସୁତରାଂ ଇସ୍‌ଲାମ୍‌ର ଶବ୍ଦ ଏକଥାପ୍ରତି ଇଂଗିତ କରୁଛି କି ବାସ୍ତବିକ କୁର୍ବାନୀ ନିମନ୍ତେ ସମ୍ପୂର୍ଣ୍ଣ ମାରେଫତ୍ ଓ ସମ୍ପୂର୍ଣ୍ଣ ପ୍ରେମର ଆବଶ୍ୟକ ରହିଛି । ଆଉ କୌଣସି ଜିନିଷର ଆବଶ୍ୟକ ନାହିଁ । ଏଥିପ୍ରତି ଖୁଦାତାଲା ପବିତ୍ର କୋରାନ୍‌ରେ କହୁଛନ୍ତି *ଲଇଁ ୟନାଲଲ୍‌ଲାହା ଲହୁମୁହା ୱଲା ଦିମାଉହା ୱଲାକିନ୍ ୟନାଲୁହୁତ୍ ତକ୍‌ୱା ମିନ୍‌କୁମ୍* ଅର୍ଥାତ୍ ତୁମ (କୁର୍ବାନୀ) ଗୁଡିକର ନା ତ ମାଂସ ମୋ ପାଖକୁ ପହଂଚି ପାରିବ ଏବଂ ନା ରକ୍ତ । ବରଂ କେବଳ ଏହି କୁର୍ବାନୀ ହିଁ ମୋ ପର୍ଯ୍ୟନ୍ତ ପହଂଚିଥାଏ'' । ଏହି କୁର୍ବାନୀ କଣ ? ''ଅର୍ଥାତ୍ ତୁମେ ମୋତେ ଭୟ କର ଓ ମୋ ପାଇଁ ତକ୍‌ୱା ଗ୍ରହଣ କର'' ।

(ଲେକ୍‌ଚର୍ ଲାହୋର୍ ରୁହାନି ଖଜାଏନ୍, ଖଣ୍ଡ-୨୦, ପୃଷ୍ଠା-୧୫୧-୧୫୨)

ତେଣୁ ଏହି ଫିଲୋସଫିକୁ ବୁଝିବା ଆବଶ୍ୟକ । ଅଲ୍ଲାଃତାଲା ଏପରି କୌଣସି ବସ୍ତୁ ନୁହଁନ୍ତି ଯାହା ଭୟାନକ । କିନ୍ତୁ ସେ କହୁଅଛି କି ମୋତେ ଡର ଅର୍ଥାତ୍ ଭୟଙ୍କର ଅଟେ । ତେଣୁ ତାକୁ ଭୟ କରିବା ଆବଶ୍ୟକ ନୁହେଁ ବରଂ ଅଲ୍ଲାଃତାଲାଙ୍କ ଭୟ ହେଉଛି ଏପରି ଯାହା ପ୍ରେମର ଶେଷ ସୀମା ଯୋଗୁ ଜଣେ ତା ନିକଟ ସମ୍ପର୍କୀୟଠାରୁ ନାରାଜ ହୋଇଯିବା ଯୋଗୁଁ ସୃଷ୍ଟି ହୁଏ । ଉଦାହରଣ ସ୍ୱରୂପ ପିଲାଙ୍କୁ ଯଦି ମା'ର ଭୟ ଅଛି ଏଥିଯୋଗୁ କି ତା ମା' ତାଠାରୁ ନାରାଜ ନହୋଇଯାଉ । ଏଥିଯୋଗୁ ନୁହେଁ କି ତା ମା' କୌଣସି ଭୟଙ୍କର ପଦାର୍ଥ ଅଟେ । ବରଂ ମା' ପରି ପ୍ରେମ କେଉଁଠାରେ ମିଳେନାହିଁ ଓ ପିଲାଙ୍କର ମା' ସହିତ ଏକ ବିଶେଷ ସମ୍ପର୍କ ଥାଏ । ଯେଉଁଥିପାଇଁ ମା'କୁ ନାରାଜ କରିବାକୁ ଚାହେଁ ନାହିଁ । ତାର ପ୍ରତ୍ୟେକ କଥାକୁ ସମ୍ମାନ ଦେବାକୁ ଚାହେଁ । ବଡ ବୟସରେ ପହଂଚିବା ପରେ ମଧ ମା' ବାପାଙ୍କ ସହିତ ପ୍ରେମ କରୁଥିବା ପିଲାମାନେ ଏହା କଦାପି ଚାହାଁନ୍ତି ନାହିଁ ତାଙ୍କ ମା' ବାପା ତାଙ୍କଠାରୁ ନାରାଜ ହୁଅନ୍ତୁ ଓ ସେମାନଙ୍କୁ ରାଜି ରଖିବା ପାଇଁ ଯଥା ସମ୍ଭବ ଚେଷ୍ଟା କରିଥାନ୍ତି ବା ସାଂସାରିକ ପ୍ରେମକୁ ଆମେ ଦେଖିଛେ ଯାହା ଅସ୍ଥାୟୀ ପ୍ରେମ ଅଟେ । ଅର୍ଥାତ୍ ପ୍ରେମିକାର ନଖରାକୁ ବର୍‌ଦାସ୍ତ କରିବା ପାଇଁ କିଛି ସାଂସାରିକ ପ୍ରେମିକ କଣ କୁନାହାଁନ୍ତି । ଏହା ତ ଅସ୍ଥାୟୀ ପ୍ରେମ ଯାହା ଏକ ସମୟରେ ଶେଷ ହୋଇଯାଏ ଏବଂ ଏହା ଦେଖାଯାଇଛି ଗୋଟିଏ ସମୟରେ ଏହି ପ୍ରେମ ନିଃଶେଷ ହୋଇଯାଏ । କିନ୍ତୁ ଖୁଦାତାଲାଙ୍କ ପ୍ରେମ ଏପରି ଅଟେ ଯାହା ଇହକାଳ ଓ ପରକାଳକୁ ସୁଧାରି ଦେଇଥାଏ । ତେଣୁ ଖୁଦାତାଲାଙ୍କ ପାଇଁ ଯେଉଁ ଭୟ ଅଛି ଯାହାକୁ ଅଲ୍ଲାଃତାଲା ନିଜ ହୃଦୟରେ ସୃଷ୍ଟି କରିବା ପାଇଁ କହୁଛନ୍ତି ତାହା କେବଳ ପ୍ରେମଯୋଗୁ ହିଁ ହୋଇଥାଏ । ଖୁଦାତାଲାଙ୍କ ମୋକାମ୍ ଓ ସମ୍ମାନ ଯୋଗୁ ହିଁ ହୋଇଥାଏ । ଆପଣ ଆ:ସ କହୁଛନ୍ତି କି ଯେପର୍ଯ୍ୟନ୍ତ ଖୁଦାତାଲାଙ୍କ ମାରେଫତ୍ ହାସଲ୍ ନହେବ ସେପର୍ଯ୍ୟନ୍ତ ତାକୁ ପ୍ରକୃତ ଭୟ ହୋଇପାରିବ ନାହିଁ । ଏହି କାରଣ ଯୋଗୁଁ ମନୁଷ୍ୟ ବହୁତ ଗୁଡିଏ ପାପ ଏଥିପାଇଁ କରିଥାଏ କି ଖୁଦାତାଲାଙ୍କ ମାରେଫତ୍ ତାକୁ ମିଳିନଥାଏ । ସେହିପରି ଅଲ୍ଲାଃତାଲାଙ୍କ ସହିତ ମୌଖିକ ପ୍ରେମର ଦାବୀ ତ କରୁଛନ୍ତି କିନ୍ତୁ ଅଧିକାଂଶ ସମୟ ସାଂସାରିକ ଓ ଭୌତିକ ବସ୍ତୁ ସହିତ ପ୍ରେମ କରିବା ଖୁଦାତାଲାଙ୍କ ପ୍ରେମ ଉପରେ ବିଜୟ ପାଉଛି । ତେଣୁ ମନୁଷ୍ୟ ସାଂସାରିକ ଅସ୍ଥାୟୀ ଲାଭ ପାଇଁ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ ଗୁଡିକୁ ଭୁଲି ଯାଉଛି । ପୁଣି ଅଲ୍ଲାଃତାଲାଙ୍କୁ ସମସ୍ତ ଶକ୍ତିର ମାଲିକ ବୋଲି କହିଥାଏ କିନ୍ତୁ ଏ ସାଂସାରିକ ମାଲିକ ମାନଙ୍କୁ ଖୁସି କରାଇବା

*ଅବଶିଷ୍ଟାଂଶ ପୃଷ୍ଠା-୫ ରେ ଦେଖନ୍ତୁ...*

# ଖୁତ୍‌ବା ଜୁମା

ଅହେମଦିମାନଙ୍କ ପାଇଁ ପାକିସ୍ତାନର ପରିସ୍ଥିତି ଅନୁକୂଳ ନୁହେଁ କି ସେଠାରେ ସ୍ୱାଧୀନ ଭାବରେ ନିଜକୁ ମୁସଲମାନ କହିପାରିବେ କିମ୍ବା ଇସଲାମୀୟ ଉପାସନା ଓ ରୀତିନୀତି ପାଳନ କରିପାରିବେ । କେତେକ ଲୋକ ସଠିକ୍ ରୂପେ ନିଜର ଅବସ୍ଥା ଉପସ୍ଥାପନ କରିଥାନ୍ତି କିନ୍ତୁ ଆଉ କିଛି ଲୋକ (ନିଜ ଅସଲ ଉଦ୍ଦେଶ୍ୟ) ଗୋପନ ରଖିଥାନ୍ତି ଯେତେବେଳେ କି ଏହାର ଆବଶ୍ୟକତା ହିଁ ନଥାଏ । ମୁଁ ଅନେକ ଥର ବର୍ଣ୍ଣନା କରିଛି କି ଯଦି ପ୍ରକୃତ ଓ ସତ କଥା କୁହାଯାଏ ଏବଂ ଧର୍ମ ନାମରେ ଆମ ଉପରେ ଯେଉଁ ଅତ୍ୟାଚାର ହେଉଅଛି କେବଳ ତାହା ହିଁ ଦର୍ଶାଯାଏ କି ଏଭଳି ଅବସ୍ଥାରେ ମୋର ସେଠାରେ ରହିବା ମୋତେ ମାନସିକ ସ୍ତରରେ ବହୁତ କଷ୍ଟ ପହଁଚାଉଅଛି କିମ୍ବା ପହଂଚାଇବ ତେବେ ଏମାନେ ତାହା ବୁଝିଥାନ୍ତି । ସୁତରାଂ ଅନ୍ୟମାନଙ୍କ କହିବାରେ କିମ୍ବା ଓକିଲମାନଙ୍କ କହିବା ଅନୁସାରେ ନିଜ କଥାକୁ ଅଧିକ ବଢାଇଚାଢାଇ କହିବା ଉଚିତ୍ ନୁହେଁ ।

ଏଠି ସବୁ ସ୍ଥାନରେ ଅହେମଦୀ ଅଛନ୍ତି । ନିଜ ନିଜ ପରିସର ଓ ମାହୋଲ୍‌ରେ ଏକଥା ବତାନ୍ତୁ କି ପ୍ରକୃତ ଇସ୍‌ଲାମ୍ କଣ । ପ୍ରତ୍ୟେକ ଅହେମଦୀର କାର୍ଯ୍ୟଶୈଳୀ, ତାର ଚରିତ୍ର, ତାର ଉପାସନାର ସ୍ତର ଏପରି ହେଉ ଯଦ୍ୱାରା ଅନ୍ୟମାନଙ୍କର ଧ୍ୟାନକୁ ସେ ନିଜ ଆଡକୁ ଆକର୍ଷଣ କରାଉଥିବେ । ଏହାଦ୍ୱାରା ଯେଉଁଠି ଅହେମଦୀମାନେ ଅନ୍ୟମାନଙ୍କ ଠାରୁ ବିଶେଷ ରୂପେ ଭିନ୍ନ ରହିବେ ସେଠାରେ ସ୍ଥାନୀୟ ଲୋକମାନଙ୍କୁ ତବ୍‌ଲିଗ୍ କରିବା ପାଇଁ ରାସ୍ତା ମଧ୍ୟ ଖୋଲିଯିବ ।

## ଖୁଲାସା ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]
## (ପ୍ରଦତ୍ତ: ୬ ଏପ୍ରିଲ ୨୦୧୮ ଅନୁଯାୟୀ ୬ ଶାହାଦତ୍ ୧୩୯୭ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ ـ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ إِيَّاكَ نَعْبُدُ وَإِيَّاكَ نَسْتَعِيْنُ ـ
اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ـ

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ସ୍ପେନ୍ ପାଶ୍ଚାତ୍ୟ ଦେଶମାନଙ୍କ ମଧ୍ୟରୁ (ଗୋଟିଏ) ଦେଶ ଅଟେ କିନ୍ତୁ ଅର୍ଥନୈତିକ ଦୃଷ୍ଟିକୋଣରୁ ଏହା ୟୁରୋପର ଦୁର୍ବଳ ଦେଶମାନଙ୍କ ମଧ୍ୟରେ ପରିଗଣିତ ହୋଇଥାଏ । କାର୍ଯ୍ୟ କରିବାର ସୁଯୋଗ, ଜୀବନଜାପନ ଶୈଳୀର ସ୍ତର ଇତ୍ୟାଦି କ୍ଷେତ୍ରରେ ୟୁରୋପର ଅନ୍ୟାନ୍ୟ ଦେଶ ଉଦାହରଣସ୍ୱରୂପ ଫ୍ରାନସ୍, ଜର୍ମାନୀ, ହଲାଣ୍ଡ କିମ୍ବା ଇଂଲଣ୍ଡ ତୁଳନାରେ ଏହାର ସ୍ତର ନିମ୍ନମାନର ଅଟେ । କିନ୍ତୁ ଏହାସତ୍ୱେ ପାକିସ୍ତାନ ତୁଳନାରେ ଏହି ଦେଶର ଅର୍ଥନୈତିକ ଅବସ୍ଥା ବେଶ୍ ସ୍ୱଚ୍ଛଳ ଅଟେ । ଏହି କାରଣରୁ ଅନେକ ପାକିସ୍ତାନି କାରବାର ଓ ଚାକିରୀ କରିବା ପାଇଁ ଏଠାକୁ ଚାଲିଆସିଥାନ୍ତି । ଯେପର୍ଯ୍ୟନ୍ତ ଅହେମଦିମାନଙ୍କ କଥା ରହିଛି ତେବେ ସେମାନଙ୍କର ପାକିସ୍ତାନ ଛାଡ଼ିବାର ମୂଖ୍ୟ କାରଣ ଧାର୍ମିକ ପ୍ରତିବନ୍ଧତା ଓ ସ୍ୱାଧୀନ ଭାବରେ ଧର୍ମକର୍ମ ସମ୍ପାଦନ କରିନପାରିବା ଅଟେ । **ଦ୍ୱିତୀୟ** ନିଜ ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବା ଅଟେ । ଏଠାକୁ ଆସୁଥିବା ଅଧିକାଂଶ ଲୋକେ ଏହି କଥା କହି ଆସାଇଲମ୍ ନେଇଥାନ୍ତି କିମ୍ବା ସ୍ଥାୟୀବାସିନ୍ଦା ହେବାର ଭିଜା ନେବାକୁ ଚେଷ୍ଟା କରିଥାନ୍ତି କି ଅହେମଦିମାନଙ୍କ ପାଇଁ ପାକିସ୍ତାନର ପରିସ୍ଥିତି ଅନୁକୂଳ ନୁହେଁ କି ସେଠାରେ ସ୍ୱାଧୀନ ଭାବରେ ନିଜକୁ ମୁସଲମାନ କହିପାରିବେ କିମ୍ବା ଇସଲାମୀୟ ଉପାସନା ଓ ରୀତିନୀତି ପାଳନ କରିପାରିବେ । କେତେକ ଲୋକ ସଠିକ୍ ରୂପେ ନିଜର ଅବସ୍ଥା ଉପସ୍ଥାପନ କରିଥାନ୍ତି କିନ୍ତୁ ଆଉ କିଛି ଲୋକ (ନିଜ ଅସଲ ଉଦ୍ଦେଶ୍ୟ) ଗୋପନ ରଖିଥାନ୍ତି ଯେତେବେଳେ କି ଏହାର ଆବଶ୍ୟକତା ହିଁ ନଥାଏ । ମୁଁ ଅନେକ ଥର ବର୍ଣ୍ଣନା କରିଛି କି ଯଦି ପ୍ରକୃତ ଓ ସତ କଥା କୁହାଯାଏ ଏବଂ ଧର୍ମ ନାମରେ ଆମ ଉପରେ ଯେଉଁ ଅତ୍ୟାଚାର ହେଉଅଛି କେବଳ ତାହା ହିଁ ଦର୍ଶାଯାଏ କି ଏଭଳି ଅବସ୍ଥାରେ ମୋର ସେଠାରେ ରହିବା ମୋତେ ମାନସିକ ସ୍ତରରେ ବହୁତ କଷ୍ଟ ପହଁଚାଉଅଛି କିମ୍ବା ପହଂଚାଇବ ତେବେ ଏମାନେ ତାହା ବୁଝିଥାନ୍ତି । ସୁତରାଂ ଅନ୍ୟମାନଙ୍କ କହିବାରେ କିମ୍ବା ଓକିଲମାନଙ୍କ କହିବା ଅନୁସାରେ ନିଜ କଥାକୁ ଅଧିକ ବଢାଇଚାଢାଇ କହିବା ଉଚିତ୍ ନୁହେଁ । ଏହିପରି ଆରମ୍ଭରୁ ଶେଷପର୍ଯ୍ୟନ୍ତ ଗୋଟିଏ କଥାରେ ଅଟଳ ରହିବା ଉଚିତ୍ ନା କି ନିଜ ବୟାନ ବଦଳାଇବା ଯଦ୍ୱାରା ତୁମେ ମିଛ କହୁଥିବାର ପ୍ରଶାସନକୁ ସନ୍ଦେହ ହେବ । ଜଣେ ଅହେମଦିତ ସାମାନ୍ୟ ଅବସ୍ଥାରେ ମଧ୍ୟ ମିଛ କହିବାରୁ ନିବୃତ ରହିବା ଉଚିତ୍ । ଅଲ୍ଲାଃତାଲା ମିଥ୍ୟାବଚନକୁ ଶିରକ୍ କରିବା ସମତୁଲ୍ୟ ଦର୍ଶାଇଛନ୍ତି ଏବଂ ଜଣେ ଅହେମଦିଠାରୁ କଦାପି ଏହି ଆଶା କରାଯାଇନଥାଏ କି ସେ (ଅଲ୍ଲାଃଙ୍କୁ) ଆଉ କହା ସହ ସମତୁଲ୍ୟ କରିଥାଏ । ଗୋଟିଏ ପାର୍ଶ୍ୱରେ ସେ ଏହି ଘୋଷଣା କରିଥାଏ କି ମୁଁ ଏକେଶ୍ୱରବାଦର ସବୁଠାରୁ ଅଧିକ ପ୍ରତିଷ୍ଠାକାରୀ । ହଜରତ ମହମ୍ମଦ ସ.ଆଙ୍କ ଦାସତ୍ୱର ଦୀକ୍ଷିତ ଅଟେ ଏବଂ ଯୁଗର ସୁଧାରକ ହଜରତ ମସିହ ମଉଦ ଓ ମେହେଦି ମଉଦ ଆ.ସଙ୍କୁ ସ୍ୱୀକାର କରିଛି ତେବେ ଅନ୍ୟ ପାର୍ଶ୍ୱରେ ଏହି ମୂଳ ପାପ ଯେଉଁଥିରୁ ନିବୃତ ରହିବା ଏକେଶ୍ୱରବାଦୀର ପ୍ରଥମ କର୍ତବ୍ୟ, ବଂଚିବା ଉଚିତ୍ । ଏହିଦୃଷ୍ଟି କୋଣରୁ ପ୍ରତ୍ୟେକ ଅହେମଦିମାନଙ୍କୁ ନିଜର ଆତ୍ମମନ୍ଥନ କରିବା ଉଚିତ୍ କି ସଂସାର ପ୍ରାପ୍ତିରେ ଆମ ଦ୍ୱାରା ଏଭଳି କୌଣସି ହରକତ୍ ହୋଇନଯାଉ ଯାହାକି ଆମ୍ଭକୁ ଅଲ୍ଲାଃଙ୍କ ନିକଟରେ ବିରାଟ ପାପି ସାବ୍ୟସ୍ତ କରିଦେବ । ସୁତରାଂ ଯେତେବେଳେ ଆମେ ନିଜ ବିଶ୍ୱାସର ସୁରକ୍ଷା କରିବା ଏବଂ ଧର୍ମ ଉପରେ ପ୍ରତିଷ୍ଠିତ ରହିବା ନିମନ୍ତେ ନିଜ ଜନ୍ମମାଟି ଛାଡ଼ିବାକୁ ବାଧ୍ୟ ହୋଇଛେ ତେବେ ଆମେ ଅଲ୍ଲାଃଙ୍କ ଆଦେଶକୁ ସର୍ବପ୍ରଥମେ ପ୍ରାଧାନ୍ୟ ଦେବା ଉଚିତ୍ । ଆମକୁ ଦେଖିବାକୁ ହେବ ଯେ, ଅହେମଦିୟତ୍ ଅର୍ଥାତ ପ୍ରକୃତ ଇସଲାମ ସ୍ୱୀକାର କରିବା ଅନ୍ତେ ଆମକୁ କେଉଁ ଜିନିଷକୁ ପ୍ରାଧାନ୍ୟ ଦେବା ଉଚିତ୍ । **ଯଦି ତାହା ଅଲ୍ଲାଃଙ୍କ ନିର୍ଦ୍ଦେଶ ମୁତାବକ ନୁହେଁ ତେବେ ଆମେ ସେହି ଲକ୍ଷ ହାସଲ କରି ନାହେଁ ଯେଉଁ ଲକ୍ଷ ନେଇ ଆମେ (ନିଜ) ଦେଶରୁ ପାଦ କାଢିଥିଲେ** । ଯଦି ତାହା (ଅଲ୍ଲାଃଙ୍କ) ନିର୍ଦ୍ଦେଶ ମୁତାବକ ଅଟେ ତେବେ ଆମେ ପଳାୟନ (ହିଜରତ୍)ର ଲକ୍ଷ ହାସଲ କରିନେଇଛେ ଏବଂ ଏପରି ଅବସ୍ଥାରେ ଅଲ୍ଲାଃଙ୍କ କୃପା ନିରନ୍ତର ଆମ ସହିତ ରହିଥିବ । କିନ୍ତୁ ଯଦି ଆମ ଭିତି ମିଥ୍ୟା ଉପରେ ପ୍ରତିଷ୍ଠିତ ଥାଏ ଏବଂ ସଂସାର ପ୍ରାପ୍ତିକୁ ଆମେ ନିଜର (ପ୍ରକୃତ) ଲକ୍ଷ ମଣୁଥାଉ ତେବେ ଆମେ କଦାପି ଅଲ୍ଲାଃଙ୍କ କୃପାର ଅଧିକାରୀ ହୋଇପାରିବା ନାହିଁ । ଅଲ୍ଲାଃତାଲାଙ୍କୁ ଏକ ଓ ଅଦ୍ୱିତୀୟ ସ୍ୱୀକାର କରୁଥିବା ଓ ତାଙ୍କର ଉପାସନା କରୁଥିବା ଲୋକେ କଦାପି ତାହାର ଶିରକ୍ କରି ନଥାନ୍ତି । ଯେଉଁମାନେ ନିଜ ଜନ୍ମର ସତ୍ୟାସତ୍ୟକୁ ବୁଝିଥାନ୍ତି ସେମାନଙ୍କ ଜୀବନର ମୂଳ ଲକ୍ଷ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବା ହୋଇଥାଏ । ଆମକୁ ସର୍ବଦା ମନେରଖିବା ଉଚିତ୍ ଯେ, ସଂସାର ପ୍ରାପ୍ତି ଓ ତାହର ଚାକଚକ୍ୟରେ ମସଗୁଲ୍ ହୋଇଯିବା ଆମର ଲକ୍ଷ ନୁହେଁ । ଯଦି ଆମେ ଅଲ୍ଲାଃଙ୍କୁ ପ୍ରସନ୍ନିତ କରିବା ନିମନ୍ତେ ତାଙ୍କ କହିବା ମୁତାବକ ନିଜ ଜନ୍ମର ଉଦ୍ଦେଶ୍ୟ ପ୍ରାପ୍ତ କରିବାକୁ ଚେଷ୍ଟା କରୁ ତେବେଯାଇ ଆମେ ପ୍ରକୃତ ସଫଳତା ହାସଲ କରିପାରିବା । ଏହି ସଂସାରକୁ ଆସିବାର ଉଦ୍ଦେଶ୍ୟ ପୂରଣ କରିପାରିବା । ଏହି ସଂସାର ଓ ତାହାର ଐଶ୍ୱର୍ଯ୍ୟ ତ ଆମକୁ ପ୍ରାପ୍ତ ହୋଇଯିବି କାରଣ ଅଲ୍ଲାଃଙ୍କ ମାର୍ଗରେ ପରିଚାଳିତ ବ୍ୟକ୍ତିକୁ ସେ ଧର୍ମ ଓ ସଂସାରର ସୁଖରୁ ବଂଚିତ ରଖିନଥାନ୍ତି । ବରଂ ସେ ଆମକୁ ଏହି ଶିକ୍ଷା ଦେଇଛନ୍ତି କି ମୋ'ଠାରୁ ଇହ ଓ ପରକାଳର ଐଶ୍ୱର୍ଯ୍ୟ (ମଙ୍ଗଳ) କାମନା କର । ଯେପରିକି ସେ କୁହନ୍ତି- **ରବ୍‌ବନା ଆତିନା ଫିଦ୍‌ଦୁନୟା ହସନତଉଁ ଓ୍ୱ ଫିଲ୍ ଆଖିରତି ହସନତଉଁ ଓ୍ୱକିନା ଅଜାବନ୍ ନାର୍** । ହଜରତ ମସିହ ମଉଦ ଆ.ସ କୁହନ୍ତି-

ମଣିଷ ଆତ୍ମସନ୍ତୋଷ ଲାଭ କରିବା ନିମନ୍ତେ ଦୁଇ ଗୋଟି ଜିନିଷର ଆବଶ୍ୟକତା ଲୋଡ଼ିଥାଏ । **ପ୍ରଥମ** ସଂସାରର କ୍ଷଣସ୍ଥାୟୀ ଜୀବନରେ ଯେଉଁ ଦୁଃଖ ଓ ପରୀକ୍ଷାର ଝଡ଼ ଆସିଥାଏ ସେଥିରୁ ବର୍ତି ରହିବା **ଦ୍ୱିତୀୟ** ମନ୍ଦ, କୁକର୍ମ ତଥା ଆଧ୍ୟାତ୍ମିକ ରୋଗ ଯାହାକି ତାହାକୁ ଅଲ୍ଲାଃଙ୍କଠାରୁ ଦୂରେଇ ଦେଇଥାଏ, ସେଥିରୁ ମୁକ୍ତି ପାଇବା । ଆପଣ କୁହନ୍ତି ସଂସାରର (କ୍ଷଣସ୍ଥାୟୀ) ସୁଖ ଏହି କି ଯେ, ତାହା ଶାରୀରିକ ହେଉ ଅବା ଆଧ୍ୟାତ୍ମିକ ଉଭୟ କ୍ଷେତ୍ରରେ ସମସ୍ତ ପ୍ରକାରର ମନ୍ଦ, ଅପନିନ୍ଦା ଓ ଅପକର୍ମରୁ ସୁରକ୍ଷିତ ରହିବା । ପ୍ରକୃତରେ **ରବ୍‌ବନା** ଶବ୍ଦରେ କ୍ଷମାପ୍ରାର୍ଥନା ପ୍ରତି ଗୋଟିଏ ସୁକ୍ଷ୍ମ ଇଶାରା ରହିଛି । ଯେତେବେଳେ ମଣିଷ ରବ୍‌ବନା କୁହେ ଅର୍ଥାତ ହେ ମୋ ଅଲ୍ଲାଃ ! ସେତେବେଳେ ଅଲ୍ଲାଃଙ୍କ ସମ୍ମୁଖରେ ନତମସ୍ତକ ହୋଇଥାଏ କାରଣ ରବ୍‌ବନା ଶବ୍ଦ ଆବଶ୍ୟକ କରିଥାଏ କି ସେ ପୂର୍ବରୁ ଯେଉଁମାନଙ୍କୁ ନିଜର ପ୍ରଭୁ ମଣିଥିଲା, ସେମାନଙ୍କଠାରୁ ଅତିଷ୍ଠ ହୋଇ ସେ ଏହି ପରାକର୍ମୀ ଓ ସର୍ବଶକ୍ତିମାନ ଅଲ୍ଲାଃଙ୍କ ଶରଣକୁ ଆସିଅଛି । ଉକ୍ତ ଶବ୍ଦ ପ୍ରକୃତ ନମ୍ରତା ଓ ଦରଦ ବ୍ୟତୀତ ମଣିଷ ହୃଦୟରୁ ପ୍ରସ୍ଫୁଟିତ ହୋଇନଥାଏ । ହଜୁର ଆ.ସ କୁହନ୍ତି ଅସଲରେ ମଣିଷ ନିଜର ଅନେକଗୁଡ଼ାଏ ପ୍ରଭୁ ତିଆରି କରି ବସିଥାଏ, ନିଜର ବାହାନା ଓ ଛଳନା ଉପରେ ତାହାର ପୂର୍ଣ୍ଣ ଭରଷା ଥାଏ ଏବଂ ତାହା ହିଁ ତାହାର ପ୍ରଭୁ ଅଟେ । ଯଦି ତାହାକୁ ନିଜ ଜ୍ଞାନ ଓ ବାହୁବଳ ଉପରେ ଗର୍ବ ଥାଏ ତେବେ ତାହା ତାହାର ପ୍ରଭୁ ଅଟେ । ଯଦି ତାହାକୁ ନିଜ ସୌନ୍ଦର୍ଯ୍ୟ ଓ ଧନସମ୍ପତି ଉପରେ ଅହଂକାର ରହିଛି ତେବେ ତାହା ହିଁ ତାହାର ପ୍ରଭୁ ଅଟେ । ତେବେ ଏହିପରି ସହସ୍ର ମାଧ୍ୟମ ତାହା ସହିତ ଜଡ଼ିତ । ଯେପର୍ଯ୍ୟନ୍ତ ସେସବୁକୁ ବର୍ଜନ କରି ଓ ସେଥିରୁ ଅତିଷ୍ଠ ହୋଇ ସେ ପ୍ରକୃତ ଓ ଏକ ଅଲ୍ଲାଃଙ୍କ ନିକଟରେ ରବ୍‌ବନାର ଉଚ୍ଚାରଣ ପୂର୍ଣ୍ଣ ଦରଦ ଏବଂ ହୃଦୟକୁ ତରଳାଇବା ପରି ଶ୍ୱରରେ ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହୋଇନାହିଁ ସେପର୍ଯ୍ୟନ୍ତ ପ୍ରକୃତ ଅଲ୍ଲାଃଙ୍କୁ ବୁଝିନଥାଏ । ପ୍ରକୃତ ରବ୍‌ବନା ସେତେବେଳେ ଉଚ୍ଚାରିତ ହୋଇଥାଏ ଯେତେବେଳେ ପୂର୍ଣ୍ଣ ଦରଦ ଏବଂ ହୃଦୟକୁ ତରଳାଇବା ପରି ଶ୍ୱର ପ୍ରସ୍ଫୁଟିତ ହୋଇଥାଏ । ସେ ଏହି ସତ୍ୟାସତ୍ୟକୁ ବୁଝିଥାଏ କି ଯେତେବେଳେ ମୁଁ ରବ୍‌ବନା କହୁଅଛି ତେବେ ମୁଁ ଏକ ଏପରି ଅଦ୍ୱିତୀୟ ଅଲ୍ଲାଃଙ୍କୁ ଡ଼ାକୁଅଛି ଯେ ମୋର ପାଳନକର୍ତା, ତେବେଯାଇ ସେ ନିଜର ପ୍ରକୃତ ପ୍ରଭୁ (ଅଲ୍ଲାଃଙ୍କୁ) ଚିହ୍ନିଥାଏ ଏବଂ ତାଙ୍କରିଠାରୁ ନିଜ ମନସ୍କାମନା ଭିକ୍ଷା କରିଥାଏ । ସୁତରାଂ ଆପଣ କୁହନ୍ତି ଯେତେବେଳେ ଏଭଳି ତରଳ ହୃଦୟ ଓ ଜୀବନ ଉତ୍ସର୍ଗକାରୀ ଶ୍ୱରର ସହିତ ତାଙ୍କ ନିକଟରେ ନିଜ ପାପ ସ୍ୱୀକାର କରି କ୍ଷମାପ୍ରାର୍ଥନା କରି ରବ୍‌ବନା ଅର୍ଥାତ ପ୍ରକୃତ ଓ ଅସଲ ପ୍ରଭୁ ତୁମେ ଅଟ କିନ୍ତୁ ଆମେ ନିଜ ଭ୍ରାନ୍ତଧାରଣା ଯୋଗୁଁ ପଥଭ୍ରଷ୍ଟ ହୋଇଥିବାର ସ୍ୱୀକାର କରିଥାଏ ଏବଂ କୁହେ ବର୍ତମାନ ମୁଁ ଏହି ମିଥ୍ୟା ପିତୁଳା ଓ ଉପାସ୍ୟଗୁଡ଼ିକୁ ବର୍ଜନ କରି ନିଷ୍ପାପର ହୃଦୟର ସହିତ ତୁମକୁ ନିଜର ପାଳନକର୍ତା ସ୍ୱୀକାର କରି ତୁମ ଶରଣରେ ଆସୁଅଛି ।

ଅତଃ ଏହା ଅଟେ ସେହି ଅବସ୍ଥା ଯାହାକି ହଜରତ ମସିହ ମଉଦ ଆ.ସ ଆମ ମଧ୍ୟରେ ଦେଖିବାକୁ ଚାହୁଁଥିଲେ କି ଆମେ ନିଷ୍ପାପର ଭାବରେ ଅଲ୍ଲାଃଙ୍କ ନିକଟରେ ନତମସ୍ତକ ହେବା, ତାଙ୍କ ଉପାସନା କରିବା ଓ ନିଜ ଜନ୍ମର ଉଦ୍ଦେଶ୍ୟକୁ ବୁଝିବା । ଯେତେବେଳେ ଆମେ ଏପରି ନିଜ ଅଲ୍ଲାଃଙ୍କ କର୍ତବ୍ୟ ସମ୍ପାଦନ କରିବାକୁ ଚେଷ୍ଟା କରିବା ତେବେ ସଂସାରର ସୁଖ ମଧ୍ୟ ଆମକୁ ପ୍ରାପ୍ତ ହେବା ସହିତ ପରକାଳର ଐଶ୍ୱର୍ଯ୍ୟ ମଧ୍ୟ ଲାଭ ହେବ । ବରଂ ସଂସାରର ସୁଖ ମଧ୍ୟ ମଣିଷ ପରକାଳର ଐଶ୍ୱର୍ଯ୍ୟ ହାସଲ ହେବା ପାଇଁ ଭିକ୍ଷା କରିଥାଏ, ଯଦ୍ୱାରା (ସେ) ସୁସ୍ଥ ରହିଲେ ଅଲ୍ଲାଃତାଲାଙ୍କ ଉପାସନା ସଠିକ୍ ରୂପେ ସମ୍ପାଦନ କରିପାରିବ । କାରଣ ଅସୁସ୍ଥ ମଣିଷ ସଠିକ୍ ଭାବରେ ଉପାସନା ହିଁ ସମ୍ପାଦନ କରିପାରିନଥାଏ । ଧନ ଥିଲେ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରି କୁରବାନୀର କର୍ତବ୍ୟ ସମ୍ପାଦନ କରିପାରିବ ଏବଂ ଅଲ୍ଲାଃଙ୍କ ସୃଷ୍ଟିର କର୍ତବ୍ୟ ମଧ୍ୟ ସମ୍ପାଦନ କରିବାର ତାହାକୁ ଶକ୍ତି ଲାଭ ହୋଇପାରିବ ।

ସୁତରାଂ ଏହି ଗୁରୁତ୍ୱପୂର୍ଣ୍ଣ ନିୟମକୁ ସର୍ବଦା ମନେରଖିବା ଉଚିତ୍ । ଉପାସନାର କର୍ତବ୍ୟ ସମ୍ପାଦନ କରିବାର ଚର୍ଚ୍ଚା ଚାଲିଛି ଏଥିସମ୍ବନ୍ଧରେ ଆମକୁ ଏକଥା ମନେରଖିବା ଉଚିତ୍ ଯେ, ଏହା ସେତେବେଳେ ସମ୍ପାଦନ ହୋଇପାରିବ ଯେତେବେଳେ ଆମେ ଅଲ୍ଲାଃଙ୍କ ଆଦେଶ ମୁତାବକ ନିଜ ଜନ୍ମ ହେବାର ଉଦ୍ଦେଶ୍ୟ ପୂରଣ କରିବା । ଯେପରିକି ଅଲ୍ଲାଃତାଲା କୁହନ୍ତି- **ଓ୍ୱମା ଖଲକ୍‌ତୁଲ୍ ଜିନ୍ନା ଓ୍ୱଲ୍ ଇନ୍‌ସା ଇଲ୍ଲା ଲିୟାବୁଦୁନ୍** ଅର୍ଥାତ ଆମ୍ଭେ ଜିନ୍ ଓ ମାନବକୁ କେବଳ ନିଜ ଉପାସନା ନିମନ୍ତେ ସୃଷ୍ଟି କରିଅଛି ।

ହଜୁର ଅନଓ୍ୱର ଅ.ବ କହିଲେ- ଅତଃ ଯେତେବେଳେ (ଆମେ) ଅଲ୍ଲାଃଙ୍କ ଆଦେଶ ପ୍ରତି ନଜର କରିଥାଉ ସେତେବେଳେ ଗୋଟିଏ ଆଦେଶ ପରେ ଆଉ ଏକ ଆଦେଶ ଆମକୁ ଯେଉଁ ଦିଗକୁ ଟାଣିନେଇଯାଏ ତାହା ଏହି କି ଯେ, ଅଲ୍ଲାଃତାଲାଙ୍କୁ କଦାପି ପାସୋରି ଯାଅନାହିଁ । **ତୁମର ସାଂସାରିକ ଆଲୋଚନା ମଧ୍ୟ ତୁମକୁ ଅଲ୍ଲାଃଙ୍କ ଗୁଣଗାନ କରିବାରୁ ଭ୍ରମିତ କରିବା ଉଚିତ୍ ନୁହେଁ ଏବଂ ନା କଦାଚିତ୍ ସାଂସାରିକ କାମନା ପୂରଣ କରିବା ତୁମର ଲକ୍ଷ ହେବା ଉଚିତ୍** । ହଜରତ ମସିହ ମଉଦ ଆ.ସ ଏଥିସମ୍ବନ୍ଧରେ ଏକ ସ୍ଥାନରେ କୁହନ୍ତି-

ଅଲ୍ଲାଃତାଲା କୁହନ୍ତି ଆମ୍ଭେ ଜିନ୍ ଓ ମାନବକୁ ଏଥିନିମନ୍ତେ ସୃଷ୍ଟି କରିଅଛୁ କି ସେ ମୋତେ ଚିହ୍ନନ୍ତୁ

ଏବଂ ମୋର ଉପାସନା କରନ୍ତୁ । ଅତଏବ ଏହି ପଙ୍କ୍ତିଂର ଅସଲ ଉଦ୍ଦେଶ୍ୟ ଅଲ୍ଲାଃଙ୍କ ଉପାସନା କରିବା ଏବଂ ତାଙ୍କୁ ଚିହ୍ନି ତାଙ୍କରି ହୋଇଯିବା ଅଟେ । ଆପଣ କୁହନ୍ତି ଏକଥା ସ୍ପଷ୍ଟ ଯେ, ମଣିଷକୁ ଏହି ସ୍ତର ହାସଲ ନାହିଁ କି ସେ ନିଜ ଜୀବନର ଲକ୍ଷ ସ୍ୱୟଂ ଧାର୍ଯ୍ୟ କରିପାରିବ କାରଣ ମଣିଷ ନା ନିଜ ଇଚ୍ଛାରେ ଏହି ଧାରାପୃଷ୍ଟକୁ ଆସିଅଛି ନା ନିଜ ଇଚ୍ଛାରେ ଯିବ । ବରଂ ସେ ସେହି ପରାକର୍ମୀ ଅଲ୍ଲାଃଙ୍କର ଏକ ସୃଷ୍ଟି ଅଟେ । ଯେ ତାହାକୁ ସୃଷ୍ଟି କରିଛନ୍ତି ଏବଂ ସମସ୍ତ ପଶୁପକ୍ଷୀଙ୍କ ମଧ୍ୟରେ ତାହାକୁ ଉତମ ସାମର୍ଥ୍ୟ ପ୍ରଦାନ କରିଛନ୍ତି ଅର୍ଥାତ ଅନ୍ୟମାନଙ୍କ ତୁଳନାରେ ମଣିଷକୁ ଶ୍ରେଷ୍ଠ ହେବାର ମାନ୍ୟତା ପ୍ରଦାନ କରିଛନ୍ତି ଏବଂ ତାହାର ଏକ ଲକ୍ଷ ମଧ୍ୟ ଧାର୍ଯ୍ୟ କରିଛନ୍ତି । **ଯଦିଓ କେହି ଉକ୍ତ ଉଦ୍ଦେଶ୍ୟକୁ ବୁଝନ୍ତୁ ଅବା ନବୁଝନ୍ତୁ କିନ୍ତୁ ନିଃସନ୍ଦେହ ମଣିଷ ଜନ୍ମର ଲକ୍ଷ ଅଲ୍ଲାଃତାଲାଙ୍କ ଉପାସନା ଓ ତାଙ୍କୁ ଚିହ୍ନି ତାଙ୍କ ମଧ୍ୟରେ ଲିନ୍ନ ହୋଇଯିବା ଅଟେ ।**

ସୁତରାଂ ଯେତେବେଳେ ମଣିଷ ଏହି ଲକ୍ଷକୁ ନିଜ ସମ୍ମୁଖରେ ରଖେ ତେବେଯାଇ ସେ ପ୍ରକୃତ ମୋମିନ୍ ହୋଇଥାଏ ଏବଂ ସଂସାରର ଐଶ୍ୱର୍ଯ୍ୟ ମଧ୍ୟ ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ କରିବାର ମାଧ୍ୟମ ସାଜିଥାଏ । ଅତଃ ମଣିଷର ଶାରୀରିକ ତଥା ମାନସିକ ସାମର୍ଥ୍ୟ, ତାହାର ସ୍ୱଚ୍ଛଳ ଆର୍ଥିକ ଅବସ୍ଥା ଏବଂ ଚଳିତ ବିଜ୍ଞାନ ଯୁଗର ଉଦ୍‌ଭାବନମାନ ତାହାକୁ ନିଜ ଜନ୍ମର ଉଦ୍ଦେଶ୍ୟରୁ ଭ୍ରମିତ କରିନଦେଉ

ହଜୁର ଅନଓ୍ୱର ଅ.ବ କହିଲେ- ଅହେମଦିମାନେ ଏହି ଘୋଷଣା କରିଥାନ୍ତି କି ହଜରତ ମହମ୍ମଦ ସ.ଆଙ୍କ ଭବିଷ୍ୟବାଣୀ ମୁତାବକ ଏକ ଦୀର୍ଘ ଅନ୍ଧକାରମୟ ଯୁଗ ଅତିବାହିତ ହେବାପରେ ଇସଲାମର ଉଜ୍ୱଳିତ ସୂର୍ଯ୍ୟ ହଜରତ ମସିହ ମଉଦ ଆ.ସଙ୍କ ସମୟରେ ଉଦୟ ହେବ । ଯେ ପ୍ରକୃତ ଇସଲାମର ଶିକ୍ଷା ପ୍ରଦାନ କରି ମୁସଲମାନମାନଙ୍କ ହୃଦୟକୁ ଅନ୍ଧାରରୁ ଆଲୋକମୟ ପଥକୁ ଆଣିବା ସହିତ ଅଣମୁସଲମାନମାନଙ୍କୁ ମଧ୍ୟ ଇସଲାମର ସୁନ୍ଦର ଶିକ୍ଷା ସହ ଅବଗତ କରିବେ ।

ଏହି ପାଶ୍ଚାତ୍ୟ ଦେଶମାନଙ୍କୁ ଆସି ବର୍ତମାନ ପ୍ରତ୍ୟେକ ଅହେମଦିର କର୍ତବ୍ୟ କି ସେମାନେ ଏହି ଗୁରୁଦାୟିତ୍ୱକୁ ପୂର୍ଣ୍ଣ ରୂପେ ସମ୍ପାଦନ କରିବାକୁ ଚେଷ୍ଟା କରନ୍ତୁ । ପ୍ରତ୍ୟେକ ସ୍ଥାନରେ ଯେଉଁଠାରେ ଅହେମଦିମାନେ ବସବାସ କରୁଛନ୍ତି ନିଜ ସମ୍ପର୍କିତ ଲୋକମାନଙ୍କୁ ପ୍ରକୃତ ଇସଲାମ ସହ ଅବଗତ କରାନ୍ତୁ । ପ୍ରତ୍ୟେକ ଅହେମଦିର ଅମଲ, ତାହାର ଚରିତ୍ର, ଉପାସନାର ସ୍ତର ଏଭଳି ହେବା ଉଚିତ୍ କି ତାହା ଅନ୍ୟମାନଙ୍କ ଧ୍ୟାନ ଆକର୍ଷିତ କରୁଥିବ । ଏହା ଅହେମଦିମାନଙ୍କୁ ଯେଉଁସ୍ଥଳେ ଅନ୍ୟମାନଙ୍କଠାରୁ ପୃଥକ କରୁଥିବ ସେଠାରେ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ପ୍ରଚାରର ମାର୍ଗ ଉନ୍ମୁକ୍ତ କରିବାରେ ସହାୟ ହେବ । ଅତଃ ଏହି କଥାକୁ ପ୍ରତ୍ୟେକ ଅହେମଦିଙ୍କୁ ବୁଝିବା ଆବଶ୍ୟକ କି ପ୍ରତ୍ୟେକ ଅହେମଦିଙ୍କର ଏକ ବହୁତ ବଡ଼ ଲକ୍ଷ ରହିଛି କି ପ୍ରଥମେ ନିଜ ଜନ୍ମର ଲକ୍ଷକୁ ବୁଝିବା ସହିତ ଅନ୍ୟମାନଙ୍କୁ ଉକ୍ତ ଉଦ୍ଦେଶ୍ୟ ବୁଝିବା ପ୍ରତି ସେମାନଙ୍କର ଧ୍ୟାନ ଆକର୍ଷିତ କରିବା । ସଂସାରବାସୀଙ୍କୁ ଏହି ସତ୍ୟାସତ୍ୟ ସହ ଅବଗତ କରିବା କି ସଂସାରର ଐଶ୍ୱର୍ଯ୍ୟ ଯାହାକି ଅଲ୍ଲାଃ ସୃଷ୍ଟି କରିଛନ୍ତି ତାହା ଅଲ୍ଲାଃଙ୍କଠାରୁ ଦୂରେଇ ନେବା ପାଇଁ ନୁହେଁ ବରଂ ଅଲ୍ଲାଃଙ୍କ ନିକଟବର୍ତୀ କରିବା ପାଇଁ ଅଟେ । ସେଥିପାଇଁ ତାହାର ମଧ୍ୟବର୍ତୀ ମାର୍ଗ ଆପଣାଇବା ଉଚିତ୍ ନା କି ସେଥିରେ ସୀମାଲଙ୍ଘି ଧ୍ୱଂସାଭିମୁଖେ ଆଗକୁ ବଢିବା ।

ହଜୁର ଅନଓ୍ୱର ଅ.ବ କହିଲେ- ଆଜକୁ ୪/୫ ବର୍ଷ ପୂର୍ବେ ବିଶ୍ୱର ଏଭଳି ଧ୍ୱଂସାଭିମୁଖ ହେବାର କଳନା ମଧ୍ୟ କରାଯାଇ ନଥିଲା କିମ୍ବା ଏକଥା ବିଶ୍ୱାସ କରିବା ପାଇଁ କେହି ପ୍ରସ୍ତୁତ ନଥିଲେ କିନ୍ତୁ ଆଜି ପରିସ୍ଥିତି ସମ୍ପୂର୍ଣ୍ଣ ଅଲଗା ଏବଂ ବିଶ୍ୱ ଯେପରି ଧ୍ୱଂସ ହେବା ମାର୍ଗରେ ଆଗକୁ ବଢିଚାଲିଛି ଏହାର ମୂଳ କାରଣ ଏମାନେ ଚିନ୍ତା କରୁଛନ୍ତି କି ପାଶ୍ଚାତ୍ୟ ଦେଶମାନଙ୍କ ଉନ୍ନତି ସେମାନଙ୍କୁ ରକ୍ଷା କରିଦେବ । ଯଦି କିଛି କ୍ଷତି ଘଟିଲା ତେବେ ତାହାର ପୂରଣ ସେମାନେ କରିଦେବେ କିନ୍ତୁ ଏହା ସେମାନଙ୍କର ଭ୍ରାନ୍ତ ଧାରଣା ଅଟେ । ଯେତେବେଳେ ଯୁଦ୍ଧର ଭୟଙ୍କର ତାଣ୍ଡବର ଚାଲିବ ସେତେବେଳେ ଆର୍ଥିକ କ୍ଷେତ୍ରରେ ସୁଦୃଢ ଦେଶମାନେ ମଧ୍ୟ ପ୍ରଥମେ ନିଜକୁ ରକ୍ଷା କରିବା ପାଇଁ ଚେଷ୍ଟା କରିଥାନ୍ତି ଏବଂ କରିବେ କିନ୍ତୁ ଏହି ଦେଶ ଯାହାର ଅର୍ଥନୀତି ଏତେଟା ସୁଦୃଢ ନୁହେଁ ଆହୁରି ଅଧିକ ସଂଙ୍କଟାପର୍ଣ୍ଣ ଅବସ୍ଥାକୁ ଚାଲିଯିବ । **ଅତଃ ଯେଉଁସ୍ଥାନମାନଙ୍କରେ ମଧ୍ୟ ଅହେମଦିମାନେ ବସବାସ କରୁଛନ୍ତି ସେମାନେ ନିଜ ଅମଲ ଓ ଦୁଆ ମାଧ୍ୟମରେ ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭ କରିବାକୁ ଧ୍ୟାନ କେନ୍ଦ୍ରିତ କରନ୍ତୁ କି ଅଲ୍ଲାଃଙ୍କ କୃପା ହିଁ ବିଶ୍ୱକୁ ଧ୍ୱଂସ ହେବାରୁ ରକ୍ଷା କରିପାରିବ ।** ଅଲ୍ଲାଃତାଲାଙ୍କ କୃପା ଲାଭ କରିବା ପାଇଁ ଏହି ତଥ୍ୟ ମୁତାବକ ଅମଲ କରିବାର ଆବଶ୍ୟକତା ରହିଛି ଯାହାକି ଅଲ୍ଲାଃତାଲା ଦର୍ଶାଇଛନ୍ତି । ତାଙ୍କ ନିକଟରେ ନତମସ୍ତକ ହେଲେ ହିଁ ତାଙ୍କୁ ରାଜି କରାଯାଇପାରିବ । ପ୍ରତ୍ୟେକ ଅହେମଦିମାନଙ୍କୁ ଏକଥା ମନେରଖିବା ଉଚିତ୍ ଯେ, କେବଳ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିନେଲେ ତାହାକୁ ଇହ ଓ ପରକାଳର ଐଶ୍ୱର୍ଯ୍ୟ ଲାଭ ହେବ ନାହିଁ, ନା ସେ ନର୍କର ଅଗ୍ନିରୁ ରକ୍ଷା ପାଇପାରିବ ବରଂ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିବା ଆମ ଉପରେ ଏହି ଗୁରୁଦାୟିତ୍ୱ ପକାଉଛି କି ନିଜ ଜୀବନ ଅଲ୍ଲାଃଙ୍କ ଇଚ୍ଛା ମୁତାବକ ଗଢି ତୋଳିବା । ହଜରତ ମସିହ ମଉଦ ଆ.ସ ଏକ ସ୍ଥାନରେ କୁହନ୍ତି-

ମନେରଖ କେବଳ ବୟତ କରିବା ଦ୍ୱାରା କିଛି ହାସଲ ହୋଇନଥାଏ । ଅଲ୍ଲାଃତାଲା ପ୍ରଚଳିତ ରୀତିପ୍ରଥାରେ ପ୍ରସନ୍ନିତ ହୋଇନଥାନ୍ତି ଯେପର୍ଯ୍ୟନ୍ତ ପ୍ରକୃତ ବୟତର ମର୍ମ ସମ୍ପାଦନ ହୋଇ ନାହିଁ ସେପର୍ଯ୍ୟନ୍ତ ବୟତ କରିବା ରୀତିପ୍ରଥା ବ୍ୟତିତୀ ଅନ୍ୟଥା କିଛି ନୁହେଁ । ଏଥିପାଇଁ ଆବଶ୍ୟକ କି ବୟତର ପ୍ରକୃତ ଉଦ୍ଦେଶ୍ୟକୁ ପୁରା କରିବାକୁ ଚେଷ୍ଟା କର । ପ୍ରକୃତ ଉଦ୍ଦେଶ୍ୟ କ'ଣ ? ଆପଣ କୁହନ୍ତି ଏହି କି ଯେ (ତୁମେ) ଧର୍ମପରାୟଣ ହୋଇଯାଅ । ପବିତ୍ର କୋରାନକୁ ବେଶ୍ ମନଯୋଗର ସହିତ ପାଠ କର ଏବଂ ତାହର ମର୍ମ ବୁଝ ତାପରେ ଅମଳ କର କାରଣ **ସୁନ୍ନତୁଲ୍ଲାଃ** (ଅଲ୍ଲାଃଙ୍କ ନୀୟମ) ଏହା ଅଟେ କି ଅଲ୍ଲାଃତାଲା କେବଳ କହିବା ଓ କଥାରେ ଖୁସି ହୋଇନଥାନ୍ତି ବରଂ ଅଲ୍ଲାଃତାଲାଙ୍କ ପ୍ରୀତିଭାଜନ ଲାଭ କରିବା ନିମନ୍ତେ ଜରୁରୀ ଅଟେ କି ତାଙ୍କ ଆଦେଶ ମୁତାବକ ଅମଲ କରିବା ଏବଂ ଯେଉଁଥିରୁ ସେ ବାରଣ କରିଛନ୍ତି ସେଥିରୁ ନିବୃତ ରହିବା । **ଏହା ଏକ ଏପରି ସ୍ପଷ୍ଟ ତଥ୍ୟ କି ଆମେ ଦେଖିଥାଉ କି ମଣିଷ ମଧ୍ୟ କେବଳ କଥାରେ ସନ୍ତୁଷ୍ଟ ହୋଇନଥାଏ ବରଂ ସେ ମଧ୍ୟ ସେବା ଦ୍ୱାରା ପ୍ରସନ୍ନିତ ହୋଇଥାଏ ।** ଜଣେ ସଚ୍ଚୋଟ ଓ ମିଥ୍ୟାବାଦୀ ମୁସଲମାନ ମଧ୍ୟରେ ଏହି ଅନ୍ତର ରହିଥାଏ କି ମିଥ୍ୟାବାଦୀ ବେଶ୍ ମନଗଢା କଥା କହିଥାଏ କିନ୍ତୁ କିଛି ଅମଳ କରିନଥାଏ । କିନ୍ତୁ ତାହା ମୁକାବିଲାରେ ଜଣେ ସଚ୍ଚୋଟ ମୁସଲମାନ ବଡ଼ପଣିଆ କଥା କହିବାରୁ ନିବୃତ ରହି ଅମଳ କରିଦେଖାଇଥାଏ । ଅତଃ ଯେତେବେଳେ ଅଲ୍ଲାଃତାଲା ଦେଖନ୍ତି କି ମୋ ଭକ୍ତ ମୋର ଉପାସନରେ ମଗ୍ନ ହେବା ସହିତ ମୋ ଖାତିର୍ ମୋ ସୃଷ୍ଟି ସହ ନମ୍ର ଆଚରଣ ପ୍ରଦର୍ଶନ କରୁଅଛି ସେତେବେଳେ ସେ ନିଜ ଦେବଦୁତ ତାହା ଉପରେ ଅବତିର୍ଣ୍ଣ କରିଥାନ୍ତି ଏବଂ ଯେପରିକି ତାଙ୍କର ପ୍ରତିଶୃତି ରହିଛି ସେ ସଚ୍ଚୋଟ ଓ ମିଥ୍ୟାବାଦୀ ମୁସଲମାନ ମଧ୍ୟରେ ଫରକ୍ କରି ଦେଖାଇଥାନ୍ତି ।

ସୁତରାଂ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର କର୍ତବ୍ୟ କି ସେ ସଚ୍ଚୋଟ ମୁସଲମାନ ହେବାକୁ ଚେଷ୍ଟା କରିବା ଉଚିତ୍ । ସଂସାରର ଐଶ୍ୱର୍ଯ୍ୟରୁ ମଧ୍ୟ ଏହି ଉଦ୍ଦେଶ୍ୟରେ ଉପକୃତ ହେବା କି ତାହା ପରକାଳର ଐଶ୍ୱର୍ଯ୍ୟ ପ୍ରାପ୍ତିରେ ସହାୟ ହେବ । ଆମେ ନିଜ ଉପାସନାର କର୍ତବ୍ୟ ସମ୍ପାଦନକାରୀ ହେଉ । ଧର୍ମ ପାଇଁ ଆମେ ନିଜ ଜନ୍ମମାଟିରୁ ପାଦ କାଢିବାକୁ ବାଧ୍ୟ ହୋଇଛେ ତେଣୁ ଏଠାକୁ ଆସି ଆମେ ନିଜ ଶିକ୍ଷା ମୁତାବକ ଅମଳକାରୀ ହେବା । ଅଲ୍ଲାଃତାଲା ଏହାର ଆମ ସମସ୍ତଙ୍କୁ ଶକ୍ତି ପ୍ରଦାନ କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୬ ର ଅବଶିଷ୍ଟାଂଶ ...*

ଓ ପବିତ୍ରତା ପୁନର୍ବାର ପ୍ରତିଷ୍ଠା ହେଉ ଓ ସେଗୁଡିକୁ ସେ ଏହି ଜମାତ୍ ମାଧ୍ୟମରେ ଚାହୁଁଛି'' ।

ତେଣୁ ଏହା ବହୁତ ବଡ଼ ଦାୟିତ୍ୱ ଜମାତ୍‌ର ସଦସ୍ୟମାନଙ୍କ ପାଇଁ କି ସେମାନେ ତକ୍‌ୱା ସୃଷ୍ଟି କରନ୍ତୁ । ଯାହା ଆମଠାରୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆଶା ରଖିଛନ୍ତି । ପୁଣି କହୁଛନ୍ତି- ''ସୁତରାଂ ତୁମପାଇଁ ଏହା ଧାର୍ଯ୍ୟ ଅଟେ କି ବାସ୍ତବିକ ଇସ୍‌ଲାହ୍ ପ୍ରତି ତୁମେ ଧ୍ୟାନ ଦିଅ । ସେହିପରି ଯେଉଁପରି ଆଁ ହଜ୍‌ରତ୍ ସ:ଆ:ସ ଇସ୍‌ଲାହ୍‌ର ମାର୍ଗ ବତାଇଛନ୍ତି'' । (ମଲ୍‌ଫୁଜାତ୍ ଖଣ୍ଡ-୭, ପୃଷ୍ଠା-୨୭୬-୨୭୮)

ଜମାତ୍‌କୁ ତକ୍‌ୱା ଉପରେ ପରିଚାଳିତ ହେବା ପାଇଁ ଉପଦେଶ ଦେଇ ଗୋଟିଏ ଅବସରରେ କହୁଛନ୍ତି ''ହେ ସମସ୍ତ ଲୋକମାନେ ଯେଉଁମାନେ ନିଜକୁ ମୋ ଜମାତ୍‌ରେ ଗଣନା କରୁଛ ଆକାଶରେ ତୁମେ ସେତେବେଳେ ମୋ ଜମାତ୍‌ରେ ଗଣାଯିବ ଯେବେ ତୁମେ ପ୍ରକୃତରେ ତକ୍‌ୱାର ମାର୍ଗରେ ପାଦ ଥାପିବ । ତେଣୁ ନିଜର ପାଂଚବେଳା ନମାଜକୁ ଏପରି ଭୟ ଓ ବିନମ୍ରତାର ସହିତ ପାଠ କର କି ଯେପରି ତୁମେ ଖୁଦାତାଲାଙ୍କୁ ଦେଖୁଅଛ ଓ ନିଜର ରୋଜାକୁ ଖୁଦାଙ୍କ ନିମନ୍ତେ ସତ୍ୟତାର ସହିତ ପୁରଣ କର । ପ୍ରତ୍ୟେକ ଯିଏ ଜକାତ୍ ଦେବାର ସାମର୍ଥ୍ୟ ରଖିଛି ସେ ଜକାତ୍ ଦେଉ ଓ ଯାହା ଉପରେ ହଜ୍ ଧାର୍ଯ୍ୟ ହୋଇସାରିଛି ତାକୁ ହଜ୍ କରିବା ପାଇଁ କେହି ନରୋକନ୍ତୁ । ପୁଣ୍ୟକୁ ବ୍ୟବସ୍ଥାପକ ରୂପେ ସତର୍କତାର ସହିତ ଅବଲମ୍ବନ କର ଏବଂ ବଦି (କୁକାର୍ଯ୍ୟ) କୁ ଘୃଣାକରି ତ୍ୟାଗ କର । ନିଶ୍ଚିତ ରୂପେ ମନେରଖ କି ଯେଉଁ କାର୍ଯ୍ୟ ତକ୍‌ୱା (ନିଷ୍ଠା)ରୁ ଖାଲି ଅଟେ ସେ କାର୍ଯ୍ୟ ଖୁଦାଙ୍କ ନିକଟରେ ପହଂଚିପାରିବ ନାହିଁ । ପ୍ରତ୍ୟେକ ପୁଣ୍ୟର ଚେର ହେଉଛି ତକ୍‌ୱା । ଯେଉଁ କାର୍ଯ୍ୟରେ ଏହି ଚେର ଥିବ ସେ କାର୍ଯ୍ୟ ନଷ୍ଟ ହେବନାହିଁ । (କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୧୯) । ହଦିସ୍ ମଧ୍ୟ ଅଛି *ଇନ୍ନମଲ୍ ଆମାଲୋ ବିନ୍ ନିୟାତ୍ (ସହି ବୁଖାରୀ.....ହଦିସ୍ ନଂ-୧)* ଅର୍ଥାତ୍ ପ୍ରତ୍ୟେକ କାର୍ଯ୍ୟର ଆଧାର ନିୟତ ଉପରେ ରହିଛି । ଯଦି ପୁଣ୍ୟ ନିୟତରେ କାର୍ଯ୍ୟ ହେଉଥିବ ତେବେ ଅଲ୍ଲାଃତାଲା ତାର ସୁଫଳ ପ୍ରଦାନ କରିବେ । ଯଦି ଖରାପ ନିୟତରେ ଥିବ ତେବେ ତାକୁ ଦଣ୍ଡ ମିଳିବ । ତେଣୁ କହିଲେ କି ''ଏହା ଜରୁରୀ ଅଟେ କି ପ୍ରତ୍ୟେକ ପ୍ରକାରର ଦୁଃଖ ଓ କଷ୍ଟ ଦ୍ୱାରା ତୁମର ପରୀକ୍ଷା ନିଆଯିବ, ଯେପରି ପୂର୍ବରୁ ମୋମିନ୍ ମାନଙ୍କ ପରୀକ୍ଷା ନିଆଯାଇଥିଲା'' । ରାସ୍ତାରେ ଦୁଃଖ କଷ୍ଟ ମଧ୍ୟ ଆସିଥାଏ । ''ତେଣୁ ହୁସିଆର୍ ରୁହ, ଏପରି ନହେଉ କି ତୁମେ ଠୋକର ଖାଇଯାଓ ଏ ପୃଥିବୀ ତୁମର କିଛି ନଷ୍ଟ କରିପାରିବନାହିଁ । ଯଦି ତୁମର ଆକାଶ ସହିତ ସୁସମ୍ପର୍କ ଅଛି, ଯଦି ତୁମେ କିଛି ନିଜର କ୍ଷତି କରିବ ତାହାଲେ ତୁମ ନିଜ ହାତରେ ହିଁ କରିବ, ନା କି ଶତୃଙ୍କ ହାତଦ୍ୱାରା । ଯଦି ତୁମର ଏହି ସମସ୍ତ ପାର୍ଥିବ ସମ୍ମାନ ଚାଲିଯାଉଛି ତେବେ ଇଶ୍ୱର ତୁମକୁ ଅସରନ୍ତି ସମ୍ମାନ ଆକାଶରେ ଦେବେ । ତେଣୁ ତୁମେ ତାକୁ ତ୍ୟାଗ କରନାହିଁ'' । ଅର୍ଥାତ୍ ଖୁଦାକୁ ଛାଡ଼ନାହିଁ । ତା ସହିତ ସବୁବେଳେ ଯୋଡ଼ି ହୋଇ ରୁହ । ପୁଣି ସେ କହୁଛନ୍ତି ''ଦେଖ ମୁଁ ବହୁତ ଖୁସିର ସହିତ ଏ ଖବର ଦେଉଛି କି ତୁମର ଖୁଦା ବାସ୍ତବିକ ଅଛନ୍ତି, ଯଦିଚ ସମସ୍ତେ ତାର ମଖ୍‌ଲୁକ୍ (ସୃଷ୍ଟଜ ପ୍ରାଣୀ), କିନ୍ତୁ ସେ ସେହି ବ୍ୟକ୍ତିକୁ ହିଁ ନିର୍ବାଚିତ କରିଥାଏ ଯେ ତାକୁ ନିର୍ବାଚିତ କରିଥାଏ । ସେ ତା ପାଖକୁ ଆସିଥାଏ ଯେ ତା ନିକଟକୁ ଯାଇଥାଏ । ଯିଏ ତାକୁ ସମ୍ମାନ କରିଥାଏ ସେ ମଧ୍ୟ ତାର ସମ୍ମାନ କରିଥାଏ'' । (କଶ୍‌ତିନୁହ୍, ରୁହାନି ଖଜାଏନ୍ ଖଣ୍ଡ-୧୯, ପୃଷ୍ଠା-୧୫)

ସୁତରାଂ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ଯଦି ରଖିବ ତେବେ ଅଲ୍ଲାଃତାଲା ସମ୍ମାନ ମଧ୍ୟ କରିବେ । ସେ ତୁମ ପାଖକୁ ଆସି ତୁମର ପ୍ରାର୍ଥନାକୁ ଗ୍ରହଣ କରିବେ । ତେଣୁ ଏହା ହେଉଛି ସେହି ଅବସ୍ଥା ଯାହାକୁ ଆମେ ସମସ୍ତେ ହାସଲ କରିବା ପାଇଁ ଚେଷ୍ଟା କରିବା ଉଚିତ୍ । ଫଳତଃ ଅଲ୍ଲାଃତାଲାଙ୍କ ସୁରକ୍ଷା ଭିତରେ ଆମେ ରହିପାରିବା ଓ ଆକାଶ ସହିତ ସମ୍ପର୍କ ଯୋଡ଼ିବା ବାଲା ମଧ୍ୟ ହୋଇପାରିବା । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜର ଗୋଟିଏ ଏଲ୍‌ହାମ୍ ବିଷୟରେ ବହୁତ ଦରଦର ସହିତ ଜମାତ୍‌କୁ ଉପଦେଶ ଦେଇ ଓ ତକ୍‌ୱାର ସ୍ତରକୁ ଉଚ୍ଚ କରିବା ପାଇଁ କହୁଛନ୍ତି କି ''କାଲି (ଅର୍ଥାତ୍ ୨୨ ଜୁନ୍ ୧୮୯୯) ଅନେକ ଥର ଖୁଦାଙ୍କ ନିକଟରୁ ଏ ସ୍ୱର୍ଗବାଣୀ ହେଲା କି ତୁମେମାନେ ମୁତ୍‌ତକି ହୋଇଯାଓ ଓ ତକ୍‌ୱାର ସୁକ୍ଷ୍ମ ମାର୍ଗରେ ପରିଚାଳିତ ହୁଅ । ଫଳତଃ ଖୁଦା ତୁମ ସହିତ ରହିବେ'' । ପୁଣି କହିଲେ- ଏଥିରେ ମୋ ହୃଦୟରେ ବହୁତ ଦରଦ ସୃଷ୍ଟି ହୋଇଛି କି ମୁଁ କଣ କରିବି ଯେ ଆମ ଜମାତ୍ ପ୍ରକୃତ ତକ୍‌ୱା ଓ ପବିତ୍ରତା ଗ୍ରହଣ କରିବ'' । ପୁଣି କହିଲେ କି ''ମୁଁ ଏତେ ଦୁଆ କରୁଛି କି ଦୁଆ କରି କରି ମୁଁ ଦୁର୍ବଳ ହୋଇଯାଉଛି ଓ ବେଳେବେଳେ ବେହୋସ୍ ହୋଇ ନିଃଶେଷ ହୋଇଯିବା ଭଳି ଲାଗୁଛି'' । ପୁଣି କହିଲେ ''ଯେପର୍ଯ୍ୟନ୍ତ କୌଣସି ଜମାତ୍ ଖୁଦାତାଲାଙ୍କ ଦୃଷ୍ଟିରେ ମୁତ୍‌ତକି ନହୋଇଛି ଖୁଦାତାଲାଙ୍କ ସାହାଯ୍ୟ ତା ସହିତ ରହିପାରିବ ନାହିଁ'' । (ମଲ୍‌ଫୁଜାତ୍ ଖଣ୍ଡ-୧ ପୃଷ୍ଠା-୩୦୩) ତେଣୁ ଏଥିପ୍ରତି ଆମକୁ ବହୁତ ଧ୍ୟାନ ଦେବା ଉଚିତ୍ ।

ଅଲ୍ଲାଃତାଲା ଆମକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉକ୍ତ ଦରଦକୁ ବୁଝି ବାସ୍ତବିକ ତକ୍‌ୱା ହୃଦୟରେ ସୃଷ୍ଟି କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମ ଉପାସନା ଆମ କୁର୍ବାନୀ କେବଳ ଅଲ୍ଲାଃତାଲାଙ୍କ ନିମନ୍ତେ ହେଉ । ଅଲ୍ଲାଃତାଲାଙ୍କ ବାସ୍ତବିକ ମାରେଫତ୍ ଆମେ ହାସଲ କରିବାବାଲା ହେଉ । ଅଲ୍ଲାଃତାଲାଙ୍କ ପ୍ରେମର ହକ୍‌କୁ ପ୍ରଦାନ କରିବାବାଲା ହେଉ । ଅଲ୍ଲାଃତାଲା ଆମକୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

ଏବେ ଆମେ ଦୁଆ କରିବା ଏହି ଦୁଆରେ ଅଲ୍ଲାଃତାଲାଙ୍କ ମାର୍ଗରେ ଜେଲ୍ ଦଣ୍ଡ ଭୋଗୁଥିବା ଲୋକମାନଙ୍କୁ ମନେରଖିବା । ଅଲ୍ଲାଃତାଲାଙ୍କ ଖାତିର୍ ସେମାନେ ଜେଲ୍ ଦଣ୍ଡ ଭୋଗୁଛନ୍ତି । ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ଦେବା ଯୋଗୁ ସେମାନଙ୍କୁ ଏହି ବଳିଦାନ ଦେବାପାଇଁ ପଡୁଛି । ଅଲ୍ଲାଃତାଲା ସେମାନଙ୍କୁ ମୁକ୍ତି ଦେବାର ପଥ ପରିଷ୍କାର କରନ୍ତୁ । ଯେଉଁମାନେ ଜମାତ୍ ପାଇଁ ମୋକଦ୍ଦମାରେ ପଡ଼ିଛନ୍ତି, ଅଲ୍ଲାଃତାଲା ସେମାନଙ୍କୁ ସେଥିରୁ ମୁକ୍ତ କରନ୍ତୁ । ପାକିସ୍ତାନ୍ ଓ ଉପଦ୍ୱୀପ ଗୁଡିକରେ ଓ ଦୁନିଆର ସମସ୍ତ ସେହି ଦେଶ ଗୁଡିକରେ ରହୁଥିବା ଅହେମଦୀମାନଙ୍କ ପାଇଁ ଦୁଆ କରନ୍ତୁ ଯେଉଁମାନେ ଅହେମଦୀୟତ୍ ଯୋଗୁ କୌଣସି ପ୍ରକାର ଦୁଃଖ କଷ୍ଟ ଦେଇ ଗତି କରୁଛନ୍ତି । ଜମାତ୍‌କୁ ଉନ୍ନତି ମିଳିବା ପାଇଁ ଓ ତକ୍‌ୱାର ସ୍ତର ଉଚ୍ଚା ହେବା ପାଇଁ ବହୁତ ଦୁଆ କରନ୍ତୁ । ମୁସଲ୍‌ମାନ୍ ଉମ୍ମତ୍ ନିମନ୍ତେ ମଧ୍ୟ ଦୁଆ କରନ୍ତୁ ଅଲ୍ଲାଃତାଲା ସେମାନଙ୍କୁ ବୁଦ୍ଧି, ଜ୍ଞାନ ଓ ତକ୍‌ୱାର ବାସ୍ତବିକ ଅର୍ଥ ଓ ହଜ୍ ଓ କୁର୍ବାନୀର ପ୍ରକୃତ ବିଷୟକୁ ବୁଝି ଏ ଯୁଗର ଇମାମ୍‌ଙ୍କ ବୟତରେ ଆସି ଅଲ୍ଲାଃତାଲାଙ୍କ ପ୍ରସନ୍ନତା ସେମାନେ ହାସଲ୍ କରନ୍ତୁ । ଖୁତ୍‌ବା ସାନିଆ ପରେ ଦୁଆ ହେବ । ଖୁତ୍‌ବା ସାନିଆ ଓ ଦୁଆ ପରେ କହିଲେ ସମସ୍ତଙ୍କୁ ଇଦ୍ ମୁବାରକ୍ ହେଉ । ଅସ୍‌ସଲାମୋ ଆଲୈକୁମ୍ ଓ୍ୱ ରହମତୁଲ୍ଲା । (ଅଖ୍‌ବାର୍ ଅଲ୍‌ଫଜଲ୍ ଇଂଟର୍ ନ୍ୟାସ୍‌ନାଲ୍ ଲଣ୍ଡନ୍, ୨୯ ଡିସେମ୍ବର୍ ୨୦୧୭ କୁ ଧନ୍ୟବାଦ)

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ...*

ଅଟେ । ଯଦି କୌଣସି ପାକିସ୍ତାନୀ ବା କୌଣସି ଆଫ୍ରିକୀୟ ଯିଏ ହିଜ୍‌ରତ୍ କରି ସ୍ୱିଡେନ୍ ଆସିଛନ୍ତି ଓ ଏଠାରେ ସ୍ୱିଡେନ୍‌ର ନାଗରିକତା ହାସଲ କରିଛନ୍ତି ତେବେ ତାଙ୍କୁ ସ୍ୱିଡେନ୍ ସହିତ ପ୍ରେମ କରିବାକୁ ହେବ ଓ ତାକୁ ଦେଶ ସହିତ ଭକ୍ତି କରିବାକୁ ହେବ । ଯଦି ଏ ଦେଶ ଉପରେ ଶତ୍ରୁମାନଙ୍କ ତରଫରୁ ଆକ୍ରମଣ ହୁଏ ତେବେ ତାକୁ  ଦେଶର ସେନାମାନଙ୍କ ସହିତ ମିଶି ଏ ଦେଶର ପ୍ରତିରକ୍ଷା କରିବାକୁ ହେବ । ତାକୁ ଦେଶର ଉନ୍ନତି ନିମନ୍ତେ କାର୍ଯ୍ୟ କରିବାକୁ ହେବ । ସେ ଏହି ଦେଶ ପାଇଁ ଗବେଷଣା କରିବ । ତାକୁ ଏ ଦେଶର ଲୋକମାନଙ୍କ ସହିତ ପ୍ରେମ କରିବାକୁ ହେବ, ତାକୁ କାନୁନ୍ ମୁତାବକ ପରିଚାଳିତ ହେବାକୁ ପଡ଼ିବ ଓ ସେହି ସମସ୍ତ କାନୁନ୍‌ର ସେ ସମ୍ମାନ କରିବାକୁ ହେବ ଯାହା ସରକାର ଓ ପାର୍ଲିଆମେଂଟ୍ ଜରିଆରେ ଲାଗୁ କରାଯାଇଛି । ତେଣୁ ଏହା ହେଉଛି ଇଂଟିଗ୍ରେସନ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଏବେ ଦୁନିଆ ଛୋଟିଆ ହୋଇଯାଇଛି । ଗମନାଗମନରେ ସ୍ୱାଧିନତା ରହିଛି । ଏ ଦେଶରେ ଓ ଅନ୍ୟାନ୍ୟ ଦେଶଗୁଡ଼ିକରେ ମଧ୍ୟ କେବଳ ଇସାଇ ଓ ୟହୁଦୀ ରହୁନାହାଁନ୍ତି ବରଂ ମୁସଲ୍‌ମାନ୍, ହିନ୍ଦୁ, ବୌଦ୍ଧକୁ ମାନିବା ବାଲା ଓ ଅନ୍ୟାନ୍ୟ ଧର୍ମର ଲୋକମାନେ ମଧ୍ୟ ବସବାସ କରୁଛନ୍ତି । ସେ ଲୋକମାନଙ୍କର ନିଜର ପ୍ରଥା ଓ ଚାଲିଚଳନ ରହିଛି । ଯଦି ଆପଣ ଏହା କହିବେ କି ସେମାନେ ନିଜର ପ୍ରଥାକୁ ମଧ୍ୟ ଛାଡ଼ିଦେବେ, ଯଦ୍ୱାରା ଦେଶର କାନୁନ୍‌କୁ କୌଣସି ଆଘାତ ପହଂଚୁନଥିବ ବା ଯଦ୍ୱାରା ଦେଶର ଲୋକମାନଙ୍କୁ କୌଣସି କ୍ଷତି ହେଉନଥିବ ତେବେ ଏହା ଠିକ୍ ହେବନାହିଁ । ଆପଣଙ୍କୁ ସେମାନଙ୍କ ନିଜି ମାମଲାରେ ଦଖଲ ଦେବା ଠିକ୍ ହେବନାହିଁ । କାରଣ ସେମାନେ ଦେଶଭକ୍ତ ଅଟନ୍ତି ଓ ଏହା ହେଉଛି ଇଂଟିଗ୍ରେସନ୍ ।

ଏହାପରେ ସେ ପଚାରିଲେ କି ୟୁରୋପିଅନ୍ ମ୍ୟୁଜିକ୍ କମ୍ପିଟିସନ୍ କିଏ ଜିତିବ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏଭଳି ଜିନିଷରେ ମୋର କିଛି ଆଗ୍ରହ ନାହିଁ ।

ସେ ପୁଣି ଆଉ ଗୋଟିଏ ପ୍ରଶ୍ନ ପଚାରିଲେ କି ଯେବେ ଆମେ ଆପଣଙ୍କ ଇଂଟରଭ୍ୟୁ ନେବାପାଇଁ ଏଠାକୁ ଆସିଥିଲୁ ଆମକୁ ସିକ୍ୟୁରିଟି ଚେକ୍ ଦେଇ ଅତିକ୍ରମ କରିବାକୁ ପଡ଼ିଥିଲା । ମୁଁ ଜାଣିବାକୁ ପାଇଲି କି ପାକିସ୍ତାନ୍‌ରେ ଆପଣଙ୍କ ଜମାତ୍ ଉପରେ ଅତ୍ୟାଚାର ହେଉଛି । ଆପଣ ଏହାକୁ କେଉଁ ଭଳି ଗ୍ରହଣ କରନ୍ତି ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯଦିଚ ଆମ ଉପରେ ପାକିସ୍ତାନ୍‌ରେ ଅତ୍ୟାଚାର କରାଯାଉଛି କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଅହେମଦୀମାନଙ୍କର ଏକ ବହୁତ ବଡ଼ ସଂଖ୍ୟା, ଯାହା ଲକ୍ଷ୍ୟାଧିକ ଅଟନ୍ତି, ପାକିସ୍ତାନ୍‌ରେ ରହୁଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ପାକିସ୍ତାନ୍‌ରେ ମୁଁ ମଧ୍ୟ ବିନା କାରଣରେ କିଛି ଦିନ ପାଇଁ ବନ୍ଦିଶାଳାରେ ଥିଲି । କିନ୍ତୁ ମୁଁ ଖଲିଫା ନିର୍ବାଚିତ ହେବା ପର୍ଯ୍ୟନ୍ତ ସେ ଦେଶକୁ ଛାଡ଼ିନାହିଁ । ଆମକୁ ସେହି ଅତ୍ୟାଚାରର ସମ୍ମୁଖିନ ହେବାକୁ ପଡୁଛି । କାରଣ ସେହି ଅତ୍ୟାଚାରର ପଛରେ ସରକାରଙ୍କର ହାତ ରହିଛି । ସେଠାରେ ଅହେମଦୀଙ୍କ ବିରୋଧରେ କାନୁନ୍ ଲାଗୁ କରାଯାଇଛି କି ଆମେ ଆମ ବିଶ୍ୱାସକୁ ନା ତ ପ୍ରକାଶ କରିପାରିବୁ ନା ଆମେ ତବ୍‌ଲିଗ୍ କରିପାରିବୁ । ଆମେ ନିଜ ଉପାସନା ସ୍ଥଳୀକୁ ମସ୍‌ଜିଦ୍ କହିପାରିବୁ ନାହିଁ । ଆମେ ନିଜକୁ ମୁସଲ୍‌ମାନ୍ ରୂପେ ଭାବୁଛୁ କିନ୍ତୁ ସେଠାରେ ଆମେ ନିଜକୁ ମୁସଲ୍‌ମାନ୍ ବୋଲି ଅଭିହିତ କରିପାରିବୁ ନାହିଁ । ଏପରିକି କାନୁନ୍ ଅନୁସାରେ ଆମେ ଆମ ପିଲାଙ୍କର ନାମ ମୁସଲ୍‌ମାନ୍‌ଙ୍କ ନାମପରି ନାମକରଣ କରିପାରିବୁ ନାହିଁ । ସୁତରାଂ ଏହିଭଳି ଅତ୍ୟାଚାରର ସମ୍ମୁଖୀନ ସେଠାରେ ଆମକୁ ହେବାକୁ ପଡୁଛି ।

ସେହି ସାମ୍ବାଦିକ ଜଣକ ପୁଣି ପଚାରିଲେ କି କଣ ଆପଣଙ୍କୁ ୟୁରୋପ୍‌ରେ ମଧ୍ୟ ବିପଦ ରହିଛି ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ୟୁରୋପ୍‌ରେ ତ ରେଡିକାଲାଇଜ୍‌ଡ୍ ଯୁବପିଢ଼ୀଙ୍କ ଠାରୁ ପ୍ରତ୍ୟେକଙ୍କୁ ବିପଦ ରହିଛି । ଯେପରିକି ଆପଣ ପୂର୍ବରୁ କହିଲେ । କିନ୍ତୁ ମୁସଲ୍‌ମାନ୍ ମାନଙ୍କର ବହୁସଂଖ୍ୟକ ବା ମୁସଲ୍‌ମାନଙ୍କ କିଛି ଫିର୍‌କା ଓ ଗୋଷ୍ଠୀ ଅହେମଦୀଙ୍କ ଖିଲାଫ୍ ଅଟନ୍ତି । ସେଥିପାଇଁ ସେମାନେ ଅହେମଦୀଙ୍କୁ କ୍ଷତି ପହଂଚାଇପାରିବେ । ସମ୍ଭବତଃ ସେମାନେ ଜମାତ୍‌ର ମୁଖିଆଙ୍କୁ ମଧ୍ୟ ନିଜର ଲକ୍ଷ କରିବେ । ଏହିସବୁ କାରଣ ଯୋଗୁ ଯେବେ ମୁଁ ଏଠାରେ ରହୁଛି ତେବେ ସାଧାରଣ ଦିନ ମାନଙ୍କଠାରୁ ବଳି କରି ଚେକିଂ ଏବଂ ସିକ୍ୟୁରିଟିର ବିଶେଷ ଧ୍ୟାନ ଦିଆଯାଉଛି । ଯେବେ ମୁଁ ଏଠାରେ ନରହିଲେ ମଧ୍ୟ ତେବେ ମଧ୍ୟ ସିକ୍ୟୁରିଟି ଚେକିଂର ବ୍ୟବସ୍ଥା ରହିଛି । ଅହେମଦୀଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ପାଖରେ ନିଜର ଆଇକାର୍ଡ୍ ରହିଛି ଯାହାକୁ ସ୍କାନ୍ କରିବା ପରେ ସେ ମସ୍‌ଜିଦ୍‌ରେ ପ୍ରବେଶ କରିଥାଏ । ଏହା କେବଳ ସୁରକ୍ଷା ଯୋଗୁ କରାଯାଏ । ଆମକୁ କିଛି ୟୁରୋପୀୟ ଦେଶଗୁଡ଼ିକର ସରକାରଙ୍କ ତରଫରୁ ମଧ୍ୟ କୁହାଯାଇଛି କି ଆମେ ସୁରକ୍ଷାର ଯୋଜନା ଗୁଡ଼ିକୁ ଗ୍ରହଣ କରିବା ଉଚିତ୍ ।

ଇଂଟରଭ୍ୟୁର ଶେଷରେ ମହିଳା ସାମ୍ବାଦିକ ଜଣକ ହଜୁର୍ ଅନୁଓ୍ୱର୍‌ଙ୍କୁ ଧନ୍ୟବାଦ ଅର୍ପଣ କଲେ ଓ କହିଲେ କି ଜୁମା ଓ ଶନିବାର ଦିନ ଆପଣଙ୍କ ମସ୍‌ଜିଦ୍ ପ୍ରସଙ୍ଗରେ ଉତ୍ସବ ଅନୁଷ୍ଠିତ ହେଉଅଛି । ଏହି ମସ୍‌ଜିଦ୍ ପ୍ରସଙ୍ଗରେ ଆପଣ କିଛି କହିବାକୁ ଚାହିଁବେ କି ?

ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ-ଜୁମା ଦିନ ଆମର ସାପ୍ତାହିକ ଚିରାଚରିତ ଧାର୍ମିକ ଇଜିତିମା ହୁଏ, ଯାହା ଏଠାରେ ଜୁମା ଦିନ ଦୁଇପ୍ରହର ସମୟରେ ଅନୁଷ୍ଠିତ ହେବ । ଶନିବାର ଦିନ ପ୍ରଥାନୁସାରେ ଅତିଥିମାନଙ୍କ ନିମନ୍ତେ ଗୋଟିଏ ଉତ୍ସବର ବ୍ୟବସ୍ଥା କରାଯାଇଛି । ମୁଁ ଆଶା କରୁଛି କି ଆପଣଙ୍କୁ ମଧ୍ୟ ଏହି ଉତ୍ସବରେ ନିମନ୍ତ୍ରଣ କରାଯାଇଥିବ । ଯଦି କରାଯାଇନଥିବ ତେବେ ମୁଁ ଆପଣଙ୍କୁ ନିମନ୍ତ୍ରଣ କରୁଛି କି ଆପଣ ଶନିବାର ଦିନ ଆସନ୍ତୁ ଓ ଏହି ଉତ୍ସବରେ ସାମିଲ୍ ହୁଅନ୍ତୁ । ସେଠାରେ ମୁଁ ସଂକ୍ଷିପ୍ତରେ ଇସ୍‌ଲାମୀୟ ଶିକ୍ଷା ବାବଦରେ ବତାଇବି କି ମୁସଲ୍‌ମାନ୍ ମାନଙ୍କୁ କଣ କରିବାକୁ ହେବ ଓ ଅହେମଦୀୟତ୍ କଣ ଅଟେ ଓ ଆମ ଜମାତ୍‌ର ଉଦ୍ଦେଶ୍ୟ କଣ ।

ଏହାପରେ ସେହି ସ୍ତ୍ରୀ ଜଣକ ଶେଷରେ ପୁଣି ଥରେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ଧନ୍ୟବାଦ ଅର୍ପଣ କଲେ । (କ୍ରମଶଃ...)

*(ବହଓ୍ୱାଲା ଅଖ୍‌ବାର୍ ବଦର୍ ୧୬ ଜୁନ୍ ୨୦୧୬)*

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୨ ର ଅବଶିଷ୍ଟାଂଶ......*

ପାଇଁ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ ଗୁଡ଼ିକୁ ବେଳେବେଳେ ପଛରେ ପକାଇଦିଏ । ଅଧିକାଂଶ ସମୟ ମନୁଷ୍ୟକୁ ଏପରି ପକା ଅଭ୍ୟାସ ମଧ୍ୟ ହୋଇଯାଏ କି ସେ ସମ୍ପୂର୍ଣ୍ଣ ରୂପେ ବେପରୁଆ ହୋଇ କାମ କରିଥାଏ । ସେ ଏହା ଭାବେ ନାହିଁ କି ତାର ଜଣେ ଇଶ୍ୱର ମଧ୍ୟ ଅଛନ୍ତି ଯିଏ ତାକୁ ଦେଖୁଛନ୍ତି । ତେଣୁ ଆପଣ ଆ:ସ କହିଲେ କି ଯେଉଁମାନେ ଅଲ୍ଲାଃତାଲାଙ୍କର ସମ୍ପୂର୍ଣ୍ଣ ମାରେଫତ୍ ରଖିଥାନ୍ତି ସେମାନେ ତାର ଭୟ ଓ ତାର ପ୍ରେମରେ ମଧ୍ୟ ଉଚ୍ଚତମ ସ୍ତରରେ ରହିଥାନ୍ତି ଓ ଏହି ସ୍ତର ରଖିବା ବାଲା ଲୋକେ ପାପ କରିବାର ଧୃଷ୍ଟତା କରନ୍ତି ନାହିଁ । ସେମାନେ ସେହି ପାପରୁ ପବିତ୍ର ରୁହନ୍ତି । ସେମାନେ ଦିନ ରାତି ଏ ଚିନ୍ତାରେ ରହିଥାନ୍ତି କି ନିଜ ପ୍ରେମିକ (ବାସ୍ତବିକ ପ୍ରେମିକ ଅର୍ଥାତ୍ ଅଲ୍ଲାଃ) କୁ କିପରି ସନ୍ତୁଷ୍ଟି କରିପାରିବେ । ସର୍ବଦା ତାର ନିର୍ଦ୍ଦେଶ ଉପରେ ପରିଚାଳିତ ହେବାପାଇଁ ଚେଷ୍ଟା କରିଥାନ୍ତି । ସାଂସାରିକ ଲାଭକୁ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାବଳୀ ଗୁଡ଼ିକ ଉପରେ ଅଗ୍ରାଧିକାର ଦିଅନ୍ତି ନାହିଁ । ଏବଂ ତା ପାଇଁ ନିଜକୁ ଓ ନିଜ ଇଚ୍ଛାର କୁର୍ବାନୀ ମଧ୍ୟ ଯଦି ଦେବାକୁ ହୁଏ ତାହାଲେ ଦେଇଥାନ୍ତି । ଏବଂ ଏହି କୁର୍ବାନୀର ନାମ ହିଁ ଆପଣ ଆ:ସ ଇସ୍‌ଲାମ୍ ରଖିଛନ୍ତି ବା ଆମ ବୟତର ପ୍ରତିଶୃତିରେ ଯାହା ଆମେ କହିଥାଉ ଅର୍ଥାତ୍ ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ଦେବି । ତେବେ ଏହି ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ଦେବାର ବାସ୍ତବିକ ସ୍ତର ସେ ସମୟରେ ହାସଲ ହୁଏ ଯେବେ ଅଲ୍ଲାଃତାଲାଙ୍କ ମୁକାମ୍ ଓ ତା ଅସ୍ତିତ୍ୱର ମାରେଫତ୍ (ଜ୍ଞାନ) ହାସଲ ହୁଏ । ଏହା ମଧ୍ୟ ସ୍ପଷ୍ଟ ହେଉ କି ଯେପରି ଆପଣ କହିଲେ କି ମନର କୁର୍ବାନୀ ଓ ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ଦେବା ନିମନ୍ତେ ଯେଉଁ ପ୍ରତିଶୃତି ଅଛି ଏହା କୌଣସି ମଜ୍‌ବୁରୀ ବା ହୃଦୟହୀନତା ସହିତ ନହେଉ ବରଂ ନିଜ ମନର ଖୁସି ଓ ସନ୍ତୁଷ୍ଟିର ସହିତ ହେଉ । ଆପଣ ଆ:ସ କହିଲେ କି ଏହା ସେ ସମୟରେ ସୃଷ୍ଟି ହୁଏ ଯେବେ ମନୁଷ୍ୟ ଅଲ୍ଲାଃତାଲାଙ୍କ ତକ୍‌ଓ୍ୱା ଗ୍ରହଣକାରୀ ହୁଏ ।

ଏହି ବିଷୟକୁ ଆପଣ ଅନ୍ୟ ସ୍ଥାନରେ ମଧ୍ୟ ବର୍ଣ୍ଣନା କରିଛନ୍ତି । ଗୋଟିଏ ସ୍ଥାନରେ ଆପଣ କହୁଛନ୍ତି କି ''ଖୁଦାତାଲା ଓ ଇସ୍‌ଲାମ୍‌ର ଶରୀୟତ୍ ବହୁତ ଗୁଡ଼ିଏ ଜରୁରୀ ନିର୍ଦ୍ଦେଶ ନିମନ୍ତେ ନମୁନା କାଏମ୍ କରିଛନ୍ତି । ସୁତରାଂ ମନୁଷ୍ୟକୁ ଏ ନିର୍ଦ୍ଦେଶ ଦିଆଯାଇଛି କି  ସେ ସମସ୍ତ ଜାତି ସହିତ ଓ ନିଜର ସମ୍ପୂର୍ଣ୍ଣ ଅସ୍ତିତ୍ୱକୁ ଖୁଦାତାଲାଙ୍କ ମାର୍ଗରେ କୁର୍ବାନ୍ କରିଦେଉ । ତେଣୁ ପ୍ରକାଶ୍ୟରେ କୁର୍ବାନୀ ଏହି ଅବସ୍ଥା ପାଇଁ ନମୁନା କରାଯାଇଛି । କିନ୍ତୁ ଅସଲ ଉଦ୍ଦେଶ୍ୟ ହେଉଛି ଏହି କୁର୍ବାନୀ ଯେପରିକି ଅଲ୍ଲାଃତାଲା କହୁଛନ୍ତି *ଲଇଁ ୟନାଲଲ୍‌ଲାହା ଲହୁମୁହା ଓ୍ୱଲା ଦିମାଉହା ଓ୍ୱଲାକିନ୍ ୟନାଲୁହୁତ୍ ତକ୍‌ଓ୍ୱା ମିନ୍‌କୁମ୍ (ଅଲ୍‌ହଜ୍:୩୮)''* ମେଣ୍ଢା, ଛେଳିର କୁର୍ବାନୀ ଦେବା ଏକ ନମୁନା ଅଟେ କି ଏହାର ଜାଏଜା ନେବା ପାଇଁ କି ଯେପରି ଏହି ଛୋଟିଆ ଜିନିଷ ଆମ ପାଇଁ ବଳିଦାନ ଦେଉଛନ୍ତି ଓ ଆମେ ତାଙ୍କୁ କୁର୍ବାନ୍ କରିଦେଉଛୁ । କଣ ଆମେ ମଧ୍ୟ ଅଲ୍ଲାଃତାଲାଙ୍କ ଖାତିର୍ ନିଜକୁ କୁର୍ବାନୀ କରିପାରିବୁ ବା କରିବାପାଇଁ ପ୍ରସ୍ତୁତ ରହିଛୁ । ତେବେ ଏହି  ପ୍ରକାଶ୍ୟ ନମୁନା ଗୁଡ଼ିକୁ ମନୁଷ୍ୟଙ୍କ ସମ୍ମୁଖରେ ଏଇଥିପାଇଁ ରଖାଯାଇଛି କି ସେ ନିଜର ଅନୁଶୀଳନ କରିପାରିବ । ଆପଣ ଆ:ସ ଏହି ଆୟତର ଅନୁବାଦ କରି କହୁଛନ୍ତି ''ଅର୍ଥାତ୍ ଖୁଦାଙ୍କୁ ତୁମ କୁର୍ବାନୀର ମାଂସ ପହଂଚେ ନାହିଁ ଓ ନାଁ ତାର ରକ୍ତ ପହଂଚିଥାଏ କିନ୍ତୁ ତୁମର ତକ୍‌ଓ୍ୱା ତା ନିକଟରେ ପହଂଚିଥାଏ । ଅର୍ଥାତ୍ ତାକୁ ଏତେ ଭୟ କର କି ଯେପରି ତା ରାସ୍ତାରେ ତୁମେ ମରିଗଲ । ଏବଂ ଯେପରି ତୁମେ ନିଜ ହାତଦ୍ୱାରା କୁର୍ବାନୀ ପଶୁଗୁଡ଼ିକୁ ଜେଭ କରୁଛ ସେହିପରି ତୁମେ ମଧ୍ୟ ଖୁଦାତାଲାର ମାର୍ଗରେ ଜେଭ ହୋଇଯାଓ । ଯଦି କୌଣସି ତକ୍‌ଓ୍ୱା ଏହାଠାରୁ କମ୍ ତେବେ ତାହା ଦୁର୍ବଳ ଅଟେ ।'' (ଚସ୍‌ମାଏ ମାରେଫତ୍ ରୁହାନି ଖଜାଏନ୍ ଖଣ୍ଡ-୨୩, ପୃଷ୍ଠା-୯୯ ହାସିୟା)

ପୁଣି ଜାହିରି କୁର୍ବାନୀ ଓ ଜାହିରି ନମାଜ୍, ରୋଜା ଓ ଉପାସନାର ହିକ୍‌ମତ୍‌କୁ ବର୍ଣ୍ଣନା କରି ଆପଣ ଆ:ସ ଗୋଟିଏ ସ୍ଥାନରେ ସ୍ପଷ୍ଟ ରୂପେ ବର୍ଣ୍ଣନା କରୁଛନ୍ତି କି ''ଜାହିରି (ପ୍ରକାଶ୍ୟ) ରେ ନମାଜ ଓ ରୋଜା, ଯଦି ତା ସହିତ ନିଷ୍ଠା ଓ ସତ୍ୟତା ନଥିବ ତେବେ ତାହା କୌଣସି ଉତମତା ନିଜ ଭିତରେ ରଖେନାହିଁ । ଯୋଗୀ ଓ ସନ୍ୟାସୀମାନେ ମଧ୍ୟ ନିଜ ସ୍ଥାନରେ ବଡ଼ ବଡ଼ ଅଭ୍ୟାସ (ରିଆଜ) କରିଥାନ୍ତି । ଅଧିକାଂଶ ସମୟ ଏହା ଦେଖାଯାଉଛି କି ସେମାନଙ୍କ ମଧ୍ୟରୁ କିଛି ନିଜ ହାତକୁ ଶୁଖାଇ ଦିଅନ୍ତି । ଯୋଗୀ ମାନଙ୍କର ଅଭ୍ୟାସ ଏହିପରି ହୋଇଥାଏ କି ସେମାନେ ନିଜର ହାତକୁ ଗୋଟିଏ ସ୍ଥାନରେ ଅନେକ ଦିନ ଓ ଅନେକ ମାସ ପର୍ଯ୍ୟନ୍ତ ଗୋଟିଏ ପୋଜିସନ୍‌ରେ ରଖିଥାନ୍ତି । ଏପରିକି ତାଙ୍କର ହାତ ଶୁଖିଯାଇଥାଏ । ପୁଣି କହୁଛନ୍ତି କି ''ବଡ ବଡ଼ କଷ୍ଟ ଉଠାଇଥାନ୍ତି ଓ ନିଜକୁ ଦୁଃଖ କଷ୍ଟରେ ପକାଇଥାନ୍ତି । କିନ୍ତୁ ଏହି ସବୁ କଷ୍ଟ ଦ୍ୱାରା ସେମାନଙ୍କୁ କୌଣସି ପ୍ରକାର ଜ୍ୟୋତି ପ୍ରଦାନ କରାଯାଇନଥାଏ'' । ଅର୍ଥାତ୍ କଷ୍ଟ ତ ହୋଇଥାଏ କିନ୍ତୁ ସେଥିରୁ ତାଙ୍କୁ କୌଣସି ନୁର୍ ମିଳେନାହିଁ । ''ଓ ନା କୌଣସି ପ୍ରକାରର ଶାନ୍ତି ଓ ସନ୍ତୁଷ୍ଟି ତାକୁ ମିଳିଥାଏ ବରଂ ତାଙ୍କର ଆନ୍ତରିକ ଅବସ୍ଥା ଖରାପ ହୋଇଯାଏ । ସେମାନେ ଶାରୀରିକ ଅଭ୍ୟାସ କରିଥାନ୍ତି । ତେଣୁ ସେମାନଙ୍କୁ ଆନ୍ତରିକ ସମ୍ପର୍କ କମ୍ ରହିଥାଏ । ଏହାଦ୍ୱାରା ଆଧ୍ୟାତ୍ମିକତା ଉପରେ କୌଣସି ପ୍ରଭାବ ପଡ଼େନାହିଁ'' । ସେହି ଅଭ୍ୟାସ, ସେହି ଚେଷ୍ଟା, ସେହି କଷ୍ଟର ଆଧ୍ୟାତ୍ମିକ ପ୍ରଭାବ ତାଙ୍କ ଉପରେ ହୋଇନଥାଏ । ପୁଣି କହିଲେ ''ସେଥିପାଇଁ ପବିତ୍ର କୋରାନ୍‌ରେ ଅଲ୍ଲାଃତାଲା କହୁଛନ୍ତି *ଲଇଁ ୟନାଲଲ୍‌ଲାହା ଲହୁମୁହା ଓ୍ୱଲା ଦିମାଉହା ଓ୍ୱଲାକିନ୍ ୟନାଲୁହୁତ୍ ତକ୍‌ଓ୍ୱା ମିନ୍‌କୁମ୍ (ଅଲ୍‌ହଜ୍:୩୮)''* ଅର୍ଥାତ୍ ଅଲ୍ଲାଃତାଲାଙ୍କୁ ତୁମ କୁର୍ବାନୀର ମାଂସ ଓ ରକ୍ତ ପହଂଚେନାହିଁ ବରଂ ତକ୍‌ଓ୍ୱା ପହଂଚିଥାଏ । ବାସ୍ତବରେ ଖୁଦାତାଲା ଆବରଣକୁ ପସନ୍ଦ କରେନାହିଁ । ବରଂ ସେ ମଗଜ (ସାରାଂଶ)କୁ ପସନ୍ଦ କରିଥାଏ ।'' କେବଳ ଚମଡ଼ା ଓ ବାହ୍ୟ ଚମକ ଦମକ ଦରକାର ନାହିଁ ବରଂ ଅସଲ ମଗଜ ଯେଉଁ ଅଛି ତାକୁ ଅଲ୍ଲାଃତାଲା ଚାହାଁନ୍ତି । ପୁଣି କହୁଛନ୍ତି କି ''ଏବେ ପ୍ରଶ୍ନ ଉଠୁଛି କି ଯଦି ମାଂସ ଓ ରକ୍ତ ପହଂଚୁନାହିଁ ବରଂ ତକ୍‌ଓ୍ୱା ପହଂଚୁଛି ତେବେ ପୁଣି କୁର୍ବାନୀ କରିବାର କଣ ଆବଶ୍ୟକତା ରହିଛି ? ଓ ସେହିଭଳି ନମାଜ ରୋଜା ଯଦି ଆତ୍ମାର ତେବେ ପୁଣି ଏହି ଜାହିର୍ (ପ୍ରକାଶ୍ୟରେ ଆଚରଣ କରିବା)ର ଆବଶ୍ୟକତା କଣ ?'' କଣ ଆବଶ୍ୟକ ରହିଛି ନମାଜ ପଢ଼ିବାରେ ଓ ରୋଜା ରଖିବାରେ । ଆତ୍ମାରେ କେବଳ ଗୋଟିଏ ଭାବନା ସୃଷ୍ଟି ହୋଇଯିବା ଉଚିତ୍ କି ଆମ୍ଭେ ଅଲ୍ଲାଃତାଲାଙ୍କ ସମ୍ମୁଖରେ ନତମସ୍ତକ ହେଉଛି ଏହା ମନରେ ଭାବିନେବା ଯଥେଷ୍ଟ ଅଟେ । କହୁଛନ୍ତି କି ''ଏହାର ଉତର ଏପରିକି ଏହା ସମ୍ପୂର୍ଣ୍ଣ ସତ୍ୟ କଥା ଅଟେ କି ଯେଉଁ ଲୋକମାନେ ଶରୀର ଦ୍ୱାରା ସେବା ନେବା ଛାଡ଼ି ଦେଇଥାନ୍ତି ତାକୁ ରୁହ୍ (ଆତ୍ମା) ମାନେନାହିଁ । ଓ ତାଠାରେ ସେଭଳି ଭକ୍ତିଭାବ ସୃଷ୍ଟି

ହୋଇପାରେ ନାହିଁ’’ । ଯଦି ଶରୀରକୁ କାର୍ଯ୍ୟରେ ନଲଗାଇବ, ଆତ୍ମାକୁ ଶରୀର ସହିତ ମିଶାଇ ନଚଲାଇବ ବା ଶରୀରକୁ ଆତ୍ମା ସହିତ ମିଶାଇ ନଚଲାଇବ ତେବେ ପୁଣି ପ୍ରକୃତ ଭକ୍ତିଭାବ ସୃଷ୍ଟି ହୋଇପାରିବ ନାହିଁ । ଅର୍ଥାତ୍ ଏ ଅନୁଭବ ସୃଷ୍ଟି ହେବନାହିଁ କି ପ୍ରତ୍ୟେକ ପ୍ରକାରର ଆବଶ୍ୟକ ପାଇଁ ଆମକୁ ଅଲ୍ଲାଃତାଲାଙ୍କ ସମ୍ମୁଖରେ ଝୁକିବାକୁ ହେବ, ତାର ଉପାସନା କରିବାକୁ ହେବ । ଏବଂ ପୁଣି କହିଲେ କି ‘‘ସେହି ଭକ୍ତିଭାବ ସୃଷ୍ଟି ହୋଇପାରିବ ନାହିଁ ଯାହା ଅସଲ ଲକ୍ଷ୍ୟ ଅଟେ’’ । ଉଦ୍ଦେଶ୍ୟ ଓ ଲକ୍ଷ୍ୟ ତ ଏହା କି ଶାରିରୀକ ଉପାସନାରେ ମଧ୍ୟ, ଆତ୍ମୀୟ ଉପାସନାରେ ମଧ୍ୟ ଅର୍ଥାତ୍ ଭକ୍ତିଭାବ ସୃଷ୍ଟି ହେବ । ସର୍ବଦା ଏ ଅନୁଭବ ରହୁ କି ଆମକୁ ଆବଶ୍ୟକ ନିମନ୍ତେ ଅଲ୍ଲାଃତାଲାଙ୍କ ସମ୍ମୁଖରେ ନଇଁବାକୁ ହେବ । ଏବଂ ତାକୁ ହିଁ ଉପାସନା କରିବାକୁ ହେବ । ଯଦି ଏହି ଦୁଇଟି ଜିନିଷ ନାହିଁ ତେବେ ତାହା ସୃଷ୍ଟି ହୋଇପାରିବ ନାହିଁ । ପୁଣି କହିଲେ- ‘‘ଏବଂ ଯିଏ କେବଳ ଶରୀର ଦ୍ୱାରା କାମ ନିଏ ଓ ଆତ୍ମାକୁ ସେଥିରେ ମିଶାଏ ନାହିଁ ସେ ବହୁତ ବଡ଼ ବିପଦପୂର୍ଣ୍ଣ ଭୁଲ୍ କରୁଅଛି ଏବଂ ଏହି ଯୋଗୀମାନେ ଏହି ପ୍ରକାରର ଅଟନ୍ତି । ଆତ୍ମା ଏବଂ ଶରୀରକୁ ଆପୋଷରେ ଇଶ୍ୱର ଗୋଟିଏ ସମ୍ପର୍କ ଡୋରିରେ ବାନ୍ଧିଛନ୍ତି । ସେଥିଯୋଗୁ ଶରୀରର ପ୍ରଭାବ ଆତ୍ମା ଉପରେ ପଡ଼ିଥାଏ’’ । ପୁଣି କହିଲେ ‘‘ସୁତରାଂ ଶାରିରକୀ ଓ ଆଧାତ୍ମିକ ସିଲ୍‌ସିଲା ଦୁଇଟିଯାକ ସାଥିରେ ଚାଲିଥାନ୍ତି । ଆତ୍ମା ଭିତରେ ଯେବେ ବିନମ୍ରତା ସୃଷ୍ଟି ହୁଏ ଫଳସ୍ୱରୂପ ଶରୀରରେ ମଧ୍ୟ ସୃଷ୍ଟି ହୋଇଥାଏ । ସେଥିପାଇଁ ଆତ୍ମା ଭିତରେ ଯେତେବେଳେ ବିନମ୍ରତା ଓ ଭକ୍ତିଭାବ ସୃଷ୍ଟି ହୁଏ ସେତେବେଳେ ତାହାର ପ୍ରଭାବ ସ୍ୱତଃସ୍ପୃତ ଭାବେ ଶରୀରରେ ପ୍ରକାଶ ପାଇଥାଏ । ସେହିଭଳି ଶରୀର ଉପରେ ଯଦି କୌଣସି ପ୍ରଭାବ ପଡ଼େ ତେବେ ଆତ୍ମା ମଧ୍ୟ ତା ଦ୍ୱାରା ପ୍ରଭାବିତ ହୋଇଥାଏ ।’’
(ମଲ୍‌ଫୁଜାତ୍ ଖଣ୍ଡ-୪, ପୃଷ୍ଠା-୪୨୦-୪୨୧, ଏଡିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ତେଣୁ ଦୁଇଟିଯାକ ଜଣେ ଅନ୍ୟଜଣକ ସହିତ ମିଶି ଚାଲିବା ଜରୁରୀ ଅଟେ ଓ ଜଣେ ମୋମିନ୍‌ଙ୍କ ନିମନ୍ତେ ଏ ନିର୍ଦ୍ଦେଶ ରହିଛି କି ଜାହିର୍ (ପ୍ରକାଶ୍ୟ)ରେ ଉପାସନା କରିବା ଓ କୁର୍ବାନୀ ଦେବା ମଧ୍ୟ ନିଜ ତକ୍‌ୱା (ଧର୍ମପରାୟଣତା) କୁ ବଢ଼ାଇବା ପାଇଁ କରୁ । ନିଜ ଆତ୍ମାର ଉନ୍ନତି ନିମେନ୍ତ କରୁ । ନିଜ ହୃଦୟକୁ ଓ ମନକୁ ପବିତ୍ର କରିବା ପାଇଁ କରୁ ।

ତକ୍‌ୱା କଣ ? ଯାହା ଶେଷ ଉଦ୍ଦେଶ୍ୟ ଏବଂ ଯାହା ଆମ କୁର୍ବାନୀ ଓ ଉପାସନା ଗୁଡ଼ିକୁ ଅଲ୍ଲାଃତାଲାଙ୍କ ନିକଟରେ ଗ୍ରହଣୀୟ କରିଥାଏ । ଏ ସମ୍ବନ୍ଧରେ ବହୁତ ସ୍ପଷ୍ଟ ରୂପେ ହଜ୍‌ର୍ ମସିହ୍ ମଉଦ୍ ଆ:ସ ଅନେକ ସ୍ଥାନରେ ନିଜ ଲେଖନୀ ଓ ଭାଷଣ ଦ୍ୱାରା ବର୍ଣ୍ଣନା କରିଛନ୍ତି । ଗୋଟିଏ ଅବସରରେ ତକ୍‌ୱାର ଚର୍ଚ୍ଚା କରି ଆପଣ କହୁଛନ୍ତି କି ‘‘ ଅହ୍‌ଲେ ତକ୍‌ୱା (ନିଷ୍ଠବାନ୍ ବ୍ୟକ୍ତିବିଶେଷ)ଙ୍କ ନିମନ୍ତେ ଏ ସର୍ତ ରହିଛି କି ସେମାନେ ନିଜର ଜୀବନକୁ ଗରିବ୍ ଓ ଅଭାବୀଙ୍କୁ ଭଳି ବିତାନ୍ତୁ । ଏହା ତକ୍‌ୱାର ଗୋଟିଏ ଶାଖା ଅଟେ । ଯାହା ମାଧ୍ୟମରେ ଆମେ ନାଜାଏଜ୍ କ୍ରୋଧର ମୁକାବିଲା କରିପାରିବା । ବଡ଼ ବଡ଼ ଜ୍ଞାନୀ ଓ ସତ୍ୟବାଦୀଙ୍କ ପାଇଁ ଶେଷ ଓ ସର୍ବୋଚ୍ଚ ଲକ୍ଷ୍ୟ କ୍ରୋଧରୁ ବଂଚିବା ହିଁ ଥିଲା ।’’ କ୍ରୋଧକୁ ଦବାଇବା ରାଗ ହେବାରୁ ବଂଚିବା ଏହା ବହୁତ ବଡ଼ ଲକ୍ଷ୍ୟ ଅଟେ ବରଂ ଏହା ଜ୍ଞାନୀ ଗୁଣି ଓ ସତ୍ୟବାଦୀ ପୁରୁଷମାନଙ୍କ ପାଇଁ ମଧ୍ୟ ବହୁତ ବଡ ଲକ୍ଷ୍ୟ । ପୁଣି କହିଲେ- ‘‘ବିଲକ୍ଷଣ, ଦର୍ପ ଓ ଅହଂକାର କ୍ରୋଧରୁ ସୃଷ୍ଟି ହୋଇଥାଏ’’ । ଗର୍ବ ଓ ଅହଂକାର କ୍ରୋଧ ଅବସ୍ଥାରେ ହିଁ ସୃଷ୍ଟି ହୁଏ । ‘‘ସେହିପରି କେବେ ନିଜେ କ୍ରୋଧ, ବିଲକ୍ଷଣ ଓ ଗର୍ବର ଫଳ ହୋଇଥାଏ’’ । ମନୁଷ୍ୟକୁ କ୍ରୋଧ କାହିଁକି ଆସେ ? ଏଥିପାଇଁ କି ତା ଭିତରେ ବେଳେବେଳେ କୌଣସି ଅବସ୍ଥାରେ ଗର୍ବ ଓ ଅହଂକାର ଦେଖାଯାଏ । ସେ ଅନ୍ୟକୁ ନିଜଠାରୁ ନ୍ୟୁନ ମଣିଥାଏ ଓ ନିଜକୁ ବଡ଼ ବୋଲି ଭାବେ । ତେଣୁ ପ୍ରତିପକ୍ଷର ଛୋଟିଆ ଭୁଲ୍ ପାଇଁ ସେ କ୍ରୋଧିତ ହୋଇଥାଏ । ସେଥିପାଇଁ କୁହାଗଲା କ୍ରୋଧ ମଧ୍ୟ ଗର୍ବ ଓ ଅହଂକାର ଯୋଗୁ ସୃଷ୍ଟି ହୁଏ । କହୁଛନ୍ତି- ‘‘କାରଣ କ୍ରୋଧ ସେ ସମୟରେ ହେବ ଯେବେ ମନୁଷ୍ୟ ନିଜକୁ ଅନ୍ୟ ଉପରେ ଅଗ୍ରାଧିକାର ଦେଇଥାଏ’’ ।

ତେଣୁ ଯେଉଁ ଲୋକମାନେ ଶିଘ୍ର କ୍ରୋଧାନ୍ୱିତ ହୋଇ ଲଢ଼େଇ ଝଗଡ଼ା କରିବାକୁ ଆଗଭର ହୋଇଥାନ୍ତି ସେମାନଙ୍କ ନିମନ୍ତେ ଏଥିରେ ବିଚାର କରିବାର ସ୍ଥାନ ଅଛି । ସେ ଚାହେଁ ଘରୋଇ ମାମଲାରେ କ୍ରୋଧ ହେଉ, ସ୍ୱାମୀ ସ୍ତ୍ରୀ ଙ୍କ ସମ୍ପର୍କରେ କ୍ରୋଧର ପ୍ରକାଶ ହେଉ ବା ନିଜ ସାମାଜିକ ସମ୍ପର୍କରେ କ୍ରୋଧର ପ୍ରକାଶ ହେଉ । ପ୍ରତ୍ୟେକ ସ୍ଥାନରେ ଯେଉଁଠାରେ ବି ହେଉ ଏଥିପ୍ରତି ଧ୍ୟାନଦେବା ଉଚିତ୍ ଓ ବିଶେଷ ରୂପେ ଏହି କୁର୍ବାନୀ ଇଦ୍‌ରେ ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ ହେବ କି ଆମେ ଆମ କ୍ରୋଧକୁ ମଧ୍ୟ କୁର୍ବାନ୍ କରିବା ଓ ନିଜର ମନକୁ କୁର୍ବାନ୍ କରି ତାକୁ ଉତମ କରି ଗଢ଼ି ତୋଳିବା । ପୁଣି କହିଲେ କି ଯେହେତୁ କ୍ରୋଧ ସେ ସମୟରେ ହେବ ଯେବେ ମନୁଷ୍ୟ ନିଜକୁ ଅନ୍ୟଠାରୁ ବଡ଼ ବୋଲି ଭାବିବ ।

କହୁଛନ୍ତି ‘‘ମୁଁ ଚାହୁଁନାହିଁ କି ମୋ ଜମାତ୍‌ର ଲୋକେ ଆପୋଷରେ ଜଣେ ଅନ୍ୟଜଣକୁ ଛୋଟ ଓ ବଡ଼ ବୋଲି ଭାବନ୍ତୁ ବା ଜଣେ ଅନ୍ୟଜଣକ ଉପରେ ଗର୍ବ ଅହଂକାର କରୁ ବା ତାକୁ ନିଛ ଦୃଷ୍ଟିରେ ଦେଖୁ । ଇଶ୍ୱର ଜାଣିଛନ୍ତି କି ବଡ଼ କିଏ ଆଉ ଛୋଟ କିଏ । ଏହା ଏକ ପ୍ରକାର ଅପମାନ/ଘୃଣାଭାବ ଅଟେ । ଯାହା ଭିତରେ ଘୃଣାଭାବ ଅଛି ଡର ଲାଗୁଛି କି ଏହି ଘୃଣା ମଞ୍ଜି ପରି ବଢ଼ିଯିବ ଓ ତାକୁ ନିଃଶେଷ କରିଦେବ’’ । ପୁଣି କହିଲେ- ‘‘କିଛି ଲୋକେ ବଡ଼ ଲୋକଙ୍କ ସହିତ ମିଳିଲା ବେଳେ ବହୁତ ସମ୍ମାନର ସହିତ ମିଳିଥାନ୍ତି’’ । ଅର୍ଥାତ୍ ବହୁତ ଇଜ୍ଜତ୍ ଓ ସମ୍ମାନ ଦେଖାଇଥାନ୍ତି । ‘‘କିନ୍ତୁ ବଡ଼ ହେଉଛି ସିଏ ଯିଏ ମିସ୍‌କିନ୍ (ଅଭାବୀଲୋକ)ଙ୍କ କଥାକୁ ଅଭାବୀ ଲୋକ ଭଳି ଶୁଣେ ଓ ତାକୁ ଉତ୍ସାହିତ କରେ ଓ ତା କଥାର ସମ୍ମାନ କରେ । କୌଣସି ଚିଡିଚିଡା କଥାକୁ ମୁହଁରେ ଆଣେ ନାହିଁ, ଯଦ୍ୱାରା ତାକୁ ଦୁଃଖ ପହଂଚିବ । ଅଲ୍ଲାଃତାଲା କହୁଛନ୍ତି- *ୱ୍‌ଲା ତନାବଜୁ ବିଲ୍ ଅଲ୍‌କାବି ବିସଲ୍ ଇସ୍‌ମୁଲ୍ ଫୁସୁକୁ ବାଦଲ୍ ଇମାନି । ୱ୍‌ମଲ୍‌ଲମ୍ ଯତୁବ୍ ଫଉଲାଇକା ହୁମୁଜ୍ ଜାଲିମୁନ୍ । (ଅଲ୍ ହୁଜୁରାତ୍:୧୨)* ଅର୍ଥାତ୍- ଏବଂ ତୁମେମାନେ ପରସ୍ପର ପ୍ରତି କଟୁ ମନ୍ତବ୍ୟ ଦିଅନାହିଁ କି ଜଣେ ଅନ୍ୟକୁ ବିଦୃପାତ୍ମକ ନାମରେ ଡାକନାହିଁ, କାରଣ ବିଶ୍ୱାସ କଲାପରେ (ବିଦୃପାତ୍ମକ ନାମରେ ଡାକି) ଆଜ୍ଞା ପାଳନରୁ ଦୂରେଇ ଯିବା ଫଳରେ ତାହା ନିଜକୁ ଅତ୍ୟନ୍ତ ଦୁର୍ନାମଗ୍ରସ୍ତ କରାଇଥାଏ । (ଅର୍ଥାତ୍ ସେ ନିଜେ ଭ୍ରଷ୍ଟାଚାରୀ ହୋଇଯାଏ) ଏବଂ ଯେ ଅନୁତାପ କରିବ ନାହିଁ, ସେ ହିଁ ଅତ୍ୟାଚାରୀ ହେବ । ପୁଣି କହିଲେ କି ‘‘ତୁମେ ଜଣେ ଅନ୍ୟଜଣକୁ ଚିଡ଼ି ହୋଇ ଡାକନାହିଁ । ଏଭଳି କାର୍ଯ୍ୟ କୁକାର୍ଯ୍ୟ ଅଟେ । ଯେଉଁ ବ୍ୟକ୍ତି କାହାକୁ ଚିଡ଼ାଇଥାଏ ସେ ସେପର୍ଯ୍ୟନ୍ତ ମରିବ ନାହିଁ ଯେପର୍ଯ୍ୟନ୍ତ ସେଥିରେ ସେ ପିଡ଼ୀତ ନହୋଇଛି’’ । ପୁଣି କହିଲେ- ‘‘ନିଜ ଭାଇମାନଙ୍କୁ ନ୍ୟୁନ ମଣନାହିଁ । ଯଦି ଗୋଟିଏ ଝରଣାରୁ ସମସ୍ତେ ପାଣି ପିଉଛ ତେବେ କିଏ ଜାଣିଛି କି କାହା ଭାଗ୍ୟରେ ଅଧିକା ପାଣି ଅଛି । କୌଣସି ବ୍ୟକ୍ତି ଏ ସାଂସାରିକ ନିୟମାବଳୀ ଦ୍ୱାରା ସମ୍ମାନୀୟ ଓ ମହାନ୍ ହୋଇପାରେନା । ଇଶ୍ୱରଙ୍କ ନିକଟରେ ସେ ହେଉଛି ବଡ଼ ଯେ ମୁତ୍‌ତକି (ଧର୍ମପରାୟଣ) । *ଇନ୍ନା ଅକ୍‌ରମକୁମ୍ ଇନ୍ଦଲ୍ଲାହି ଅତ୍‌କାକୁମ୍... (ହୁଜୁରାତ୍ : ୧୪)’’ (ମଲ୍‌ଫୁଜାତ୍ ଖଣ୍ଡ-୧, ପୃଷ୍ଠା-୩୬)* ତୁମମାନଙ୍କ ମଧ୍ୟରୁ ସବୁଠାରୁ ସମ୍ମାନୀୟ ଅଲ୍ଲାଃଙ୍କ ନିକଟରେ ସେ ବ୍ୟକ୍ତି ଅଟେ ଯେ ସମସ୍ତଙ୍କ ଠାରୁ ଅଧିକ ଧର୍ମପରାୟଣ । ନିଶ୍ଚିତ ରୂପେ ଅଲ୍ଲାଃ ସର୍ବଜ୍ଞ ଅଟନ୍ତି ।

ପୁଣି ଏକଥାକୁ ବର୍ଣ୍ଣନା କରିଛନ୍ତି ଅର୍ଥାତ୍ ସଚ୍ଚା ମାରେଫତ୍ (ସତ୍‌ଜ୍ଞାନ) ବିନମ୍ରତା ଓ ନମ୍ର ସ୍ୱଭାବ ଦ୍ୱାରା ହିଁ ମିଳିଥାଏ । ସେଥିଯୋଗୁ ମନୁଷ୍ୟକୁ ଅତ୍ୟନ୍ତ ବିନମ୍ରତାର ସହିତ ଇଶ୍ୱରଙ୍କ ନିକଟରେ ନତମସ୍ତକ ହେବା ଉଚିତ୍ ଓ ତାଠାରୁ ହିଁ ସାହାଯ୍ୟ ଭିକ୍ଷା କରିବା ଉଚିତ୍ । ଆପଣ ଆ:ସ କହୁଛନ୍ତି କି ‘‘ମୋ ନିକଟରେ ପବିତ୍ର ହେବାର ଏହା ହେଉଛି ସୁନ୍ଦର ମାର୍ଗ । ଏହାଠାରୁ ଉତମ ମାର୍ଗ ମିଳିବା ଅସମ୍ଭବ । ତେଣୁ ମନୁଷ୍ୟ କୌଣସି ପ୍ରକାରର ଗର୍ବ ଓ ଅହଂକାର ନକରୁ । ନା ଜ୍ଞାନର, ନା ବଂଶର, ନା ଧର୍ମର । ଯେବେ ଇଶ୍ୱର କାହାକୁ ଆଖି ପ୍ରଦାନ କରନ୍ତି ତେବେ ସେ ଦେଖିନିଏ ସମସ୍ତ ଆଲୋକ ଯାହା ଏହି ଅନ୍ଧକାରରୁ ମୁକ୍ତି ଦେଇପାରିବ, ତାହା ଆକାଶରୁ ହିଁ ଆସିଥାଏ’’ । ଏହି ପ୍ରକାଶ୍ୟ ଆଖିରେ ଆମ୍ଭେ ତାହା ଦେଖିଥାଉ ଯାହା ଆମକୁ ଆଲୋକ ଦେଖାଇଥାଏ । ତାହା ମଧ୍ୟ ଆକାଶରୁ ଆସିଥାଏ । ‘‘ମନୁଷ୍ୟ ସବୁବେଳେ ଆକାଶୀୟ ଜ୍ୟୋତିର ଆବଶ୍ୟକ କରେ’’ । ସେ ଆଧାତ୍ମିକ ଆଲୋକ ହେଉ ବା ସାଂସାରିକ ଆଲୋକ ହେଉ । ପୁଣି କହିଲେ ‘‘ଆଖି ମଧ୍ୟ ସେପର୍ଯ୍ୟନ୍ତ ଦେଖିପାରେନାହିଁ ଯେପର୍ଯ୍ୟନ୍ତ ସୂର୍ଯ୍ୟର ରଶ୍ମୀ ପଡ଼ିନଥାଏ ଯାହା ଆକାଶରୁ ଆସିଥାଏ । ସେହିପରି ଅନ୍ତରର ଜ୍ୟୋତି ଯାହା ପ୍ରତ୍ୟେକ ପ୍ରକାରର ଅନ୍ଧକାରକୁ ଦୂର କରିଥାଏ’’ । ଯାହା ହେଉଛି ହୃଦୟର ଜ୍ୟୋତି ଓ ତାହା ହୃଦୟର ଅନ୍ଧକାରକୁ ଦୂର କରେ । ‘‘ଓ ଏହା ଦ୍ୱାରା ତକ୍‌ୱା (ନିଷ୍ଠା) ଓ ପବିତ୍ରତାର ଜ୍ୟୋତି ସୃଷ୍ଟି ହୋଇଥାଏ’’ । ହୃଦୟର ଅନ୍ଧକାରକୁ ଦୂର କରିବା ପାଇଁ ଏହିପରି ଜ୍ୟୋତି ଥାଏ ଯାହା ନିଷ୍ଠା ଓ ପବିତ୍ରତାର ଜ୍ୟୋତି ଅଟେ ଓ ତାହା ନିଷ୍ଠା ଓ ପବିତ୍ରତା ସୃଷ୍ଟି କରେ । ସେ କହୁଛନ୍ତି କି ତାହା ମଧ୍ୟ ଆକାଶରୁ ହିଁ ଆସିଥାଏ’’ । ପୁଣି କହୁଛନ୍ତି କି ‘‘ମୁଁ ସତ୍ୟ କହୁଅଛି କି ମନୁଷ୍ୟର ତକ୍‌ୱା, ଇମାନ୍, ଉପାସନା ଓ ପବିତ୍ରତା ସବୁକିଛି ଆକାଶରୁ ହିଁ ଆସିଥାଏ ଓ ଏହାସବୁ ଅଲ୍ଲାଃତାଲାଙ୍କ କରୁଣାରୁ ହୋଇଥାଏ । ମନୁଷ୍ୟ ତାକୁ ଯଦି ଚାହିଁବ କାଏମ୍ ରଖିବ ବା ଯଦି ଚାହିଁବ ଦୂରେଇ ଦେବ’’ । ପୁଣି କହୁଛନ୍ତି- ସୁତରାଂ ସଚ୍ଚା ମାରେଫତ୍ ହେଉଛି ତାର ନାମ ଅର୍ଥାତ୍ ମନୁଷ୍ୟ ନିଜକୁ ଅପଦାର୍ଥ ବୋଲି ମନେକରେ’’ । ଅର୍ଥାତ୍ ନିଜକୁ କିଛି ବୋଲି ଭାବିନଥାଏ । ‘‘ଏବଂ ଅଲ୍ଲାଃତାଲାଙ୍କ ଦରବାରରେ ପଡ଼ି ବିନମ୍ରତାର ସହିତ ଖୁଦାତାଲାଙ୍କ କରୁଣାକୁ ମାଗିଥାଏ ଓ ତାର ଜ୍ଞାନ ଜ୍ୟୋତିକୁ ମାଗେ ଯାହା ମନର ଭାବନାକୁ ଜଳାଇ ଦିଏ’’ । ସୁତରାଂ ମନର ଭାବନାକୁ ଜଳାଇବାକୁ ହେବ ତ ଅଲ୍ଲାଃତାଲାଙ୍କ ଠାରୁ ସେହି ଜ୍ଞାନ ଜ୍ୟୋତିକୁ ମାଗିବାର ଆବଶ୍ୟକତା ରହିଛି ଏବଂ ତାହା ଅଲ୍ଲାଃତାଲାଙ୍କ କରୁଣାରୁ ହିଁ ପ୍ରାପ୍ତ ହୁଏ । ଏବଂ କହିଲେ ‘‘ଓ ଅନ୍ତରରେ ଗୋଟିଏ ଜ୍ୟୋତି ଓ ପୁଣ୍ୟ ନିମନ୍ତେ ଶକ୍ତି ସୃଷ୍ଟି କରିଥାଏ’’ । ଅର୍ଥାତ୍ ଏହି ଜ୍ଞାନ ଜ୍ୟୋତି ଯଦି ହେବ ତାଦ୍ୱାରା ମନର ଭାବନାକୁ ମଧ୍ୟ ସେ ଜଳାଇଦେବ ଓ ଗୋଟିଏ ଆଲୋକ ପୁଣ୍ୟ କରିବା ପାଇଁ ହୃଦୟ ଭିତରେ ଶକ୍ତି ପ୍ରଦାନ କରିବ, ଉତାପ ମଧ୍ୟ ସୃଷ୍ଟି କରିବ । ‘‘ପୁଣି ଯଦି ତାର କରୁଣାରୁ ତାକୁ କିଛି ଅଂଶ ମିଳିଯାଏ ଓ କେତେବେଳେ କୌଣସି ପ୍ରକାରର ଉନ୍ମୁକ୍ତ ହୃଦୟ ପ୍ରାପ୍ତ ହୋଇଯାଏ’’ । ଯେବେ ଅଲ୍ଲାଃତାଲାଙ୍କର ଏହି କରୁଣା ହେବ, ହୃଦୟ ଉନ୍ମୁକ୍ତ ହୋଇଯିବ, ହୃଦୟରେ ନୁର୍ ଭରିଯିବ, ତେବେ ପୁଣି କଣ ହେବ ? ‘‘ତେବେ ସେଥିରେ ଗର୍ବ ଓ ଅହଂକାର ହେବନାହିଁ ବରଂ ବିନମ୍ରତାରେ ଆହୁରି ଅଧିକା ଉନ୍ନତି ହେବ’’ । ମନୁଷ୍ୟର ହୃଦୟରେ ଯେତେ ଅଧିକା ଜ୍ୟୋତି ବଢ଼ିଚାଲିବ ତା ଭିତରେ ବିନମ୍ରତା ମଧ୍ୟ ବଢ଼ି ଚାଲିବ । ପୁଣି କହୁଛନ୍ତି ‘‘କାରଣ ସେ ନିଜକୁ ଯେତେ ଅପଦାର୍ଥ ବୋଲି ଭାବିବ ସେତେ ତା ଉପରେ ଖୁଦାତାଲାଙ୍କର ଜ୍ୟୋତି ପ୍ରକଟ ହେବ ଯାହା ତାକୁ ଆଲୋକ ଓ ଶକ୍ତି ପହଂଚାଇବ । ଯେବେ ମନୁଷ୍ୟ ଏହିଭଳି ବିଶ୍ୱାସ ରଖିବ ତେବେ ଆଶା କରାଯାଉଛି କି ଅଲ୍ଲାଃତାଲାଙ୍କ କରୁଣା ବଳରୁ ତାର ଚାରିତ୍ରିକ ଅବସ୍ଥା ଉତମ ହୋଇଯିବ । ଏ ସଂସାରରେ କିଛି ବୋଲି ଭାବିବା ମଧ୍ୟ ଗର୍ବ ଅଟେ । ମନୁଷ୍ୟକୁ ସେ ଏପରି ଅବସ୍ଥାରେ ପହଂଚାଇଦିଏ କି ସେ ଅନ୍ୟକୁ ଅଭିଷାପ ଦିଏ ଓ ଅନ୍ୟକୁ ଘୃଣା କରିଥାଏ’’ । ପୁଣି କହୁଛନ୍ତି ‘‘ମୁଁ ଏହି ସବୁ କଥା ବାରମ୍ବାର ଏଇଥିପାଇଁ କହୁଛି କି ଖୁଦାତାଲା ଏ ଜମାତ୍‌କୁ ଯେଉଁଭଳି ବନାଇବାକୁ ଚାହୁଁଛନ୍ତି ସେଥିରେ ଏ ଉଦ୍ଦେଶ୍ୟ ରଖିଛନ୍ତି କି ଉକ୍ତ ବାସ୍ତବିକ ମାରେଫତ୍ (ଅଲ୍ଲାଃଙ୍କୁ ଚିହ୍ନିବାର ଜ୍ଞାନ) ଯାହା ସଂସାରରେ ଲୋପ ପାଇ ସାରିଛି ଏବଂ ସେହି ବାସ୍ତବିକ ଧର୍ମପରାୟଣତା ଓ ପବିତ୍ରତା ଯାହା ଏ ଯୁଗରେ ମିଳୁନାହିଁ, ତାକୁ ପୁନର୍ବାର ସ୍ଥାପନ କରିବ’’ । ପୁଣି କହୁଛନ୍ତି ‘‘ସବୁଆଡ଼େ ଏ ସଂସାରରେ ଗର୍ବ ଅହଂକାର ବ୍ୟାପି ରହିଛି । ୱ୍‌ଲେମାମାନେ ନିଜ ଜ୍ଞାନର ଗର୍ବରେ ଗର୍ବିତ । ଗରିବ ମାନଙ୍କୁ ଦେଖନ୍ତୁ ସେମାନଙ୍କର ଅବସ୍ଥା ଅନ୍ୟ ପ୍ରକାରର । ସେମାନଙ୍କୁ ନିଜକୁ ସୁଧାରିବା ପାଇଁ ବେଳ ନାହିଁ । ସେମାନଙ୍କର ଉଦ୍ଦେଶ୍ୟ କେବଳ ଶରୀରରେ ସିମୀତ..... ଆଜିକାଲି ବିଭିନ୍ନ ପ୍ରକାରର ଲୋକେ ଭିନ୍ନ ଭିନ୍ନ ପ୍ରକାରର ଜିକର୍ ସୃଷ୍ଟି କରିଛନ୍ତି । ନିଜକୁ ୱ୍‌ଲେମା ବୋଲି ଭାବୁଛନ୍ତି, ସୁଫି ବୋଲି ଭାବୁଛନ୍ତି । କିନ୍ତୁ ଆପଣ କହୁଛନ୍ତି କି ଏପରି ବିଦ୍‌ଅତ୍ (ବିଧର୍ମୀକାର୍ଯ୍ୟ) ସୃଷ୍ଟି କରିଦେଇଛନ୍ତି ଯାହାର ଅସ୍ତିତ୍ୱ ଆଁ ହଜ୍‌ରତ୍ ସ:ଆ:ସଙ୍କ ଠାରୁ ପ୍ରମାଣିତ ନୁହେଁ । ପୁଣି କହୁଛନ୍ତି କି ‘‘ମୁଁ ଦେଖୁଅଛି କି ହୃଦୟକୁ ପବିତ୍ର କରିବା ପ୍ରତି ସେମାନଙ୍କର କୌଣସି ଧ୍ୟାନ ନାହିଁ, କେବଳ ଶରୀର ହିଁ ବାକି ରହିଯାଇଛି, ଯେଉଁଥିରେ ଆଧାତ୍ମିକତାର ନାମ ଲେସ ନାହିଁ । ଏହିଭଳି ଚେଷ୍ଟା ହୃଦୟକୁ ପବିତ୍ର କରିପାରେନା ଏବଂ ନା କୌଣସି ବାସ୍ତବିକ ଜ୍ଞାନ ଜ୍ୟୋତି ମିଳିପାରିବ । ତେଣୁ ଏ ଯୁଗ ସମ୍ପୂର୍ଣ୍ଣ ଖାଲି । ନବୀଙ୍କ ବତାଇବାର ମାର୍ଗ ଯେପରିକି ଯାହାକୁ କରିବାର ଥିଲା ତାହା ସବୁ ସମ୍ପୂର୍ଣ୍ଣ ରୂପେ ତାକୁ ବର୍ଜନ କରାଯାଇଛି ଓ ଭୁଲାଇ ଦିଆଯାଇଛି । ଏବେ ଅଲ୍ଲାଃତାଲା ଚାହୁଁଛନ୍ତି କି ସେହି ନବୁୱ୍‌ତ୍‌ର ପ୍ରତିଶ୍ରୁତି ପୁନର୍ବାର ଆସୁ ଓ ଧର୍ମପରାୟଣତା

*ଅବଶିଷ୍ଟାଂଶ ପୃଷ୍ଠା- ୪ ରେ ଦେଖନ୍ତୁ...*

ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ...

କରାଯାଇଥିଲା । ଏ ଘୋଷଣା କରିବା ସମୟରେ ସେ ଏକୁଟିଆ ଥିଲା । ପୁଣି ଲୋକେ ତାଙ୍କ ସହିତ ମିଳିବା ଆରମ୍ଭ କଲେ । ୧୯୦୮ ମସିହାରେ ଯେବେ ତାଙ୍କର ଦେହାନ୍ତ ହେଲା ସେତେବେଳେ ତାଙ୍କ କମ୍ୟୁନିଟିର ସଂଖ୍ୟା ଚାରି ଲକ୍ଷ୍ୟ ପର୍ଯ୍ୟନ୍ତ ପହଂଚି ସାରିଥିଲା ଓ ତାଙ୍କୁ ଗ୍ରହଣ କରିଥିବା ଲୋକମାନଙ୍କ ମଧ୍ୟରୁ ବହୁ ସଂଖ୍ୟକ ଇଣ୍ଡିଆ ଓ ବର୍ତମାନର ପାକିସ୍ତାନ୍‌ରୁ ଥିଲେ । ପୁଣି ଏହାପରେ ଆରବୀୟ ଦେଶମାନଙ୍କ ମଧ୍ୟରୁ ଲୋକମାନେ ଆପଣ ଆ:ସଙ୍କୁ ଗ୍ରହଣ କଲେ ଓ ଆପଣଙ୍କ ଜମାତ୍‌ରେ ସାମିଲ୍ ହେଲେ । ଏହିପରି ଅନ୍ୟ ଦେଶଗୁଡିକ ମଧ୍ୟରୁ, ଇଣ୍ଡୋନେସିଆରୁ ହଜାର ହଜାର ଲୋକେ ଏହି କମ୍ୟୁନିଟିରେ ସାମିଲ୍ ହେଲେ । ମାଲେସିୟାରୁ ବହୁସଂଖ୍ୟକ ଲୋକେ ସାମିଲ୍ ହେଲେ । ଆରବରେ ମଧ ଲୋକମାନେ ଧିରେ ଧିରେ ସାମିଲ୍ ହେଉଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯଦି ଏହି ସମସ୍ତ ସାମିଲ୍ ହୋଇଥିବା ଲୋକମାନଙ୍କୁ ଜଣାଥିଲା କି ଆମେ ଇସ୍‌ଲାମ୍‌କୁ ପ୍ରକୃତ ଶିକ୍ଷାକୁ ପ୍ରସାର କରୁନାହୁଁ, ଆଁ ହଜ୍‌ରତ୍ ସ:ଆ:ସଙ୍କୁ ତାଙ୍କର ବାସ୍ତବିକ ପଦମର୍ଯ୍ୟାଦାକୁ ପ୍ରଦାନ କରୁନାହୁଁ ଓ ଆମେ ଖାତମୁନ୍ ନବୀଇନ୍‌ର ଭୁଲ୍ ଅର୍ଥ କରୁଅଛୁ ଓ ପବିତ୍ର କୋରାନ୍‌ର ଆୟତ ଗୁଡିକର ସଠିକ୍ ବ୍ୟାଖ୍ୟା କରୁନାହୁଁ ତେବେ ପୁଣି ମୁସଲମାନ୍ ମାନଙ୍କ ମଧ୍ୟରୁ ଏହିପରି ହଜାର ହଜାର ଲକ୍ଷ୍ୟ ଲକ୍ଷ୍ୟ ସଂଖ୍ୟକ ଲୋକେ ଆମ ସହିତ କାହିଁକି ସାମିଲ୍ ହେଉଛନ୍ତି । ଏହିପରି ଆମ ଜମାତ୍‌ର ସଂଖ୍ୟା ଲଗାତାର୍ ବଢ଼ିଚାଲିଛି । କମ୍ୟୁନିଟି ଏହିପରି ଉନ୍ନତି କରିଥାଏ । ଆମର ଏହି ବିଶ୍ୱାସ ରହିଛି କି ଇନ୍‌ଶାଅଲ୍ଲାଃ ଦିନେ ଆମେ ନିଶ୍ଚୟ ସଫଳ ହେବୁ, ଆମେ ବିଜୟୀ ହେବୁ । ଏବେ ଆପଣ ବତାନ୍ତୁ କି କଣ ୟୁହୁଦୀମାନେ ଇସାୟିୟତ୍‌କୁ ଗ୍ରହଣ କରିଥିଲେ । ତିନିଶହ ବର୍ଷ ଲାଗିଥିଲା । ତା ପରେ ଯାଇ ଇସାୟିୟତ୍ ପ୍ରସାର କରିଥିଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଜମାତ୍ ଅହେମଦୀୟାର ପ୍ରତିଷ୍ଠାତା ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ ମସିହ୍ ଓ ମେହ୍‌ଦୀ ଆ:ସ ଏ ଭବିଷ୍ୟବାଣୀ କରିଥିଲେ କି ତିନିଶହ ବର୍ଷ ବିତିନଥିବ କି ଏ ଦୁନିଆର ଏକ ବହୁତ ବଡ଼ ସଂଖ୍ୟାରେ ଲୋକେ ମୋ ଜମାତ୍‌ରେ ସାମିଲ୍ ହୋଇସାରିଥିବେ ।

ଏଥିରେ ପତ୍ରକାର ଜଣକ ପଚାରିଲେ କି ଆପଣ ବହୁତ ମଜ୍‌ବୁତ୍ ଓ ଶକ୍ତିଶାଳୀ ଅଟନ୍ତି ଏବଂ ଏବେ ଆହୁରି ଦୁଇଶହ ବର୍ଷ ବାକି ଅଛି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ୧୨୫ ବର୍ଷ ବିତିଗଲାଣି ଓ ଏବେ ଆମେ ମିଲିୟନ୍‌ସ ସଂଖ୍ୟାରେ ରହିଛୁ । ଜଣେ ବ୍ୟକ୍ତି ଇଣ୍ଡିଆ ପଞ୍ଜାବ୍ ପ୍ରଦେଶର ଗୋଟିଏ ଛୋଟ ଗ୍ରାମ କାଦିଆନ୍‌ରୁ ଦାବି କରିଥିଲା ଓ ସେ ସେତେବେଳେ ଏକୁଟିଆ ଥିଲା । ଏବେ ମିଲିୟନ୍‌ସ୍‌ରେ ରହିଛି । କଣ ଏହା ଇଶ୍ୱରଙ୍କ କାର୍ଯ୍ୟ ନୁହେଁ । ଏହା ସବୁ କିପରି ହୋଇଗଲା ।

ଜର୍ନାଲିଷ୍ଟ୍ ଜଣକ ପ୍ରଶ୍ନ କଲେ କି ହଜୁର୍ ଏଠାକୁ ଡେନ୍‌ମାର୍କ୍ ଆସିଛନ୍ତି ଓ ଆପଣଙ୍କ କମ୍ୟୁନିଟି ଏଠାରେ ମସ୍‌ଜିଦ୍ ନିର୍ମାଣର ପଚାଶ ବର୍ଷ ପୁର୍ତି ଅବସରରେ ଅନେକ ପ୍ରୋଗ୍ରାମ୍ ଅନୁଷ୍ଠିତ କରୁଅଛି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମସ୍‌ଜିଦ୍‌ର ପଚାଶ ବର୍ଷ ପୁର୍ତି ହେବା ଅବସରରେ ମୋର ଏଠାକୁ ଆସିବାର ଯୋଜନା ନଥିଲା । ଯଦିଚ ମୁଁ ଜାଣିଥିଲି କି ମସ୍‌ଜିଦ୍‌ର ନିର୍ମାଣକୁ ପଚାଶ ବର୍ଷ ସମ୍ପୂର୍ଣ୍ଣ ହୋଇସାରିଛି ବୋଲି । କିନ୍ତୁ ଏଠାକୁ ଆସିବାର କାରଣ ତାହା ନଥିଲା ।

ଜର୍ନାଲିଷ୍ଟ୍ ଜଣକ ପଚାରିଲେ କି କାଲି ହିଲ୍‌ଟନ୍ ହୋଟେଲ୍‌ରେ ଯେଉଁ ରିସିପ୍‌ସନ୍‌ର ଉତ୍ସବ ଅନୁଷ୍ଠିତ ହେଲା ସେଥିରେ ମିନିଷ୍ଟର୍, ପାର୍ଲିଆମେଂଟ୍‌ର ସଦସ୍ୟଗଣ, ଆମ୍ବାସେଡର୍, ରୁଷିଆ ଏବଂ ଆମେରିକାର ପ୍ରଥମ ସେକ୍ରେଟାରୀଗଣ ଓ ଅନ୍ୟାନ୍ୟ ବ୍ୟକ୍ତି ବିଶେଷ ଆସିଥିଲେ । ପାଖାପାଖି ୧୫୦ ଜଣ ଅତିଥି ଥିଲେ । କିନ୍ତୁ ସେହି ଅତିଥି ମାନଙ୍କ ଗହଣରେ ମୋ ବ୍ୟତୀତ ଅନ୍ୟ କୌଣସି ପାକିସ୍ତାନି ଲୋକ ନଥିଲେ । ଏପରି କାହିଁକି ।

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏଠିକାର ସ୍ଥାନୀୟ ଇନ୍ତେଜାମିଆ (ବ୍ୟବସ୍ଥାପିକା) ଏହାର ସଠିକ୍ ଉତର ଦେଇପାରିବେ । ଆମେ ପାକିସ୍ତାନି ଆମ୍ବାସେଡର୍‌ଙ୍କୁ ଡାକିଥିଲୁ ଓ ତତ୍ ସହିତ ଆମ୍ବାସିର ଲୋକମାନଙ୍କୁ ମଧ ଡାକିଥିଲୁ । ଆମ୍ବାସେଡର୍‌ଙ୍କ ବାବଦରେ ଜାଣିପାରିଲୁ କି ସେ ଉମ୍‌ରାଃ ପାଇଁ ଯାଉଛନ୍ତି ଓ ଅନ୍ୟମାନଙ୍କ ବିଷୟରେ ଆମକୁ ଜଣାନାହିଁ ଯେ ସେମାନେ କାହିଁକି ଆସିଲେ ନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏହା ଆମର ସାଧାରଣ ବ୍ୟବସ୍ଥା କି ଯେବେ ଆମେ ପ୍ରତ୍ୟେକ ବର୍ଷ ଲଣ୍ଡନ୍‌ଠାରେ ସିଂପୋଜିୟମ୍ ଅନୁଷ୍ଠିତ କରୁଛୁ ତେବେ ସେଠାରେ ବହୁତ ପାକିସ୍ତାନି କମ୍ୟୁନିଟିର ଅତିଥିମାନେ ସାମିଲ୍ ହେଉଛନ୍ତି ଓ ଭାରତୀୟ ମୂଳ ନିବାସୀ ଆସୁଛନ୍ତି । ଏବେ ଏଠାରେ ଜଣାନାହିଁ କି ପାକିସ୍ତାନୀଙ୍କ ସହିତ କିପରି ସମ୍ପର୍କ ଅଛି । ଏହାତ ସମ୍ପର୍କ ଏତେ ଭଲ ନଥିବ ବା ପୁଣି ସେମାନେ ଆମ ପ୍ରୋଗ୍ରାମ୍‌ରେ ଆସିବାକୁ ଚାହୁଁନଥିବେ । କିନ୍ତୁ ଏ ବିଷୟରେ ମୋତେ କିଛି ଜଣାନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଆମେ ଇସ୍‌ଲାମ୍‌ର ବାସ୍ତବିକ ବାର୍ତାକୁ ଏଠିକାର ସ୍ଥାନୀୟ ଡେନିଶ୍ ଲୋକମାନଙ୍କ ପର୍ଯ୍ୟନ୍ତ ପହଂଚାଇବାକୁ ଚାହୁଁଥିଲୁ । ମୋର ଧାରଣା କି ସେଥିଯୋଗୁ ବୋଧହୁଏ ଏମାନେ ସ୍ଥାନୀୟ ଡେନିଶ୍ ଲୋକମାନଙ୍କୁ ଅଧିକରୁ ଅଧିକ ନିମନ୍ତ୍ରଣ ଦେଇଛନ୍ତି । ଏପରିକି ଆମ ନିଜ କମ୍ୟୁନିଟିର ସଦସ୍ୟମାନେ ମଧ ବହୁତ କମ୍ ଥିଲେ । ବୋଧହୁଏ ଦଶ ପନ୍ଦର ଜଣ ଲୋକ ଉପସ୍ଥିତ ଥିଲେ ।

ଜର୍ନାଲିଷ୍ଟ୍ ଜଣକ ଏ ପ୍ରଶ୍ନ କଲେ କି ମୁଁ ଆପଣଙ୍କ ଜମାତ୍ ବିଷୟରେ ଅଧ୍ୟୟନ କରିଛି । ଆପଣଙ୍କ ଜମାତ୍ ସାରା ଦୁନିଆରେ ମିଶ୍‌ନାରୀ ଓ୍ୱାର୍କ୍ କରୁଅଛି । ତେବେ କଣ ଆପଣମାନେ ମିଶ୍‌ନାରୀ ଓ୍ୱାର୍କ୍‌ର ଶୈଳୀ କିଛି ଇସାଇଙ୍କ ଠାରୁ ନେଇ ଏହି ଶବ୍ଦକୁ ବ୍ୟବହାର କରୁଛନ୍ତି ।

ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଯଦି ଏହା ପାଇଁ ଇଂରାଜୀ ଭାଷାରେ ଅନ୍ୟ କୌଣସି ସଠିକ୍ ଶବ୍ଦ ଥିବ ତେବେ ଆମକୁ ଗ୍ରହଣ କରିପାରିବୁ । ଆମର କାର୍ଯ୍ୟ ହେଉଛି ତବ୍‌ଲିଗ୍ କରିବା ଓ ଇସ୍‌ଲାମ୍‌ର ବାର୍ତାକୁ ପହଂଚାଇବା । ଜମାତ୍ ଅହେମଦୀୟାର ପ୍ରତିଷ୍ଠାତା ଏ ଘୋଷଣା କରିଥିଲେ କି ମୋ ଆଗମନର ଦୁଇଟି ଉଦ୍ଦେଶ୍ୟ ରହିଛି । ପ୍ରଥମଟି ହେଉଛି ପ୍ରତ୍ୟେକ ବ୍ୟକ୍ତି ନିଜର ସୃଷ୍ଟିକର୍ତା ଇଶ୍ୱରଙ୍କୁ ଚିହ୍ନୁଁ, ଇଶ୍ୱରଙ୍କ ନିକଟତର ହେଉ ଓ ଦ୍ୱିତୀୟଟି ହେଉଛି ପ୍ରତ୍ୟେକ ମନୁଷ୍ୟ ଅନ୍ୟ ମନୁଷ୍ୟଙ୍କ ଅଧିକାରକୁ ପ୍ରଦାନ କରୁ । ଜଣେ ଅନ୍ୟଜଣକୁ ସମ୍ମାନ ଦେଉ ।

ଏହି ଦୁଇଟି କଥା ଉପରେ ଅମଳ କରି ଆମେ ସଂସାରରେ ଶାନ୍ତି, ସହିଷ୍ଣୁତା, ଭାଇଚାରା ଏବଂ ଆପୋଷରେ ପ୍ରେମଭାବର ପରିବେଶ ସ୍ଥାପନ କରିପାରିବା । ସୁତରାଂ ଆମେ ସଂସାରରେ ଏ ବାର୍ତା ପହଂଚାଉଛୁ କି ନିଜ ସୃଷ୍ଟିକର୍ତା ଓ ପାଳନକର୍ତାଙ୍କୁ ଚିହ୍ନ ଓ ତାର ଅଧିକାରକୁ ପ୍ରଦାନ କର ଏବଂ ଏହା ମଧ ବତାଉଛୁ କି ତୁମେ କିପରି ଇଶ୍ୱରଙ୍କ ନିକଟତର ହୋଇପାରିବ । ଏହାର ସବୁଠାରୁ ଉତମ ମାଧ୍ୟମ ହେଉଛି ଇସ୍‌ଲାମ୍‌ର ସତ୍ୟ ଓ ବାସ୍ତବିକ ଶିକ୍ଷା ଉପରେ ପରିଚାଳିତ ହୁଅ । ପବିତ୍ର କୋରାନ୍‌ର ନିର୍ଦ୍ଦେଶାବଳୀ ଉପରେ ଅମଳ କର । ଆଁ ହଜ୍‌ରତ ସ:ଆ:ସଙ୍କ ସୁନ୍ନତ ଉପରେ ଚାଲ । ତେବେ ଏହା ହେଉଛି ସେ ସବୁ କଥା ଯାହାର ବାର୍ତା ଆମେ ପହଂଚାଉଛୁ । ତେବେ ଯେବେ ଆମେ କହୁଛୁ କି ଆମେ ମିଶ୍‌ନାରୀ ଓ୍ୱାର୍କ୍ କରୁଅଛୁ ତେବେ ଆମେ ଏହା କଦାପି କହିନାହୁଁ କି ନିଜ ସହିତ ସାମିଲ୍ ହୋଇଥିବା ଲୋକମାନଙ୍କୁ ଅନ୍ୟ କୌଣସି ପ୍ରକାରର ଶିକ୍ଷା ଆମେ ଦେଉଅଛୁ ।

ଆମେ ତ ଏହା କହୁଅଛୁ କି ପବିତ୍ର କୋରାନ୍‌ର ହେଉଛି ଏ ଶିକ୍ଷା ଓ ଆଁ ହଜ୍‌ରତ୍ ସ:ଆ:ସଙ୍କର ଏପରି ସୁନ୍ନତ ଅଛି, ଆପଣଙ୍କର ଅମଳ ଏପରି ଓ ଆପଣଙ୍କର ନିର୍ଦ୍ଦେଶାବଳୀ ଏପରି ରହିଛି । ତେଣୁ ଯଦି ତୁମେ ଏ ସଂସାରରେ ଓ ପରକାଳରେ ନିଜ ଜୀବନକୁ ବଂଚାଇବାକୁ ଚାହୁଁଛ ତେବେ ଏହି ଶିକ୍ଷା ଉପରେ ଅମଳ କରି ଆମ ସହିତ ମିଶିଯାଓ ।

ଜର୍ନାଲିଷ୍ଟ୍ ଜଣକ ପଚାରିଲେ କି ଅହେମଦୀ ମୁସଲ୍‌ମାନଙ୍କର ଏ ସ୍ଲୋଗାନ୍ ରହିଛି ''ମହବତ୍ ସବ୍‌କେଲିଏ, ନଫ୍‌ରତ୍ କିସି ସେ ନେହିଁ'' । ତେବେ ଏଥିରେ ''ଏତ୍‌ମାଦ୍'' ଅର୍ଥାତ୍ ଭରୋଷାର ଶବ୍ଦକୁ କାହିଁକି ରଖୁନାହାଁନ୍ତି । କାରଣ ଘୃଣା ଓ ପ୍ରେମ ବିପରୀତ ବୋଧକ ଶବ୍ଦ ଅଟେ । ଯେବେ କି ଭରୋଷା ଗୋଟିଏ ଏପରି ଜିନିଷ ଯାହାକୁ ମଝିରେ ମିଶାଇ ଦିଆଯାଇପାରିବ ।

ଏହି ପ୍ରଶ୍ନର ଉତର ଦେଇ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏହା ଗୋଟିଏ ଏପରି ସ୍ଲୋଗାନ୍ ଯାହା ପବିତ୍ର କୋରାନ୍‌ରୁ ନିଆଯାଇଛି । ଏହାର ଆଧାର ପବିତ୍ର କୋରାନ୍‌ରେ ରହିଛି । ଜଣେ ଅନ୍ୟଜଣକୁ ପ୍ରେମ କରୁ ଓ ଜଣେ ଅନ୍ୟ ଜଣକ ସମ୍ମାନ କରୁ । ପ୍ରତ୍ୟେକଙ୍କ ସହିତ ନ୍ୟାୟ କରୁ । ନିଜ ଶତ୍ରୁଙ୍କ ସହିତ ମଧ ନ୍ୟାୟ କରୁ ଯାହା ନିଜ ପାଇଁ ଭଲ ତାହା ନିଜ ଭାଇ ପାଇଁ ପସନ୍ଦ କରିବା ଉଚିତ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ପ୍ରତ୍ୟେକ ଅବସରରେ ପ୍ରେମ ଏକାପରି ହୋଇନଥାଏ । ଆପଣ ନିଜ ପିଲାଙ୍କ ସହିତ ବିଭିନ୍ନ ଶୈଳିରେ ପ୍ରେମ କରୁଛ ଓ ନିଜ ସାଙ୍ଗ ସାଥିଙ୍କ ସହିତ ପ୍ରେମ କରିବା ଶୈଳୀ ଅଲଗା । ସେହିପରି ନିଜ ଭାଇ ଭଉଣୀଙ୍କ ସହିତ ପ୍ରେମ କରିବାର ଶୈଳୀ ଅଲଗା ଥାଏ ।

ଏକଦା ହଜ୍‌ରତ୍ ଅଲ୍ଲୀ ର:ଅଙ୍କ ଠାରୁ ତାଙ୍କର ଜଣେ ପୁତ୍ର ପଚାରି ବୁଝିଲେ କଣ ଆପଣ ମୋତେ ପ୍ରେମ କରୁଛନ୍ତି । ଏଥିରେ ହଜ୍‌ରତ୍ ଅଲୀ ର:ଅ ଉତର ଦେଲେ- ହଁ ମୁଁ ତୁମକୁ ପ୍ରେମ କରୁଛି । ପୁଣି ପୁଅ ପଚାରିଲା କଣ ଆପଣ ଖୁଦାଙ୍କୁ ପ୍ରେମ କରୁଛନ୍ତି । ଏଥିରେ ହଜ୍‌ରତ୍ ଅଲୀ ର:ଅ ଉତର ଦେଲେ ହଁ ମୁଁ ଖୁଦାଙ୍କୁ ପ୍ରେମ କରୁଛି । ଏଥିରେ ପିଲାଟି କହିଲା କି ଏହି ଦୁଇଟି ପ୍ରେମ ଗୋଟିଏ ସ୍ଥାନରେ କିପରି ଏକତ୍ରିତ ହୋଇପାରେ । ଏଥିରେ ହଜ୍‌ରତ୍ ଅଲୀ ର:ଅ ଉତର ଦେଲେ କି ଯେବେ ଅଲ୍ଲାଃଙ୍କ ପ୍ରେମ ସମ୍ମୁଖରେ ଥିବ ତେବେ ମୁଁ ତୁମ ପ୍ରେମକୁ ଛାଡ଼ିଦେବି ଓ କେବଳ ଅଲ୍ଲାଃଙ୍କ ସହିତ ପ୍ରେମ କରିବି । ଏହାର ଅର୍ଥ ହେଉଛି ପ୍ରେମର ବିଭିନ୍ନ ସ୍ତର ରହିଛି ।

ହଜୁର୍ ଅନୁଓ୍ୱର୍ କହିଲେ- ଆମେ ଏ କଥାରେ ବିଶ୍ୱାସ ରଖୁଛୁ କି ଶତ୍ରୁଙ୍କ ସହିତ ପ୍ରେମ ଓ ତାଙ୍କ ପାଇଁ ସହାନୁଭୁତି ରଖିବାକୁ ହେବ । ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି- ଯାହା ନିଜ ପାଇଁ ପସନ୍ଦ କର ତାହା ଅନ୍ୟପାଇଁ ମଧ ପସନ୍ଦ କର । ଯଦି ତୁମେ ଏହା ଚାହୁଁଛ କି ତୁମ ସହିତ ସହାନୁଭୁତି ରଖାଯାଉ ତେବେ ଅନ୍ୟମାନଙ୍କ ସହିତ ସହାନୁଭୁତିର ଭାବନା ନିଜ ହୃଦୟରେ ଜାଗ୍ରତ କର । ତେଣୁ ଆମ ପାଇଁ ଏହି ସ୍ଲୋଗାନ୍ ''ମହବତ୍ ସବ୍ କେ ଲିଏ, ନଫ୍‌ରତ୍ କିସି ସେ ନେହିଁ'' ଅର୍ଥାତ୍ ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ ର ଆଧାର ପବିତ୍ର କୋରାନ୍‌ର ଶିକ୍ଷା ଉପରେ ରହିଛି ।

ଗୋଟିଏ ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ମୁଁ ବହୁତ ଦିନରୁ ଏହା ବତାଇ ଆସୁଛି କି ଯଦି ଆମେ ନ୍ୟାୟର ସହିତ କାର୍ଯ୍ୟ ନକରିବା ଓ ବଡ଼ ବଡ଼ ଶକ୍ତିଶାଳୀ ରାଷ୍ଟ୍ର ଗରିବ ଦେଶଗୁଡିକୁ ତାଙ୍କର ଅଧିକାରକୁ ନଦେବେ ଓ ଗରିବ ଦେଶର ଧନ ସମ୍ପତିକୁ ଲୁଟିବା ବନ୍ଦ୍ ନକରିବେ ତେବେ ପୁଣି ଆପଣଙ୍କୁ ଏହା ନିଶ୍ଚିତ ରହିବାକୁ ହେବ ଯେ ଯୁଦ୍ଧ ଆସି ଆପଣଙ୍କ ଦୁଆର ମୁହଁରେ ଛିଡ଼ା ହୋଇଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ପୁସ୍ତକ ''ପ୍ୟାଥ୍ ଓ୍ୱେ ଟୁ ପିସ୍'' ପଢ଼ନ୍ତୁ । ସେଥିରେ ଅଭିଭାଷଣ ବ୍ୟତୀତ ଉକ୍ତ ଚିଠି ଗୁଡିକ ମଧ ଅଛି ଯାହା ବଡ଼ ବଡ଼ ଶକ୍ତିଶାଳୀ ରାଷ୍ଟ୍ରର ମୁଖିଆଙ୍କ ନାମରେ ଲେଖାଯାଇଛି । ପୁଣି ହଜୁର୍ କହିଲେ ମୁଁ ଲସ୍ ଏଞ୍ଜେଲେସ୍ (ଆମେରିକା) ଠାରେ ରାଜନୈତିଜ୍ଞ ଓ ବୁଦ୍ଧିଜିବୀଙ୍କ ସମ୍ମୁଖରେ ଏ ଅଭିଭାଷଣ ପ୍ରଦାନ କରିଥିଲି ଓ ଏହା ବତାଇଥିଲି କି ନ୍ୟାୟ କରନ୍ତୁ ଓ ସଞ୍ଜମତା ଗ୍ରହଣ କରନ୍ତୁ । ନଚେତ୍ ଆମେ ତୃତୀୟ ବିଶ୍ୱଯୁଦ୍ଧକୁ ରୋକି ପାରିବା ନାହିଁ । ଏଥିରେ ଜଣେ ରାଜନୈତିଜ୍ଞ ମୋ ସମ୍ବନ୍ଧରେ ଆମର ଜଣେ ସଦସ୍ୟକୁ କହିଥିଲେ କି ବହୁତ ବଡ଼ Pessimistic ଅଛନ୍ତି । ଏବେ ସେ ଆମ ଲୋକମାନଙ୍କୁ ବାର୍ତା ଦେଇଛନ୍ତି କି ଖଲିଫା ଏଠାରେ ଯାହା କହିଥିଲେ ତାହା ସତ୍ୟ ଥିଲା । ଆମେ ବର୍ତମାନ ସେହି ସବୁ ପରିସ୍ଥିତିର ସଂକେତ ଦେଖୁଅଛୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଯେଉଁ କୌମ୍ (ଜାତି) ନିଜ ସୃଷ୍ଟିକର୍ତାଙ୍କ ନିକଟରେ ନତମସ୍ତକ ନହେବ ଓ ନିଜ ସୃଷ୍ଟିକର୍ତାଙ୍କ ଅଧିକାରକୁ ପ୍ରଦାନ ନ କରିବ ଓ ଲୋକମାନଙ୍କ ସହିତ ନ୍ୟାୟ ନକରିବ ଓ ଲୋକମାନଙ୍କର ଅଧିକାରକୁ ପ୍ରଦାନ ନକରିବ ତେବେ ସେ ସମସ୍ତେ ଇଶ୍ୱରଙ୍କ ହାତରେ ଧରାପଡ଼ିବେ । ପୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ପ୍ରଥମେ ୧୯୩୨ ମସିହାରେ ଇକୋନୋମିକ୍ କ୍ରାଇସିସ୍ (ଆର୍ଥିକ ସଂକଟ) ଆସିଥିଲା । କୋଟି କୋଟି ଲୋକ ବେରୋଜ୍‌ଗାର୍ ହୋଇଥିଲେ । ସେହି ଆର୍ଥିକ ସଂକଟ ପରେ ସନ୍ତ୍ରାସବାଦ କାର୍ଯ୍ୟକଳାପ ବଢ଼ିଲା । ଏହାର ଲାଭ ସନ୍ତ୍ରାସବାଦ ଗୋଷ୍ଠୀ ଉଠାଇଲେ ଏବଂ ଅବସ୍ଥା ଫସାଦ୍ ଆଡକୁ ଅଗ୍ରସର ହେଲା । ଏବଂ ଏହି ସଂକଟ ହେବା ଫଳରେ ସଂସାରର ଶାନ୍ତି ନଷ୍ଟ ହେଲା । ଏହା

ସବୁ ଏପରି ଜିନିଷ ଯାହା ଯୁଦ୍ଧ ଆଡକୁ ଭିଡ଼ି ନେଉଛି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ତେଣୁ ଯଦି ତୃତୀୟ ବିଶ୍ୱଯୁଦ୍ଧରୁ ବଂଚିବାକୁ ଚାହୁଁଛ ତେବେ ଏହାର ଗୋଟିଏ ସମାଧାନ ରହିଛି । ଅର୍ଥାତ୍ ନିଜ ସୃଷ୍ଟିକର୍ତାଙ୍କ ଆଡକୁ ଫେରିଆସ ଓ ତାର ଅଧିକାରକୁ ପ୍ରଦାନ କର ଓ ଜଣେ ଅନ୍ୟଜଣକର ଅଧିକାରକୁ ପ୍ରଦାନ କରୁ । ଜଣେ ଅନ୍ୟ ଜଣକ ସହିତ ସହାନୁଭୁତି ଓ ସମ୍ମାନ ଦେଖାଉ । ଯଦି ଏପରି ନକରିବେ ତେବେ ପୁଣି ବଂଚିବେ ନାହିଁ ।

ଜର୍ନାଲିଷ୍ଟ୍ ଜଣକ ଏ ପ୍ରଶ୍ନ କଲେ କି ଆପଣ ମହିଳାମାନଙ୍କ ସହିତ ହାତ ମିଳାଉ ନାହାଁନ୍ତି । ଏହାର କାରଣ କଣ ।

ଏହାର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ଆମେ ଇସ୍‌ଲାମ୍‌ର ସତ୍ୟ ଓ ବାସ୍ତବିକ ଶିକ୍ଷା ଉପରେ ଅମଲ କରି ମହିଳାମାନଙ୍କ ସମ୍ମାନରେ ସେମାନଙ୍କ ସହିତ ହାତ ମିଳାଇ ନଥାଉ । ଆଁ ହଜ୍‌ରତ୍ ସ:ଆ:ସ ମହିଳାମାନଙ୍କ ସମ୍ମାନ ରକ୍ଷା କରିବାକୁ ଯାଇ ତାଙ୍କ ସହିତ ହାତ ମିଳାଇବା ପାଇଁ ମନା କରିଛନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ବିଭିନ୍ନ ଦେଶର ଭିନ୍ନ ଭିନ୍ନ ଜାତି, ଗୋଷ୍ଠୀ, ନିଜ ନିଜ ପ୍ରଥାର ଅନୁସରଣ କରିଥାନ୍ତି । ହିନ୍ଦୁମାନେ ଯେବେ ମିଳନ୍ତି ନିଜର ଦୁଇ ହାତକୁ ଯୋଡ଼ିଥାନ୍ତି । ଜାପାନୀ ଲୋକମାନେ ନିଜର ମୁଣ୍ଡକୁ ନୁଆଇଁ ଦେଇଥାନ୍ତି । ଆଫ୍ରିକାରେ କିଛି କବିଲାର ରାଜାମାନେ ଏପରି ଅଛନ୍ତି, ସେମାନେ ଏକାଠି ମିଶି ଖାଦ୍ୟ ଖାଆନ୍ତି ନାହିଁ । ସେ କୌଣସି ଦେଶର ରାଷ୍ଟ୍ରପତି ହୁଅନ୍ତୁ ନା କାହିଁକି । ସେମାନେ ନିଜର ଖାଦ୍ୟ ଅଲଗା ହୋଇ ଏକାନ୍ତରେ ଖାଇଥାନ୍ତି । ହଜୁର୍ ଅନୁୱର୍ କହିଲେ ମୁଁ ଅନ୍ୟମାନଙ୍କ ଠାରୁ ବହୁତ ଅଧିକା ମହିଳାମାନଙ୍କର ସମ୍ମାନ କରିଥାଏ ।

ଜର୍ନାଲିଷ୍ଟ୍ ଜଣକ ପ୍ରଶ୍ନ କଲେ ଏଠି ନମାଜ ସମୟରେ ପ୍ରୋଗ୍ରାମ୍‌ରେ ମହିଳାମାନେ ଅଲଗା କାହିଁକି ବସୁଛନ୍ତି ?

ଏହାର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ''ଅଲ୍‌ହେୟାଓ ମିନଲ୍ ଇମାନେ'' ଅର୍ଥାତ୍ ଲଜ୍ଜ୍ୟା ଇମାନ୍‌ର ଅଂଶ ଅଟେ । ପ୍ରଥମେ ଏପରି ହେଉଥିଲା ଅର୍ଥାତ୍ ଯେବେ ମସ୍‌ଜିଦ୍‌ରେ ଅଲଗା ନମାଜ ପଢ଼ିବା ପାଇଁ ସ୍ଥାନ ନଥିଲା ସେତେବେଳେ ପୁରୁଷମାନେ ଆଗରେ ଛିଡ଼ାହୋଇ ପଢୁଥିଲେ ଓ ମହିଳାମାନେ ସେମାନଙ୍କ ପଛରେ ନମାଜ ପଢୁଥିଲେ । ପୁଣି ଏପରି ମଧ୍ୟ ହୋଇଥିଲା କି ମସ୍‌ଜିଦ୍‌ର ଗୋଟିଏ କୋଠରୀରେ ବା ଗୋଟିଏ ଭାଗରେ ପୁରୁଷମାନେ ନମାଜ ପଢୁଛନ୍ତି ଓ ମଝିରେ ପରଦା ଲଗାଇ ଅନ୍ୟପଟେ ମହିଳାମାନେ ନମାଜ ପଢୁଛନ୍ତି । ବର୍ତମାନ୍ ଯେଉଁଠି ଅଲଗା ଅଲଗା କୋଠରୀର ବ୍ୟବସ୍ଥା ଅଛି ସେଠାରେ ମହିଳାମାନେ ଓ ପୁରୁଷମାନେ ଅଲଗା ଅଲଗା ପଢୁଛନ୍ତି ।

ଏବେ ଏଠାରେ ମହିଳାମାନଙ୍କର ହଲ୍ ବିଲ୍‌ଡିଂର ତଳଭାଗରେ ରହିଛି ଓ ମସ୍‌ଜିଦ୍‌ର ତଳଭାଗରେ । ବର୍ତମାନ ପୁରୁଷ ଅଧିକ ଅଛନ୍ତି । ସେଥିଯୋଗୁ ତଳ ହଲ୍ ମଧ୍ୟ ପୁରୁଷମାନଙ୍କୁ ଦିଆଯାଇଛି । ଏହା ଓଭର୍ ଫ୍ଲୋ ଯୋଗୁ ହୋଇଛି । ମହିଳାମାନଙ୍କୁ ମସ୍‌ଜିଦ୍‌ର ସମ୍ମୁଖରେ ଅନ୍ୟ ଏକ ବିଲ୍‌ଡିଂରେ ଗୋଟିଏ ବଡ଼ ହଲ୍ ଦିଆଯାଇଛି । ଯଦି ପୁରୁଷମାନେ ଆହୁରି ଅଧିକ ହେବେ ତେବେ ସେମାନେ ପୁଣି ଟେଂଟ୍ ଭିତରେ ଯାଇ ନମାଜ ପଢ଼ିବେ । ମହିଳାମାନେ ହଲ୍ ଭିତରେ ପଢୁଛନ୍ତି ।

ଜର୍ନାଲିଷ୍ଟ ଜଣ ଶେଷ ପ୍ରଶ୍ନରେ ଏହା ପଚାରିଲେ କି ମହିଳାମାନଙ୍କର ଗୋଟିଏ ଗ୍ରୁପ୍ ଗୋଟିଏ ମସ୍‌ଜିଦ୍ ନିର୍ମାଣ କରିଛି ଓ ତାର ନାମ 'ମରିୟମ୍ ମସ୍‌ଜିଦ୍' ରଖାଯାଇଛି । ସେଠାରେ ତିନିଜଣ ମହିଳା ଇମାମ୍ ଅଛନ୍ତି । ଏହା କଣ ଆପଣଙ୍କ ନିକଟରେ ଗ୍ରହଣୀୟ ?

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ୟୁଟୁବ୍ ବା ୱାଟ୍‌ସ୍‌ଆପ୍‌ରେ ଏହି ଭିଡିଓ ରହିଛି, ଯେଉଁଠି ମହିଳା ଇମାମତ୍ କରାଉଛନ୍ତି । ପୁରୁଷ ଓ ମହିଳାମାନେ ଜଣେ ଅନ୍ୟ ଜଣକ ସହିତ ମିଶି ଛିଡ଼ା ହୋଇ ନମାଜ ପଢୁଛନ୍ତି । ହଜୁର୍ ଅନୁୱର୍ ଅ:ବ:ଅ ପୁଣି କହିଲେ-କଣ ଆପଣ ନିଜର ଧର୍ମ ସୃଷ୍ଟି କରିବେ ବା ଆପଣ ଯଦି ମୁସଲ୍‌ମାନ୍ ଅଟନ୍ତି ତେବେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଦୀନ୍‌ରେ ଚାଲିବେ । ଯାହା କିଛି ମଧ୍ୟ ପବିତ୍ର କୋରାନ୍‌ରେ ଲେଖାଯାଇଛି ଆମେ ତାକୁ ଅନୁସରଣ କରିବୁ ଓ ଯେଉଁଭଳି ଆଁ ହଜ୍‌ରତ୍ ସ:ଆ:ସ ନିଜର କର୍ମଦ୍ୱାରା କରି ଦେଖାଇଛନ୍ତି ଆମେ ତାକୁ ଅନୁସରଣ କରିବୁ । ଯାହାକିଛି ଏ ଲୋକମାନେ କରୁଛନ୍ତି ତାହା କେବଳ ଏ ଯୁଗରେ ଲୋକମାନଙ୍କ ଖୁସି କରାଇବା ପାଇଁ ଓ ଯାହା ଅଣମୁସଲ୍‌ମାନଙ୍କ ତରଫରୁ ଆପତି କରାଯାଉଛି ସେଥିରୁ ବଂଚିବା ପାଇଁ । ପୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ଶରୀୟତ୍‌ର ପ୍ରତ୍ୟେକ ମାମଲାରେ ଶରୀୟତ୍‌ର ଅନୁସରଣ କରିବା ଜରୁରୀ ଅଟେ ଓ ନମାଜ ପାଠ ବିଷୟରେ ଆଁ ହଜ୍‌ରତ୍ ସ:ଆ:ସ ଯାହା କରି ଦେଖାଇଛନ୍ତି ଓ ତା ବିଷୟରେ ଯାହା କିଛି ନିର୍ଦ୍ଦେଶ ଦେଇଛନ୍ତି ତାକୁ ଅନୁସରଣ କରିବା ଜରୁରୀ ଅଟେ । ଯଦି କେହି ସଚ୍ଚା ଓ ବାସ୍ତବିକ ମୁସଲ୍‌ମାନ୍ ଅଛି ତେବେ ସେ ନବୀ କରିମ୍ ସ:ଆ:ସଙ୍କ ନମୁନାକୁ ହିଁ ଅନୁସରଣ କରିବ । ଏହି ଇଂଟରଭ୍ୟୁ ୧୧:୨୫ ରେ ଶେଷ ହେଲା ।

**ଫ୍ୟାମିଲି ସାକ୍ଷାତ୍‌କାର୍**

ଏହାପରେ ପ୍ରୋଗ୍ରାମ୍ ମୁତାବକ ଫ୍ୟାମିଲି ସାକ୍ଷାତ୍‌କାର୍ ଆରମ୍ଭ ହେଲା । ଆଜି ସକାଳର ଏହି ସେଶନ୍‌ରେ ଦଶଗୋଟି ଫ୍ୟାମିଲିରୁ ୩୧ ଜଣ ସଦସ୍ୟ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବା ସୌଭାଗ୍ୟ ପ୍ରାପ୍ତ କଲେ ।

ହଜୁର୍ ଅନୁୱର୍ ଅ:ବ:ଅ ଶିକ୍ଷା ଆହରଣ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ ଛୋଟ ବୟସର ପୁଅ ଝିଅମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ । ଏହି ସମସ୍ତ ଫ୍ୟାମିଲିର ସଦସ୍ୟଗଣ ହଜୁର୍ ଅନୁୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲା ଡେନ୍‌ମାର୍କର ହଜୁର୍ ଅନୁୱର୍‌ଙ୍କ ସହିତ ମିଟିଂ**

ସାକ୍ଷାତ୍‌କାର୍‌ର ଏହିପ୍ରୋଗ୍ରାମ୍ ୧୨:୩୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ପ୍ରୋଗ୍ରାମ୍ ମୁତାବକ ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲା ଡେନ୍‌ମାର୍କ୍‌ର ହଜୁର୍ ଅନୁୱର୍‌ଙ୍କ ସହିତ ମିଟିଂ ରଖାଯାଇଥିଲା । ହଜୁର୍ ଅନୁୱର୍ ହଲ୍ ଭିତରକୁ ପ୍ରବେଶ କଲେ ଓ ଦୁଆ କରି ମିଟିଂର ଶୁଭାରମ୍ଭ କଲେ ।

ହଜୁର୍ ଅନୁୱର୍ ଅ:ବ:ଅ ଜେନେରାଲ୍ ସେକ୍ରେଟାରୀ ସାହେବ୍‌ଙ୍କ ଠାରୁ ମଜ୍‌ଲିସ୍ ଗୁଡିକ ସମ୍ବନ୍ଧରେ ପଚାରି ବୁଝିଲେ । ଜେନେରାଲ୍ ସେକ୍ରେଟାରୀ ସାହେବ୍ ବତାଇଲେ କି ଆମର ସାତଟି ହଲ୍‌କା ରହିଛି ଓ ଆମର ତଜନିଦ୍ ହେଉଛି ୫୧୭ । ଆଜି ଗୋଟିଏ ଝିଅ ଜନ୍ମ ହୋଇଛି ଓ ଆମର ତଜନିଦ୍ ୫୧୮ ହୋଇଗଲା । ସବୁ ହଲ୍‌କାରୁ ରେଗୁଲାର ରିପୋର୍ଟ୍‌ସ୍ ମିଳୁନାହିଁ । ବିଭାଗ ଗୁଡିକ ଦୃଷ୍ଟିକୋଣରୁ ସେକ୍ରେଟାରୀ ମାଲ୍ ଓ ସେକ୍ରେଟାରୀ ତର୍‌ବିୟତ୍‌ଙ୍କ ରିପୋର୍ଟ୍‌ସ୍ ନିୟମିତ ଆସୁଛି ।

ସେକ୍ରେଟାରୀ ଇଶାଅତ୍ ନିଜର ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ କି ପୁସ୍ତକ World Crisis and the Pathway to peace ର ଡେନିଶ୍ ଭାଷାରେ ଅନୁବାଦ ପ୍ରକାଶ କରାଯାଇଛି । ଏହିପରି ଦୁଇଲକ୍ଷ୍ୟ ଫ୍ଲାୟାର୍ଜ୍ ଛପାଯାଇଛି । ସେଥିମଧ୍ୟରୁ ୩୦ ହଜାର ବଂଟା ସରିଛି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆପଣ ଖୁଦାମ୍ ଓ ଅନ୍‌ସାର୍‌ଙ୍କୁ ଦିଅନ୍ତୁ । ବଂଟାହୋଇଯିବ । ଖୁଦାମ୍ ଗୋଟିଏ ଦିନରେ ଦଶ ହଜାର ବାଂଟିଦେବେ ।

ସେକ୍ରେଟାରୀ ଇଶାଅତ୍ ବତାଇଲେ କି ଆମେ ଗୋଟିଏ ବୁକ୍ ଫେୟାର୍‌ରେ ଭାଗ ନେଇଛୁ ଏବଂ ସେଠାରେ ମଧ୍ୟ ପୁସ୍ତକ ୱାର୍ଲଡ୍ କ୍ରାଇସିସ୍ ବାଂଟିଛୁ ଓ କାଲି ରାତିରେ ଫଙ୍କ୍‌ସନ୍‌ରେ ସାମିଲ୍ ହୋଇଥିବା ଅତିଥିମାନଙ୍କୁ ମଧ୍ୟ ଦେଇଛୁ ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ୱକ୍‌ଫେ ନୌ ନିଜର ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ କି ୱାକିଫିନେ ନୌ ର ମୋଟ ସଂଖ୍ୟା-୩୮ । ସେଥିମଧ୍ୟରୁ ୧୧ ଜଣ ୧୫ ବର୍ଷ ବୟସରୁ ଅଧିକା ଓ ୧୪ ଜଣ ପୁଅ ଝିଅ ୧୫ ବର୍ଷରୁ କମ୍ । ଆଉ ବାକି ସମସ୍ତେ ୫ ବର୍ଷରୁ କମ୍ ବୟସର ଅଛନ୍ତି । ହଜୁର୍ ଅନୁୱର୍ କହିଲେ ୱକ୍‌ଫେ ନୌର ସିଲାବସ୍ ରହିଛି । ଏବେ ତ ୨୧ ବର୍ଷ ବୟସର ପିଲାମାନଙ୍କ ପାଇଁ ମଧ୍ୟ ସିଲାବସ୍ ପ୍ରସ୍ତୁତ ହୋଇସାରିଛି । ଏହାକୁ ହାସଲ କରନ୍ତୁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଯେଉଁମାନେ ୧୫ ବର୍ଷ ବୟସରୁ ଅଧିକା ତାଙ୍କ ନିକଟରୁ ବଣ୍ଡ୍ ପୁରଣ କରାନ୍ତୁ କି ସେମାନେ ୱକ୍‌ଫ୍ ନିମନ୍ତେ ପ୍ରସ୍ତୁତ ଅଛନ୍ତି ଏବଂ ଯେବେ ଏହି ପିଲାମାନେ ନିଜର ଶିକ୍ଷାକୁ ସମ୍ପୂର୍ଣ୍ଣ କରିବେ ଅର୍ଥାତ୍ ନିଜର ଏକାଡ଼େମିକ୍ ଶିକ୍ଷାକୁ ପୂରଣ କରିବା ପରେ ନିଜର ନିଜର ୱକ୍‌ଫ୍ ଫର୍ମ୍ ପୂରଣ କରନ୍ତୁ କି ଆମେ ନିଜର ଶିକ୍ଷା ହାସଲ କରିସାରିଛୁ ଏବଂ ଏବେ ଆମେ ନିୟମିତ ରୂପେ ନିଜର ଜୀବନକୁ ୱକ୍‌ଫ୍ କରିବାକୁ ଚାହୁଁଛୁ । ପୁଣି ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ଆପଣ ୱକ୍‌ଫେ ନୌର ସିଲାବସ୍ ଲଜ୍‌ନାକୁ ମଧ୍ୟ ଦିଅନ୍ତୁ । ଲଜ୍‌ନା ଓ ୱାକିଫାତେ ନୌ ର କ୍ଲାସ୍ ଲଜ୍‌ନା ମାନଙ୍କ ମାଧ୍ୟମରେ ହେବ । ସିଲାବସ୍ ଆପଣଙ୍କର ହେବ । ପ୍ରୋଗ୍ରାମ୍ ମଧ୍ୟ ଆପଣଙ୍କର ହେବ । କିନ୍ତୁ କ୍ଲାସ୍ ଲଜ୍‌ନା ନେବେ । ଲଜ୍‌ନା କ୍ଲାସ୍‌କୁ ପୁରୁଷ ନେଇପାରିବେ ନାହିଁ । ଏବେ ଆପଣ ଲଜ୍‌ନାକୁ ପ୍ରୋଗ୍ରାମ୍ ଦିଅନ୍ତୁ । ଆପଣ ସେମାନଙ୍କୁ ଏପର୍ଯ୍ୟନ୍ତ କୌଣସି ପ୍ରୋଗ୍ରାମ୍ ଦେଇନାହାଁନ୍ତି ଓ ନିସାବ୍ ମଧ୍ୟ ଦେଇନାହାଁନ୍ତି । ଆପଣ ପ୍ରୋଗ୍ରାମ୍ ଦେବେ ତେବେ ଯାଇ କ୍ଲାସ୍ ଅନୁଷ୍ଠିତ କରିବେ ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ସମଇ ଓ ବସରି ନିଜର ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ କି ଆମେ ନୁଆ ୱେବ୍‌ସାଇଟ୍ ଲଂଚ୍ କରିଛୁ ଓ ସେଥିରେ ପ୍ରେସ୍ କନ୍‌ଫରେନ୍‌ସ ଲୋଡ୍ କରିଛୁ । ଜୁମା ଦିନ ଅନୁବାଦର ବ୍ୟବସ୍ଥା ଏହି ବିଭାଗ କରିଥିଲା । ଆଜିକାଲି ଏମାନେ ଏମ୍.ଟି.ଏ ଇଂଟର୍ ନ୍ୟାସ୍‌ନାଲ୍ ଟିମ୍ ସହିତ ମିଶି କାମ କରୁଛନ୍ତି ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ଜିଆଫତ୍‌ଙ୍କୁ ହଜୁର୍ ଅନୁୱର୍ ସମ୍ବୋଧନ କରି କହିଲେ ଆପଣ ହେଉଛନ୍ତି ସେକ୍ରେଟାରୀ ଜିଆଫତ୍ । ଆଜିକାଲି ଆପଣ ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ନରୱେରୁ କୁକ୍ ମଗାଇଛନ୍ତି । ନିଜର ଟିମ୍ ପ୍ରସ୍ତୁତ କରନ୍ତୁ ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ଜାଏଦାଦ୍‌ଙ୍କୁ ହଜୁର୍ ଅନୁୱର୍ ହିଦାୟତ୍ ଦେଇ କହିଲେ କି ଜମାତ୍‌ର ଯାହା କିଛି ମଧ୍ୟ ଜାଏଦାଦ୍ (ଜାଗାବାଡ଼ି, ଧନସମ୍ପତି) ଏଠି କୋପୋନ୍‌ହେଗେନ୍‌ରେ ଅଛି, ନାକ୍‌ସ୍‌କୋରେ ଅଛି, ମିଶନ୍ ଏବଂ ଏବେ ମସ୍‌ଜିଦ୍ ପାଇଁ ଜାଗା ମଧ୍ୟ ନିଆଯାଇଛି । ଏହି ସମସ୍ତ ସମ୍ପତିର ରେକର୍ଡ୍ ଓ ହିସାବ ରଖନ୍ତୁ ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ୱକ୍‌ଫେ ଯଦିଦ୍ ନିଜର ରିପୋର୍ଟ୍ ଉପସ୍ଥାପନ କରି କହିଲେ କି ଏହି ଯେଉଁ ବର୍ଷଟି ସମ୍ପୂର୍ଣ୍ଣ ରୂପେ ବିତିଗଲା ଏଥିରେ ଆମର ୱାଦା ୭୪୦୦୦ କ୍ରୋନର୍ ଥିଲା । କିନ୍ତୁ ୱସୁଲି (ଆଦାୟ) ୮୬୦୦୦ କ୍ରୋନର୍ ହୋଇଥିଲା ।

ହଜୁର୍ ଅନୁୱର୍ ପଚାରିଲେ କି ସାମିଲ୍ ହୋଇଥିବା ଲୋକମାନଙ୍କର ସଂଖ୍ୟା କେତେ ଥିଲା । ଏଥିରେ ସେକ୍ରେଟାରୀ ୱକ୍‌ଫେ ଯଦିଦ୍ କହିଲେ ସାମିଲ୍ ହୋଇଥିବା ଲୋକଙ୍କ ସଂଖ୍ୟା ୩୮୯ । ଯେବେ କି ୨୦୧୩ ମସିହାରେ ସାମିଲ୍ ହୋଇଥିବା ଲୋକଙ୍କ ସଂଖ୍ୟା ଥିଲା ୩୩୨ । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ପିଲାମାନଙ୍କୁ ମଧ୍ୟ ଏଥିରେ ସାମିଲ୍ କରନ୍ତୁ । ଲଜ୍‌ନା ଓ ନାସ୍‌ରାତ୍‌କୁ ମଧ୍ୟ ସାମିଲ୍ କରାନ୍ତୁ । ଅସଲ ଉଦ୍ଦେଶ୍ୟ ହେଉଛି କି ପିଲାମାନଙ୍କୁ ଏ ଅଭ୍ୟାସ ପକାନ୍ତୁ କି ଅର୍ଥଠାରୁ ଅଧିକ ଗୁରୁତ୍ୱ ହେଉଛି ଚାନ୍ଦାର ଗୁରୁତ୍ୱ ଓ ଚାନ୍ଦାର ଗୁରୁତ୍ୱ ସେ ସମୟରେ ହେବ ଯେବେ ଆପଣମାନେ ପିଲାମାନଙ୍କୁ ସାମିଲ୍ କରିବା ଆରମ୍ଭ କରିବେ । ପୁଣି ହଜୁର୍ କହିଲେ ନିଜର ଚାନ୍ଦାର ସ୍ତରକୁ ବଢ଼ାନ୍ତୁ ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ତେହ୍‌ରିକେ ଯଦିଦ୍ ନିଜର ରିପୋର୍ଟ୍ ଉପସ୍ଥାପନ କରି କହିଲେ ଏକ ଲକ୍ଷ ୨୭ ହଜାର୍ କ୍ରୋନର୍ ର ପ୍ରତିଶୃତି ଥିଲା । କିନ୍ତୁ ୱସୁଲି ଏକ ଲକ୍ଷ ୨୫ ହଜାର ହୋଇଛି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆପଣଙ୍କୁ ସଠିକ୍ ରୂପେ ଲୋକଙ୍କୁ ମନେ ପକାଇବାର ଆବଶ୍ୟକ ଥିଲା । ସେକ୍ରେଟାରୀ ସାହେବ୍ କହିଲେ କି ଏଥିରେ ସାମିଲ୍ ହୋଇଥିବା ଲୋକମାନଙ୍କ ସଂଖ୍ୟା ହେଉଛି ୪୬୯ ।

ଇଂଟରନାଲ୍ ଅଡ଼ିଟର୍ ବତାଇଲେ କି ମୁଁ ଚେଷ୍ଟା କରୁଛି କି ପ୍ରତ୍ୟେକ ମାସ ଅଡିଟ୍ କରିନେବି ବୋଲି । ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏଠାରେ ଯେଉଁ ଗୃହ ନିର୍ମାଣ କାର୍ଯ୍ୟ ହୋଇଛି ସେଥିପାଇଁ ମର୍କଜରୁ କେତେ କରଜ ନିଆଯାଇଛି । ବାକି ଅର୍ଥ କେଉଁଠାରୁ ଆସିଛି । ଏଥିରେ ଇଂଟରନାଲ୍ ଅଡିଟର୍ ସାହେବ୍ ଉତର ଦେଲେ କି ମୋତେ ଜଣାନାହିଁ । ହଜୁର୍ ଅନୁୱର୍ କହିଲେ ଆପଣ ତ ଭଲ ଅଡିଟର୍ କି ଆପଣଙ୍କୁ ଜଣାନାହିଁ ଏ ଟଙ୍କା କେଉଁଠାରୁ ଆସିଛି ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ଉମୁରେ ଖାରଜାଙ୍କୁ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- କଣ ଆପଣ ଲୋକମାନଙ୍କ ସହିତ ସମ୍ପର୍କ ରଖିଛନ୍ତି ଓ ମିଡ଼ିଆ ସହିତ ସମ୍ପର୍କ କରିଛନ୍ତି । ନିଜର ସମ୍ପର୍କକୁ ବଢ଼ାନ୍ତୁ । ନିଜର ଲୋକ ସମ୍ପର୍କକୁ ବଢ଼ାନ୍ତୁ ଓ ସମସ୍ତ ବିଭାଗ ଓ ସବୁ ଗୋଷ୍ଠୀମାନଙ୍କ ସହିତ ସମ୍ପର୍କ ରଖନ୍ତୁ ।

ଏଠାରେ ପାକିସ୍ତାନୀ ଭଦ୍ରଲୋକମାନେ ମଧ୍ୟ ଥିବେ । ସେମାନଙ୍କ ସହିତ ସମ୍ପର୍କ ବଢ଼ାନ୍ତୁ । ଲୋକ ସମ୍ପର୍କରେ ବହୁତ ଦୁର୍ବଳତା ରହିଛି । ଆଜି ଜଣେ ଜର୍ନାଲିଷ୍ଟ୍ ପ୍ରଶ୍ନ ପଚାରିଥିଲେ କି କାଲିର ପ୍ରୋଗ୍ରାମ୍‌ରେ ପାକିସ୍ତାନୀ ଅତିଥି ନଥିଲେ । ଆପଣଙ୍କୁ ନିଜର ସମ୍ପର୍କ ସ୍ଥାପନ କରିବାକୁ ହେବ ।

ଅମିନ ନିଜର ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ କି ମୁଁ ନିୟମିତ ଭାବେ ଖର୍ଚ୍ଚ କରାଯାଉଥିବା ଅର୍ଥର ହିସାବ ରଖୁଛି ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ଓସାୟା ନିଜର ରିପୋର୍ଟ ଉପସ୍ଥାପନ କରି କହିଲେ ଏଠାରେ ମୁସି ମାନଙ୍କର ସଂଖ୍ୟା ହେଉଛି ୭୭ । ଆଉ ଛଅଟି ଦରଖାସ୍ତ ପଠାଯାଇଛି । ୭୭ ଭିତରୁ ଦୁଇଟି ଓ୍ୱସିୟତ୍ କ୍ୟାନ୍‌ସଲ୍ ମଧ୍ୟ କରାଯାଇଛି । ସେଥିଯୋଗୁ ବର୍ତ୍ତମାନ ସଂଖ୍ୟା ହେଉଛି ୭୫ । ସେଥିମଧ୍ୟରୁ ୧୫ ଜଣ ଅନ୍‌ସାର୍, ୨୨ ଜଣ ଖୁଦ୍ଦାମ୍ ଏବଂ ୩୮ ଜଣ ଲଜ୍‌ନା ଅଛନ୍ତି ।

ହଜୁର୍ ଅନୁଓ୍ୱର୍ ଆମ୍‌ଲାର ସଦସ୍ୟମାନଙ୍କର ଜାଏଦା ନେଲେ ଯେ ସେମାନଙ୍କ ମଧ୍ୟରୁ କେତେଜଣ ମୁସି ଅଛନ୍ତି । ହଜୁର୍ ଅନୁଓ୍ୱର୍ ଏଥିରେ କହିଲେ ଆମେଲାର ଯେଉଁ ମେମ୍ବର୍‌ମାନେ ମୁସି ନୁହଁନ୍ତି ସେମାନଙ୍କୁ ମଧ୍ୟ ଓ୍ୱସିୟତ୍ କରିବା ପାଇଁ ତହ୍‌ରିକ୍ କରନ୍ତୁ । ଓ୍ୱସିୟତ୍ ବାଧ୍ୟତା ନୁହେଁ କିନ୍ତୁ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ ବାଧ୍ୟତାମୂଳକ ରୂପେ ଏହାର ତେହ୍‌ରିକ୍ କରିଥିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଜର୍ମାନୀରେ ଯେଉଁ ଲୋକମାନେ ଏପରି ସ୍ଥାନରେ କାମ କରୁଥିଲେ ଯେଉଁଠି ମଦ ଓ ଘୁଷୁରିର କାରବାର କରାଯାଉଥିଲା । ସେମାନଙ୍କ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା କି ତାଙ୍କଠାରୁ ଚାନ୍ଦା ନେବନାହିଁ । ସେଠାରେ କାମ କରିବା ପାଇଁ ସେମାନଙ୍କର ମଜ୍‌ବୁରି ଥିଲା । ଜମାତ୍‌ର କୌଣସି ମଜ୍‌ବୁରି ନଥିଲା କି ସେମାନଙ୍କଠାରୁ କୌଣସି ଚାନ୍ଦା ନେଉ । ସେମାନଙ୍କର କୌଣସି ବିବଶତା ଥିବ । କିନ୍ତୁ ଜମାତ୍‌ର କୌଣସି ବିବଶତା ନାହିଁ । ଶହ ଶହ ଲୋକଙ୍କ ଠାରୁ ଚାନ୍ଦା ନେବା ପାଇଁ ମନା କରିଦିଆଗଲା । ଏଥିରେ ଅମିର୍ ସାହେବ୍ କହିଲେ କି ଆମର ଆମଦାନୀ କମ୍ ହୋଇଯିବ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯାହ ଉସୁଲ୍ (ସିଦ୍ଧାନ୍ତ) ଅଛି ସେହି ସିଦ୍ଧାନ୍ତ ରହିବ । ଆପଣ ଓ୍ୱସିୟତ୍ କରିବା ପାଇଁ ଯଦି ଜୋର୍ ଦେବେ ତେବେ ଆପଣଙ୍କର ଆମଦାନୀ କମ୍ ହେବନବନାହିଁ । ବର୍ଷା ଶେଷରେ ଯେଉଁ ଫଳ ସାମନାକୁ ଆସିଲା ତା ମୁତାବକ ତିନି ଚାରି ଲକ୍ଷ ୟୁରୋ କମିଯାଇଥାଆନ୍ତା କିନ୍ତୁ ଏହା ପରିବର୍ତେ ଦୁଇଲକ୍ଷ୍ୟ ୟୁରୋ ଅଧିକା ଆମଦାନୀ ହେଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆମେଲାର ସଦସ୍ୟମନେ ଏ ଚେଷ୍ଟା କରନ୍ତୁ କି କିପରି ସମସ୍ତେ ମୁସି ହେବେ । ଯଦି ଓ୍ୱସିୟତ୍‌ର ସର୍ତ ଗୁଡିକ ଉପରେ ପରଚାଳିତ ହୋଇପାରୁନାହାଁ ତେବେ ସେହି ସର୍ତଗୁଡିକୁ ପୁରଣ କରିବା ପାଇଁ ଚେଷ୍ଟା କରନ୍ତୁ ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ତର୍‌ବିୟତ୍ ନିଜର ରିପୋର୍ଟ୍ ଉପସ୍ଥାପନ କରି କହିଲେ କି ଅମିର୍ ସାହେବ୍ ପବିତ୍ର କୋରାନ୍‌ର କ୍ଲାସ୍ ନେଉଛନ୍ତି । କୋରାନ୍‌ର ଅନୁବାଦ ପଢ଼ାଉଛନ୍ତି । ଶବ୍ଦର ସୁଦ୍ଧିକରଣ ବିଷୟରେ ବତାଉଛନ୍ତି ।

ହଜୁର୍ ଅନୁଓ୍ୱର୍ କହିଲେ-ତର୍‌ବିୟତ୍ ବିଭାଗର କାର୍ଯ୍ୟ ହେଉଛି ନମାଜ ପ୍ରତି ଲୋକଙ୍କର ଧ୍ୟାନ ଆକର୍ଷଣ କରାନ୍ତୁ । ପବିତ୍ର କୋରାନ୍‌ରେ ଅଦୃଶ୍ୟ ଉପରେ ବିଶ୍ୱାସ ଆଣିବା ପରେ ନମାଜ କାଏମ୍ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ପୁଣି ହଜୁର୍ କହିଲେ ଏହି ମସ୍‌ଜିଦ୍‌ର ହଲ୍‌କାରେ କେତେ ଲୋକ ରହୁଛନ୍ତି । ଏଥିରେ ସେକ୍ରେଟାରୀ ସାହେବ୍ କହିଲେ ୫ ରୁ ୮ ମାଇଲ୍ ଭିତରେ ପାଖାପାଖି ୫୦ ଜଣ ଲୋକ ରହୁଛନ୍ତି । ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ- ଜର୍ମାନୀରେ ତ ଲୋକମାନେ ୪୦-୫୦ ମାଇଲ୍ ଦୂରତା ଅତିକ୍ରମ କରି ନମାଜ ନିମନ୍ତେ ଲୋକେ ଆସୁଛନ୍ତି । ଏଠାରେ ନମାଜର ଅବସ୍ଥା ବହୁତ ଖରାପ । ଆଜି ମଧ୍ୟ ବହୁତ କମ୍ ଲୋକ ଆସିଛନ୍ତି । ଯଦି ୪୦ ଜଣ ଲୋକ ନିକଟରେ ରହୁଛନ୍ତି ଓ ସେମାନେ ଏହି ଦିନ ଗୁଡିକରେ ଆସୁନାହାଁନ୍ତି ତେବେ ଅନ୍ୟ ସମୟରେ ଦୁଇ ତିନିଜଣ ଆସୁଥିବେ । ହଜୁର୍ ଅନୁଓ୍ୱର୍ ପୁଣି କହିଲେ ମୁଁ ମୋ ଖୁତ୍‌ବାରେ ନମାଜ ପ୍ରତି ଧ୍ୟାନ ଆକର୍ଷଣ କରାଇଥିଲି । ତେବେ ତା ପରଦିନ ମସ୍‌ଜିଦ୍‌ରେ ଉପସ୍ଥାନ ବଢ଼ିଥିଲା କି ନାଇ । ବଢ଼ିନଥିବ । ଖୁତ୍‌ବା ହିଁ ଶୁଣିନଥିବେ ବା ଏହା କହିଥିବେ ଏହା ସେମାନଙ୍କ ପାଇଁ ଯେଉଁମାନେ ସମ୍ମୁଖରେ ବସିଛନ୍ତି ।

ହଜୁର୍ ଅନୁଓ୍ୱର୍ କହିଲେ କ୍ଲାସ୍ ଲଗାଇ ପବିତ୍ର କୋରାନ୍ ପଢ଼ାଇଦେଲେ ଓ ଅନୁବାଦ ପଢ଼ାଇଦେଲେ କିନ୍ତୁ ସୁରତୁଲ୍ ବକ୍‌ରାର ତୃତୀୟ ଆୟତ ଉପରେ ଅମଳ କରୁନାହିଁ । ଅନ୍‌ସାରମାନେ କରୁନାହାଁନ୍ତି, ଆମ୍‌ଲାର ସଦସ୍ୟମାନେ କରୁନାହାଁନ୍ତି । ତେବେ କୋରାନ୍ କରିମ୍ ପଢ଼ିବାର କଣ ଲାଭ ଓ ଏହାର ଅନୁବାଦ ପଢ଼ାଇବାର କଣ ଲାଭ । ପୁଣି ହଜୁର୍ ଅନୁଓ୍ୱର୍ କହିଲେ- ଯଦି ମୂଳ ଜିନିଷ ଉପରେ ଆପଣ ମାନଙ୍କର ଧ୍ୟାନ ନାହିଁ ତେବେ ଆଉ କଣ ରହିଲା । ତେଣୁ ବାଯମାତ୍ ନମାଜ ପଢ଼ିବା ପ୍ରତି ବାରମ୍ବାର ଧ୍ୟାନ ଦିଅନ୍ତୁ । କୋରାନ୍ କରିମ୍, ହଦିସ୍, ଓ ଖୁତ୍‌ବା ଗୁଡିକରୁ ହଓ୍ୱାଲା ବାହାର କରି ପ୍ରତି ସପ୍ତାହରେ ଘରମାନଙ୍କୁ ପଠାନ୍ତୁ । ପୁଣି ହଜୁର୍ ଅନୁଓ୍ୱର୍ କହିଲେ ଯେଉଁମାନେ ମସ୍‌ଜିଦ୍‌ଠାରୁ ଅଧିକ ଦୂରତାରେ ରହୁଛନ୍ତି ଦୁଇ ତିନୋଟି ଘର ଏକାଠି ହୋଇ ନମାଜ ପଢ଼ନ୍ତୁ । ଏହାଦ୍ୱାରା ଆପୋଷରେ ପ୍ରେମଭାବ ମଧ୍ୟ ବଢ଼ିବ । ଯଦି ପ୍ରଥମରୁ ପ୍ରେମ ରହିଛି ତେବେ ଆହୁରି ଅଧିକା ହେବ ।

ହଜୁର୍ ଅନୁଓ୍ୱର୍ କହିଲେ- ନମାଜ ପଢ଼ିବା ପାଇଁ ଅଭ୍ୟାସ କରନ୍ତୁ । ଏହା ଦ୍ୱାରା ପିଲାମାନଙ୍କର ମଧ୍ୟ ଅଭ୍ୟାସ୍ ହେବ । ମହିଳାମାନେ ଏ ଆପତି କରିଛନ୍ତି କି ପୁରୁଷ ନମାଜ ପଢ଼ିବା ପାଇଁ ଆସୁନାହାଁନ୍ତି । ହଜୁର୍ ଅନୁଓ୍ୱର୍ କହିଲେ ଜେଲି ତନ୍‌ଜିମ୍ ଅର୍ଥାତ୍ ଖୁଦ୍ଦାମ୍, ଅନ୍‌ସାର୍ ଓ ଲଜ୍‌ନା ନିଜର ଯାହା କିଛି ପ୍ରୋଗ୍ରାମ୍ କରୁଛନ୍ତି ସେମାନେ ସମସ୍ତେ ମିଶି ଗୋଟିଏ ଦିନରେ ନିଜର ଅଲଗା ଅଲଗା ପ୍ରୋଗ୍ରାମ୍ ବନାନ୍ତୁ । ଅତ୍‌ଫାଲ୍ ମାନଙ୍କର ଅଲଗା ବନାନ୍ତୁ । ଏବେ ତ ଆପଣଙ୍କର ନିକଟରେ ବହୁତ ଯାଗା ଅଛି । ଅନେକ ହଲ୍ ରହିଛି । ଲାଇବ୍ରେରି ବି ଅଛି । ଆପଣମାନେ ସମସ୍ତେ ଗୋଟିଏ ଦିନରେ ନିଜ ନିଜର ପ୍ରୋଗ୍ରାମ୍ ବନାଇପାରିବେ । ଏହିଭଳି ପୁରା ଫ୍ୟାମିଲି ଗୋଟିଏ ଦିନ ମସ୍‌ଜିଦ୍ ଆସିବେ, ଯଦ୍ୱାରା ଉପରୋକ୍ତ ବାହାନା କରିବାକୁ ପଡ଼ିବ ନାହିଁ କି କେବେ ଅନ୍‌ସାର୍, କେବେ ଲଜ୍‌ନା ଓ କେବେ ଖୁଦ୍ଦାମ୍‌ଙ୍କ ପ୍ରୋଗ୍ରାମ୍ ନିମନ୍ତେ ବାରମ୍ବାର ଏଠାକୁ ଆସିବାକୁ ହେଉଛି ଓ ଆମର ଏତେ ଖର୍ଚ୍ଚ ହୋଇଯାଉଛି ବୋଲି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ନିଜର ସାତଟି ହଲ୍‌କାରେ ସେକ୍ରେଟାରୀ ତର୍‌ବିୟତ୍‌କୁ ଆକ୍ଟିଭ୍ କରନ୍ତୁ । ଏପରି ସେକ୍ରେଟାରୀ ତର୍‌ବିୟତ୍ ହୁଅନ୍ତୁ ଯେଉଁମାନେ ପ୍ରେମର ସହିତ କାର୍ଯ୍ୟ କରାଇପାରିବେ । ଏହାଦ୍ୱାରା ଆପତି ଅଭିଯୋଗ ଦୂର ହୋଇଯିବ । ତକ୍‌ୱା (ନିଷ୍ଠା/ଧର୍ମ ପରାୟଣତା) ନଥିବାରୁ ଆପତି ଅଭିଯୋଗ ସୃଷ୍ଟି ହେଉଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି-

ତକ୍‌ୱା ଯେହି ହୈ ୟାରୋ କେ
ନଖ୍‌ଓ୍ୱତ୍ କୋ ଛୋଡ୍ ଦୋ
କିବ୍‌ରୋ ଗୁରୁର୍ ଓ୍ୱ ବୁଖୁଲ୍ କି
ଆଦତ୍ କୋ ଛୋଡ୍ ଦୋ

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯେଉଁ ଜମାତି ଜଲ୍‌ସା ରହିଛି ଅର୍ଥାତ୍ ସିରତୁନ୍ ନବୀ ସ:ଆ:ସ, ଜଲ୍‌ସା ୟୋମେ ମସିହ୍ ମଉଦ୍ ଆ:ସ, ଜଲ୍‌ସା ୟୋମେ ମୁସ୍‌ଲେହ୍ ମଉଦ୍ ର:ଅ ଓ ଜଲ୍‌ସା ୟୋମେ ଖିଲାଫତ୍ । ଏହା ତ ସବୁ ଏକାଠି ହୋଇଥାଏ । ସାରା ଜମାତ୍ ଏହି ଜଲ୍‌ସାରେ ସାମିଲ୍ ହୁଅନ୍ତି । ଏତଦ୍‌ବ୍ୟତୀତ ଜେଲି ତନ୍‌ଜିମ୍ ନିଜର ପ୍ରୋଗ୍ରାମ୍ ଗୁଡିକ ଗୋଟିଏ ଦିନରେ ହିଁ କରନ୍ତୁ ।

ହଜୁର୍ ଅନୁଓ୍ୱର୍ କହିଲେ- ଆପଣ ଏଠାରେ ହୋଇଥିବା ଜଲ୍‌ସାରେ ଯେଉଁ ଉପସ୍ଥାନ ବତାଇଛନ୍ତି ସେଥିରେ ଲଜ୍‌ନା ଓ ନାସ୍‌ରାତ୍‌ଙ୍କ ସଂଖ୍ୟା ଅଧିକା ଅଛି । ଅନ୍‌ସାର୍ ଓ ଖୁଦ୍ଦାମ୍ କମ୍ ଅଛନ୍ତି । ଏଥିପ୍ରତି ଧ୍ୟାନ ଦେବା ଆବଶ୍ୟକ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଆପଣ ମାନଙ୍କର ଏହି ଇଜ୍‌ତିମାଇ ପ୍ରୋଗ୍ରାମ୍ ଯୋଗୁ ଯଦି ସମସ୍ତେ ଆସୁଥିବେ ତେବେ ଯୋଗ ଦେଇଥିବା ଫ୍ୟାମିଲି ଗୁଡିକର ଏହା ସଂସ୍କାରର କାରଣ ହେବ । ଏଠିକାର ପରିବେଶରୁ ବାହାର କରିବା ପାଇଁ ଏହିଭଳି ପ୍ରୋଗ୍ରାମ୍‌ର ଆବଶ୍ୟକତା ଅଛି ।

ଏ ରିପୋର୍ଟ୍ ଉପସ୍ଥାପନ କରିବାରେ ଅର୍ଥାତ୍ ଅମିର୍ ସାହେବ୍ ଡେନ୍‌ମାର୍କ୍ ସମସ୍ତଙ୍କୁ ଘରକୁ ନିୟମିତ ଗସ୍ତ କରୁଛନ୍ତି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଅମିର୍ ସାହେବ୍ ନିୟମିତ ସମସ୍ତଙ୍କ ଘରକୁ ଯାଉଛନ୍ତି । ଯଦି କୌଣସି ସ୍ଥାନରେ ମନା କରାଯାଉଛି ତେବେ ସେଠାରୁ ଫେରି ଆସନ୍ତୁ । ନିର୍ଦ୍ଦେଶ ମଧ୍ୟ ଏହା ରହିଛି କି ସଲାମ୍ କରନ୍ତୁ । ଯଦି ଉତର ମିଳୁନାହିଁ ତେବେ ଫେରିଯାଆନ୍ତୁ । ଆଁ ହଜ୍‌ରତ୍ ସ:ଆ:ସଙ୍କର ଜଣେ ସାହାବି କେବଳ ଏହି ନିର୍ଦ୍ଦେଶ ଉପରେ ଅମଳ କରିବା ପାଇଁ ଘର ମାନଙ୍କୁ ଯାଉଥିଲେ । ଅର୍ଥାତ୍ ଯଦି କେଉଁଠାରୁ ସଲାମ୍‌ର ଉତର ନମିଳିବ ବା ସେ ଘରେ ମନା କରିଦିଅନ୍ତି ତେବେ ଫେରିଆସିବି । ଏହିଭଳି ଏହି ନିର୍ଦ୍ଦେଶ ଉପରେ ମଧ୍ୟ ଅମଳ ହୋଇଯିବ ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ଉମୁରେ ଆମା ନିଜର ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ କି ବର୍ତମାନ ମୋ ପାଖରେ କୌଣସି ମାମଲା ନାହିଁ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଉମୁରେ ଆମାଙ୍କ କାର୍ଯ୍ୟ କେବଳ ଝଗଡ଼ାର ନିଷ୍ପତି କରିବାର ନୁହେଁ ବା କେବଳ କଜ୍ଜାର ନିଷ୍ପତିକୁ ଲାଗୁ କରାଇବା ନୁହେଁ । ଏହା ତ ଏକ ଆନୁସଂଗିକ କାର୍ଯ୍ୟ ଅଟେ । ଉମୁରେ ଆମା କାର୍ଯ୍ୟ ହେଉଛି ଏହା ଲୋକମାନଙ୍କୁ ସାହାଯ୍ୟ କରାଯାଉ । ଲୋକମାନଙ୍କର ରୋଜଗାର, ସେମାନଙ୍କୁ ରୋଜଗାରରେ ଲଗାଇ ସାହାଯ୍ୟ କରାଯାଉ । ଯେଉଁମାନେ ବେକାରୀ ଅଛନ୍ତି ସେମାନଙ୍କୁ କାମ କରିବାର ସଠିକ୍ ରାସ୍ତା ବତାଯାଉ । ତାଙ୍କର ମାର୍ଗଦର୍ଶନ କରାଯାଉ । ଆପଣ ନିୟମକାନୁନ୍‌କୁ ପଢ଼ନ୍ତୁ ଓ ତା ମୁତାବକ ଅମଳ କରନ୍ତୁ ।

ହଜୁର୍ ଅନୁଓ୍ୱର୍ କହିଲେ- ଯଦି ତର୍‌ବିୟତ୍ କାମ ଆକ୍ଟିଭ୍ ହୋଇଯିବ ତେବେ ଉମୁରେ ଆମା ଓ ସେକ୍ରେଟାରୀ ମାଲ୍‌ଙ୍କର କାର୍ଯ୍ୟ ମଧ୍ୟ ସହଜ ହୋଇଯାଏ ଓ ଏହିପରି ତର୍‌ବିୟତ୍ ବିଭାଗ ଆକ୍ଟିଭ୍ ହୋଇଯିବା ଯୋଗୁ ମୁରବୀ ମାନଙ୍କର କାର୍ଯ୍ୟ ମଧ୍ୟ ସହଜ ହୋଇଯାଏ ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ତାଲିମ୍‌କୁ ହଜୁର୍ ଅନୁଓ୍ୱର୍ ହିଦାୟତ୍ ଦେଇ କହିଲେ କି ଆପଣ ସମସ୍ତ ଶିକ୍ଷାର୍ଥୀମାନଙ୍କର ଡାଟା ଏକତ୍ରିତ କରନ୍ତୁ । ଆପଣଙ୍କ ନିକଟରେ ରେକର୍ଡ୍ ରହିବା ଉଚିତ୍ । ଛାତ୍ରଛାତ୍ରୀମାନଙ୍କର କାଉନ୍‌ସିଲିଂ କରନ୍ତୁ । ତାଙ୍କର ଗାଇଡ୍ ହେଉ । ଯଦ୍ୱାରା ୟୁନିଭର୍‌ସିଟିରେ ସେମାନେ ଠିକ୍ ବିଷୟ ବାଛିପାରିବେ ଯାହା ଆସନ୍ତାକୁ ସେମାନଙ୍କ କାର୍ଯ୍ୟରେ ଲାଗିବ । ପୁଣି ହଜୁର୍ ଅନୁଓ୍ୱର୍ କହିଲେ- ଆପଣ କିଛି ଅନ୍ୟ ପ୍ରବୀଣ ଲୋକମାନଙ୍କୁ ମଧ୍ୟ ପାରିଶ୍ରମିକ ଦେଇ ନିଜ ପିଲାମାନଙ୍କର କାଉନ୍‌ସିଲିଂ କରାଇପାରିବେ ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ସନ୍‌ଅତ୍ ଓ୍ୱ ତିଜାରତ୍‌ଙ୍କୁ ହିଦାୟତ୍ ଦେଇ ହଜୁର୍ ଅନୁଓ୍ୱର୍ କହିଲେ ଲୋକମାନଙ୍କୁ କାମ କରିବା ପ୍ରତି ଧ୍ୟାନ ଆକର୍ଷଣ କରାନ୍ତୁ । ଏଭଳି ଲୋକେ ଯେଉଁମାନେ ସ୍ୱାସ୍ଥ୍ୟବାନ୍ ଅଛନ୍ତି ସେମାନେ ନିଜ ହାତରେ କିଛି ନା କିଛି କାମ କରନ୍ତୁ । କାମ କରିବା ଅଭ୍ୟାସ ପକାଇବା ପାଇଁ ଚେଷ୍ଟା କରିବା ଉଚିତ୍ ।

ନ୍ୟାସ୍‌ନାଲ୍ ସେକ୍ରେଟାରୀ ମାଲ୍ ନିଜର ରିପୋର୍ଟ୍ ଉପସ୍ଥାପନ କରି ବତାଇଲେ କି ୨.୧ ମିଲିୟନ୍ କ୍ରୋନର୍ ହେଉଛି ଆମର ବଜେଟ୍ । ଚାନ୍ଦା ଦେଉଥିବା ଲୋକମାନଙ୍କର ସଂଖ୍ୟା ହେଉଛି ୧୮୯ । ଯେଉଁମାନଙ୍କ ମଧ୍ୟରୁ ୧୧୨ ଜଣ ଚାନ୍ଦା ଆମ୍ ଦେଉଛନ୍ତି ଓ ୭୭ ଜଣ ମୁସି ଅଛନ୍ତି । ଚାନ୍ଦା ଆମ୍‌ର ବଜେଟ୍ ହେଉଛି ନଅ ଲକ୍ଷ୍ୟ କ୍ରୋନର୍ । ଯେବେ କି ମୁସି ମାନଙ୍କର ବଜେଟ୍ ହେଉଛି ସାଢ଼େ ସାତଲକ୍ଷ୍ୟ କ୍ରୋନର୍ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ମୁଣ୍ଡ ପିଛା ଆୟ ହିସାବରେ ଚାନ୍ଦା ଆମ୍ ଓ ଚାନ୍ଦା ଓ୍ୱସିୟତ୍‌ର ଜାଏଜା ନେଲେ । ଜାଏଜା ନେବା ପରେ ହଜୁର୍ ଅନୁଓ୍ୱର୍ କହିଲେ କି ଏଠାରେ ମୁସି ମାନଙ୍କର ଆମଦାନୀ କମ୍ ଅଟେ । ଚାନ୍ଦା ଆମ୍ ପ୍ରଦାନ କରୁଥିବା ଲୋକମାନଙ୍କର ଆମଦାନୀ ହେଉଛି ଅଧିକା । ଯେବେ କି ଦୁନିଆରେ ସବୁ ସ୍ଥାନରେ ମୁସି ମାନଙ୍କ ଆମଦାନୀ ଅଧିକା ପ୍ରକାଶ ହୋଇଥାଏ ଓ ଅନ୍ୟମାନଙ୍କର କମ୍ ପ୍ରକାଶ ହୋଇଥାଏ । କାରଣ ମୁସି ଧର୍ମ ପରାୟଣତାକୁ ଗ୍ରହଣ କରି ସରାହ୍ ମୁତାବକ ଚାନ୍ଦା ପ୍ରଦାନ କରିଥାଏ । ଆପଣମାନେ ନିଜର ଧର୍ମ ପରାୟଣତାର ସ୍ତରକୁ ବଢ଼ାନ୍ତୁ ।

ହଜୁର୍ ଅନୁଓ୍ୱର୍ ପୁଣି କହିଲେ- ମୁସି ମାନଙ୍କୁ ଅଲ୍ ଓ୍ୱସିୟତ୍ ପତ୍ରିକାରୁ ପାରାଗୁଡିକ ବାହାର କରି କରି ଦିଆଯାଉ ଓ ସେମାନଙ୍କୁ ବତାନ୍ତୁ କି ଏହା ତ ସଠିକ୍ ସରାହ୍ ଅନୁସାରେ ମୁସି ଚାନ୍ଦା ଦିଅନ୍ତୁ ବା ପୁଣି ନିଜ ଓ୍ୱସିୟତ୍‌କୁ କ୍ୟାନ୍‌ସଲ୍ କରିଦିଅନ୍ତୁ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି ମୋତେ ଏକଥାରେ କୌଣସି ଚିନ୍ତା ନାହିଁ କି ଅର୍ଥ

କେଉଁଠାରୁ ଆସିବ । ଇଶ୍ୱର ଦେଉଛନ୍ତି । ହଁ ଯିଏ ଦେଉନାହିଁ ସେ ଚିନ୍ତା କରିବା ଉଚିତ୍ କି ସେ ମାଲି କୁର୍‌ବାନୀ ଓ ଚାନ୍ଦା ନଦେବା ଯୋଗୁ ଖୁଦାଙ୍କ ଦୟା ଓ କରୁଣାରୁ ବଂଚିତ ରହୁଛି । ଆପଣ ନିଜି ସମ୍ପର୍କ କରି ଏହିଭଳି ଲୋକମାନଙ୍କ ଧ୍ୟାନ ଆକର୍ଷଣ କରିଚାଲନ୍ତୁ ।

ହଜୁର୍ ଅନୁଓ୍ୱର୍ କହିଲେ- ଯଦି କୌଣସି ଲୋକ ତାର ଚାନ୍ଦାକୁ ଏହ୍‌ସାନ୍ (ଅନୁଗ୍ରହ ସ୍ୱରୂପ) ଦେଉଅଛି ତେବେ ସେ ନଦେଉ । ଖୁଦାତାଲା ତ ଏହା କହୁଛନ୍ତି କି ତୁମ ଉପରେ ଅଲ୍ଲାଃଙ୍କର ଏହ୍‌ସାନ (ଅନୁଗ୍ରହ) ରହିଛି ଯେ ସେ ତୁମକୁ ଇମାନ୍ ଆଣିବା ପାଇଁ ଶକ୍ତି ପ୍ରଦାନ କଲେ ଓ ଇମାନ୍ ହେଉଛି ଏହା କି ଖୁଦାତାଲାଙ୍କ ମାର୍ଗରେ ଖର୍ଚ୍ଚ କର ଓ ଖୁଦାତାଲାଙ୍କ ସାନିଧ୍ୟ ପ୍ରାପ୍ତ ନିମନ୍ତେ ଖର୍ଚ୍ଚ କର ।

ଆଡିସିନାଲ୍ ସେକ୍ରେଟାରୀ ମାଲ୍‌ଙ୍କୁ ହଜୁର୍ ଅନୁଓ୍ୱର୍ ହିଦାୟତ୍ ଦେଇ କହିଲେ କି ଲୋକମାନଙ୍କ ଘରକୁ ଯାଆନ୍ତୁ ଓ ସେମାନଙ୍କୁ ଯାଇ ବତାନ୍ତୁ କି ମୋ ଦାୟିତ୍ୱରେ ଏହି କାର୍ଯ୍ୟ ଦିଆଯାଇଛି ଅର୍ଥାତ୍ ମୁଁ ଚାନ୍ଦା ଆଡକୁ ଓ ଏହାର ମିଆର୍ (ସ୍ତର) ପ୍ରତି ଧ୍ୟାନ ଆକର୍ଷଣ କରାଇବି । ଯଦି ଆପଣମାନେ ସରାହ୍ ମୁତାବକ ଚାନ୍ଦା ଦେଉନାହାଁନ୍ତି ତେବେ ନିଜର ଚାନ୍ଦାକୁ ଠିକ୍ କରିଦିଅନ୍ତୁ । ମୋର କାର୍ଯ୍ୟ ହେଉଛି ଚାନ୍ଦାର ସଠିକ୍ ସ୍ତର ପ୍ରତି ଧ୍ୟାନ ଆକର୍ଷଣ କରାଇବା । ସୁତରାଂ ସାହସ ଓ ଧୈର୍ଯ୍ୟର ସହିତ ଧ୍ୟାନ ଆକର୍ଷଣ କରାଇଚାଲନ୍ତୁ ।

ଆମ୍‌ଲାର ଜଣେ ସଦସ୍ୟ ବେନାମୀ ଚିଠି ପ୍ରସଙ୍ଗରେ ପ୍ରଶ୍ନ କଲେ । ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁଓ୍ୱର୍ କହିଲେ-ବେନାମୀ ଚିଠି ଉପରେ କୌଣସି ଆକ୍‌ସନ୍ ନିଆଯାଏନାହିଁ । ମୁଁ ଏଥିପାଇଁ ଫେରାଇ ଦେଉଛି କି ଏହାଦ୍ୱାରା ଅମୀର୍ ଓ ଅନ୍ୟ ଓ୍ୱହ୍‌ଦାଦାର୍‌ମାନେ ଏହା ଜାଣିପାରିବେ କି ଲୋକମାନଙ୍କର ବର୍ତମାନ ଏହିଭଳି ଚିନ୍ତାଧାରା ରହିଛି, ଏହିଭଳି ନିଜର ଇସ୍‌ଲାହ୍ କରିବା ପାଇଁ ଅବସର ପାଇବେ । ପରିବେଶରେ ଲୋକମାନଙ୍କର ସ୍ୱଭାବ ବିଷୟରେ ଜଣାପଡ଼ିଯାଏ । ଫିତ୍‌ନା କରୁଥିବା ଲୋକମାନଙ୍କର ଠିକଣା ମଧ୍ୟ ଜଣାପଡ଼ିଯାଏ । ପୁଣି ହଜୁର୍ ତାଙ୍କୁ କହିଲେ କି ଯେତେବେଳେ ଆମେ କୌଣସି ଆପତି ଅଭିଯୋଗ କରୁଛେ ବା କୌଣସି ଇଲ୍‌ଜାମ୍‌ର ସ୍ପଷ୍ଟୀକରଣ ଦେଉଛେ ଓ ହଜୁର୍‌ଙ୍କୁ ଚିଠି ପଠାଉଛେ ତେବେ ଆମକୁ ଏ ଭୟ ଲାଗିଥାଏ କି ଏଠିକାର ଇନ୍ତେଜାମିଆ ଆମକୁ ଜମାତ୍‌ରୁ ବାହାର ନକରିଦିଅନ୍ତୁ । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଖଲିଫାଏ ଓ୍ୱକ୍ତ୍‌ଙ୍କ ଉପରେ ଏହା ହେଉଛି ଆପଣମାନଙ୍କର ବଦ୍‌ଜନି (କୁଧାରଣା) । ଯେଉଁମାନେ ଜମାତ୍‌ରୁ ବାହାରିଥାନ୍ତି ସେମାନେ ସୀମା ବାହାରକୁ ଚାଲିଯାଇଥାଆନ୍ତି । ଅନ୍ୟମାନଙ୍କର ହକ୍‌କୁ ପ୍ରଦାନ କରନ୍ତି ନାହିଁ ଓ ଅନ୍ୟଙ୍କର ହକ୍‌କୁ ଯେଉଁମାନେ ମାରିଥାନ୍ତି ସେମାନଙ୍କୁ ଜମାତ୍‌ରୁ ବାହାର କରିଦିଆଯାଏ । ଏହାଠାରୁ କମ୍ ଯେଉଁ ଦଣ୍ଡ ମିଳେ ତାହା ହେଉଛି ତାଙ୍କଠାରୁ ଚାନ୍ଦା ନିଆଯାଏ ନାହିଁ । କୌଣସି ଓ୍ୱହ୍‌ଦା ତାଙ୍କୁ ଦିଆଯାଏନାହିଁ ବା ଜମାତ୍‌ର ପ୍ରୋଗ୍ରାମ୍ ଗୁଡିକରେ ସେମାନଙ୍କୁ ସାମିଲ୍ କରାଇଦିଆଯାଏନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆପଣଙ୍କୁ ନିଜାମେ ଜମାତ୍ (ଜମାତ୍‌ର ବ୍ୟବସ୍ଥା) ବିଷୟରେ କିଛି ଜ୍ଞାନ ନାହିଁ । ଆପଣ ଜନ୍ମଗତ ଅହେମହୀ ଓ ଆପଣଙ୍କର ବୟସ ୬୪ ବର୍ଷ ହେଲାଣି କିନ୍ତୁ ଏପର୍ଯ୍ୟନ୍ତ ଜମାତି ନିଜାମ୍ ବିଷୟରେ ଜାଣିନାହାଁନ୍ତି ଓ ଆପଣ ଏହା ମଧ୍ୟ ଜାଣିନାହାଁନ୍ତି କି ଖଲିଫାଏ ଓ୍ୱକ୍ତ୍ କିପରି କାର୍ଯ୍ୟ କରନ୍ତି । ନିଜ ମୁଣ୍ଡରୁ ଏହି ଭଳି ମୁର୍ଖ ଭାବନାକୁ ବାହାର କରିଦିଅନ୍ତୁ ।

ହଜୁର୍ ଅନୁଓ୍ୱର୍ କହିଲେ-ବେଳେବେଳେ ଅସ୍ଥାୟୀ ଦଣ୍ଡ ମଧ୍ୟ ମିଳିଥାଏ । ମୁଁ ଓ୍ୱହ୍‌ଦାଦାର୍ ମାନଙ୍କୁ ଧ୍ୟାନ ଆକର୍ଷଣ କରାଇସାରିଛି କି ମୋ ନିକଟକୁ ସଠିକ୍ ରିପୋର୍ଟ୍ ପଠାନ୍ତୁ ଓ ସମ୍ପୂର୍ଣ୍ଣରୂପେ ତହ୍‌କିକ୍ କରି ଓ ଅନୁଧ୍ୟାନ କରି ପଠାନ୍ତୁ । ଫଳତଃ କାହାକୁ ଭୁଲ୍‌ରେ ଦଣ୍ଡ ନମିଳୁ । ଯଦି କେବେ ଏପରି ହୋଇଯାଏ ଅର୍ଥାତ୍ କାହାକୁ ଭୁଲ୍ ରୂପେ ଦଣ୍ଡ ମିଳିଯାଏ ତେବେ ପରେ କମିଶନ୍ ଜରିଆରେ ତହ୍‌କିକ୍ କରାଇ ଯିଏ ଅସଲରେ ଭୁଲ୍ ଥିବ ତାକୁ ଦଣ୍ଡ ମିଳିଥାଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ସର୍ବଦା ମନେରଖନ୍ତୁ ଖୁଦାଙ୍କ ନିକଟରୁ ରହମ୍ ଓ ଫଜଲ (ଦୟା ଓ କରୁଣା) ମାଗିବା ଉଚିତ୍ । ଜଣେ ବ୍ୟକ୍ତି ଗୋଟିଏ ଅପରାଧରେ ଧରାପଡ଼ିଲା । କିନ୍ତୁ ସେ ଅପରାଧ କରିନଥିଲା । ଏଥିରେ ସେ ଖୁଦାଙ୍କୁ କହିଲା କି ହେ ଅଲ୍ଲାଃ ! ମୋତେ ନ୍ୟାୟ ପ୍ରଦାନ କରନ୍ତୁ । ଅଦାଲତ୍‌ରେ ନିଷ୍ପତି ହେଲା ଓ ତାକୁ ଦଣ୍ଡ ମିଳିଗଲା । ସେ କହିଲା କି ମୁଁ ତ ନ୍ୟାୟ ମାଗିଥିଲି । ଏଥିରେ ଇଶ୍ୱର ତାଙ୍କୁ କହିଲେ ତୁମକୁ ଦୟା ଓ କରୁଣା ମାଗିବାର ଥିଲା । ତୁମେ ନ୍ୟାୟ ମାଗିଥିଲ ସେଥିଯୋଗୁ ତାହା ତୁମକୁ ମିଳିଗଲା । ତୁମେ ଅମୁକ ସମୟରେ ଅମୁକ ପ୍ରାଣୀକୁ ମାରି ଦେଇଥିଲ । ଏହା ହେଉଛି ତାର ଦଣ୍ଡ, ଯାହା ତୁମକୁ ମିଳିଲା ।

ହଜୁର୍ ଅନୁଓ୍ୱର୍ କହିଲେ- ଆଁ ହଜ୍‌ରତ୍ ସ:ଆ:ସଙ୍କ କିଛି ସାହାବା ମାନଙ୍କର ମୁକାତିଆ (ଏକ ଘରିଆ) କରାଯାଇଥିଲା । ସେହି ସାହାବାମାନେ ମସ୍‌ଜିଦ୍ ଯାଉଥିଲେ । ଆଁ ହଜ୍‌ରତ୍ ସ:ଆ:ସ ନିଜର ସେହି ସାହାବାମାନଙ୍କ ଉପରେ ଆଖି ଘୁରାଇ ଆଣୁଥିଲେ । ଜଣେ ସାହାବୀ ବର୍ଣ୍ଣନା କରୁଛନ୍ତି କି ମୋତେ ଏପରି ଅନୁଭବ ହେଉଛନ୍ତି କି ନବୀ କରିମ୍ ସ:ଆ:ସ ମୋତେ ହିଁ ଦେଖୁଛନ୍ତି । ମୁଁ ନିଜର ଚେହେରାକୁ ଯେବେ ଉପରକୁ ଉଠାଉଥିଲି ସେତେବେଳେ ନବୀ କରିମ୍ ସ:ଆ:ସ ନିଜ ମୁହଁକୁ ଅଲଗା ଆଡ଼େ ବୁଲାଇ ଦେଉଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଏହାଥିଲା ଆଁ ହଜ୍‌ର୍‌ତ୍ ସ:ଆ:ସ ନିକଟରେ ଇସ୍‌ଲାହ୍ (ସଂସ୍କାର) କରିବାର ଶୈଳୀ । ଆପଣ ସ:ଆ:ସ ବହୁତ ପ୍ରେମର ସହିତ ଉକ୍ତ ସାହାବା ମାନଙ୍କ ଆଡକୁ ଚାହୁଁଥିଲେ । ଓ ଯେତେବେଳେ ସେମାନଙ୍କର ଇସ୍‌ଲାହ୍ ହୋଇଗଲା ସେତେବେଳେ ଆପଣ ସେମାନଙ୍କୁ କ୍ଷମା କରିଦେଲେ ।

ସେହି ସଦସ୍ୟ ଜଣକ ପୁଣି କହିଲେ କି ମୁଁ ମୋ ପୁଅକୁ ମନା କରିଦେଇଛି କି ଏବେ କୌଣସି ଚିଠି ଲେଖିବ ନାହିଁ । ଏପରି ନହେଉ କି ଏହା ଦ୍ୱାରା ଦଣ୍ଡ ମିଳିଯାଉ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଯଦି ପିଲାମାନଙ୍କୁ ଏହିଭଳି ରୋକିବେ ତେବେ ପିଲାମାନଙ୍କ ମୁଣ୍ଡରେ ବଦ୍‌ଜନି (ଖରାପଧାରଣା) ସୃଷ୍ଟି ହେବ । ଦୂରତା ବଢ଼ିବ ଓ ନେଜାମ୍ ଠାରୁ ଦୂରେଇ ରହିବେ । ଏହା ମନେରଖନ୍ତୁ କି କୌଣସି ନିଷ୍ପତି କାହାର କହିବା ଦ୍ୱାରା ହୋଇନଥାଏ । ଆଁ ହଜ୍‌ରତ୍ ସ:ଆ:ସ ଏହା କହିଥିଲେ କି ଯଦି କେହି ଭୁଲ୍ ନିଷ୍ପତି କରିବ ତେବେ ସେ ନିଜ ପେଟରେ ନିଆଁ ପୁରାଇବ । ଗୋଟିଏ ପଟେ ତ ସେ ନିଜ ପେଟରେ ନିଆଁ ଭର୍ତି କରୁଥିବ ଓ ଅନ୍ୟପଟେ ଯଦି ଦ୍ୱିତୀୟ ପକ୍ଷଟି ପଛକୁ ଫେରିଯାଏ ତେବେ ଏହା ଭୁଲ୍ ଅଟେ । ଏଥିରେ ଦ୍ୱିତୀୟ ପକ୍ଷ ମଧ୍ୟ ନିଜର କ୍ଷତି କରିଥାଏ ।

ହଜୁର୍ ଅନୁଓ୍ୱର୍ କହିଲେ-ଏହିପରି ନିଷ୍ପତି ମନୁଷ୍ୟର ପାପକୁ କ୍ଷମା କରିଦେବାର କାରଣ ହୋଇଯାଏ ।

ନ୍ୟାସ୍‌ନାଲ୍ ମଜ୍‌ଲିସ୍ ଆମେଲା ଜମାତ୍ ଅହେମଦୀୟା ଡେନ୍‌ମାର୍କ୍‌ର ଏହି ମିଟିଂ ଦିନ ୧:୫୦ ରେ ଶେଷ ହେଲା । ଏହାପରେ ମଜ୍‌ଲିସ୍ ଆମେଲାର ସଦସ୍ୟମାନେ ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ଗ୍ରୁପ୍ ଫଟୋ ଉଠାଇବାର ସୈଭାଗ୍ୟ ପ୍ରାପ୍ତ କଲେ । ହଜୁର୍ ଅନୁଓ୍ୱର୍ ବହୁତ ସ୍ନେହର ସହିତ ଆମଲାର ପ୍ରତ୍ୟେକ ସଦସ୍ୟମାନଙ୍କ ସହିତ ହାତ ମିଳାଇଲେ ।

ଏହାପରେ ଦିନ ଦୁଇଟାରେ ହଜୁର୍ ଅନୁଓ୍ୱର ଅ:ବ:ଅ ନୁସ୍‌ରତ୍ ଜାହାଁ ମସ୍‌ଜିଦ୍‌ଠାରେ ପହଂଚି ନମାଜ ଜୋହର୍ ଏବଂ ଅସର ଜମାକରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ନିଜ ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ ।

## କୋପନ୍‌ହେଗେନ୍ (ଡେନ୍‌ମାର୍କ)ରୁ ବିଦାୟ ଓ ମାଲ୍‌ମୋ (ସ୍ୱିଡେନ୍)ରେ ଶୁଭାଗମନ

ଆଜି ପ୍ରୋଗ୍ରାମ୍ ମୁତାବକ ଡେନ୍‌ମାର୍କ୍‌ର ଗସ୍ତ ସମ୍ପୂର୍ଣ୍ଣ ହେଉଥିଲା ଓ କୋପୋନ୍ ହେଗେନ୍‌ରୁ ମାଲ୍‌ମୋ, ସ୍ୱିଡେନ୍ ନିମନ୍ତେ ଗସ୍ତ କରିବାର ଥିଲା । ମୋକରମ୍ ମାମୁନ୍ ରସିଦ୍ ସାହେବ୍ ଅମିର୍ ଜମାତ୍ ଅହେମଦୀୟା ସ୍ୱିଡେନ୍, ମୋକରମ୍ ଆଗା ଯେହିୟା ଖାନ୍ ସାହେବ୍ ମୁବଲିଗ୍ ଇନ୍‌ଚାର୍ଯ୍ ସ୍ୱିଡେନ୍ ଓ ମୋକରମ୍ ମନ୍‌ସୁର୍ ଅହେମଦ୍ ସାହେବ୍ ସଦର୍ ଖୁଦାମୁଲ୍ ଅହେମଦୀୟା ସ୍ୱିଡେନ୍ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ସ୍ୱାଗତ ଜଣାଇବା ପାଇଁ ମାଲ୍‌ମୋରୁ ଯାଇ କୋପୋନ୍‌ହେଗେନ୍‌ରେ ପହଂଚିଥିଲେ । ସ୍ୱିଡେନ୍‌ରୁ ଯାତ୍ରା କରିବା ପୂର୍ବରୁ ଧାର୍ଯ୍ୟ ପ୍ରୋଗ୍ରାମ୍ ମୁତାବକ କାଫିଲା ପାଇଁ ଗାଡ଼ିଗୁଡିକ ସ୍ୱିଡେନ୍‌ରୁ ଆସିଥିଲା ।

ଡେନ୍‌ମାର୍କ୍ ଜମାତ୍‌ର ଲୋକମାନେ ଦିନ ଦ୍ୱିପ୍ରହରରେ ନିଜ ପ୍ରିୟ ଆକାଙ୍କୁ ବିଦାୟ ଦେବାପାଇଁ ମସ୍‌ଜିଦ୍ ନୁସ୍‌ରତ୍ ଜାହାଁଠାରେ ଏକତ୍ରିତ ହେବା ଆରମ୍ଭ ହୋଇଗଲେ । ଗୋଟିଏ ପଟେ ମହିଳା ଓ ପିଲାମାନେ ଛିଡ଼ା ହୋଇଥିଲେ ଓ ଅନ୍ୟପଟେ ପୁରୁଷମାନେ ଛିଡ଼ା ହୋଇଥିଲେ । ଛୋଟଛୋଟ ଝିଅପିଲାମାନେ ଦଳଦଳ ହୋଇ ବିଦାୟ ସଂଗୀତ ପାଠ କରୁଥିଲେ । ୫:୦୫ ରେ ହଜୁର ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ବାହରିଲେ ଓ କିଛି ସମୟ ନିଜ ପ୍ରିୟ ଜମାତ୍‌ର ଲୋକମାନଙ୍କ ଗହଣରେ ବିତାଇଲେ । ଏ ସମୟରେ ଗୋଟିଏ ପଟେ ଛୋଟ ଛୋଟ ପିଲାମାନେ ନଜମ୍ ପଢୁଥିଲେ ଓ ଅନ୍ୟପଟେ ମହିଳାମାନେ ହଜୁର୍‌ଙ୍କୁ ଦର୍ଶନ କରୁଥିଲେ ଓ ପୁରୁଷମାନେ ହାତ ଉପରକୁ ଉଠାଇ ନିଜ ପ୍ରିୟ ଆକାଙ୍କୁ ବିଦାୟ ଦେଉଥିଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦୁଆ କରାଇଲେ ଓ କାଫିଲା ମାଲ୍‌ମୋ ନିମନ୍ତେ ଗସ୍ତ କଲା । କୋପୋନ୍‌ହେଗେନ୍ ଠାରୁ ମାଲ୍‌ମୋର ଦୂରତା ହେଉଛି ୪୫ କି.ମି. । କୋପୋନ୍‌ହେଗେନ୍ ଓ ମାଲ୍‌ମୋ ମଝିରେ ସମୁଦ୍ର ରହିଛି । ତା ଉପରେ ୧୬ କି.ମି ଲମ୍ୱା ପୋଲ ତିଆରି କରାଯାଇ ଏହି ଦୁଇ ସହରକୁ ମିଶାଇ ଦିଆଯାଇଛି । ପୋଲ ପାର ହେବା ପରେ ଯେଉଁ କ୍ଷଣି ହଜୁର୍ ସ୍ୱିଡେନ୍‌ର ସୀମାରେ ଦାଖିଲ୍ ହେଲେ ଏଠାରୁ ସ୍ୱିଡେନ୍ ପୋଲିସ୍ ଗାଡ଼ି ଆସି କାଫିଲାକୁ ଏସ୍‌କଟ୍ କଲା ଓ ମାଲ୍‌ମୋର ଜମାତି ମର୍କଜ୍ ପର୍ଯ୍ୟନ୍ତ ପହଂଚିବାର ସମସ୍ତ ରାସ୍ତା ପୋଲିସ୍ କ୍ଲିଅର୍ କରି ଚାଲିଲା ।

ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କର ସ୍ୱିଡେନ୍ ନିମନ୍ତେ ଏହା ଦ୍ୱିତୀୟ ଗସ୍ତ । ଏହା ପୂର୍ବରୁ ହଜୁର୍ ୨୦୦୫ ମସିହାର ୧୧-୧୯ ସେପ୍ଟେମ୍ବର୍ ପର୍ଯ୍ୟନ୍ତ ସ୍ୱିଡେନ୍ ଗସ୍ତ କରିଥିଲେ । ଆଜିର ଦିନଟି ଜମାତ୍ ଅହେମଦୀୟା ସ୍ୱୀଡେନ୍ ପାଇଁ ବହୁତ ମୋବାରକ୍ ଦିନ ଥିଲା । ହଜୁର୍‌ଙ୍କ ପବିତ୍ର ପାଦ ଦ୍ୱିତୀୟ ଥର ପାଇଁ ସ୍ୱିଡେନ୍‌ର ଭୂମିରେ ପଡ଼ିଲା । ଅଲ୍ଲାଃତାଲା ଏହି ବୈଭବକୁ ସ୍ୱୀଡେନ୍ ଜମାତ୍ ନିମନ୍ତେ ପ୍ରତ୍ୟେକ କ୍ଷେତ୍ରରୁ ବାବର୍‌କତ୍ କରନ୍ତୁ । ଏହି ଯାତ୍ରା ଉନ୍ନତିର ନୁଆ ନୁଆ ଦ୍ୱାରକୁ ଉନ୍ମୁକ୍ତ କରିବା ବାଲା ହେଉ । ଆମିନ୍ !

ଏବେ ମାଲ୍‌ମୋ ସହରରେ ପ୍ରବେଶ କରୁଥିଲେ କି ମୋଟର୍ ଓ୍ୱେରେ ଦୂରରୁ ହିଁ ମାଲ୍‌ମୋଠାରେ ନିର୍ମାଣ ହୋଇଥିବା ଜମାତ୍ ଅହେମଦୀୟା ସ୍ୱୀଡେନ୍‌ର ଦ୍ୱିତୀୟ ମସ୍‌ଜିଦ୍ ''ମସ୍‌ଜିଦ୍ ମେହ୍‌ମୁଦ୍'' ର ବିଶାଳ ଓ ବ୍ୟାପକ ଦୁଇ ମହଲା ବିଶିଷ୍ଟ ଅଟ୍ଟାଳିକା ନିଜର ମିନାର୍ ଓ ଚମକୁଥିବା ଗୁମ୍ବଦ ସହିତ ଦୃଷ୍ଟିଗୋଚର ହେଲା । ବହୁତ ସୁନ୍ଦର ମସ୍‌ଜିଦ୍ ନିର୍ମାଣ କରାଯାଇଛି ଓ ପ୍ରତ୍ୟେକ ଦେଖଣାହାରୀଙ୍କ ଦୃଷ୍ଟିକୁ ସେ ତା ଆଡକୁ ଭିଡ଼ି ନେଉଛି ।

୬:୧୦ ରେ ହଜୁର୍ ମସ୍‌ଜିଦ୍ ମେହ୍‌ମୁଦ୍ ମାଲ୍‌ମୋ (ସ୍ୱୀଡେନ୍)ରେ ପଦାର୍ପଣ କଲେ, ଯେଉଁଠି ଜମାତ୍ ଅହେମଦୀୟା ସ୍ୱିଡେନ୍‌ର ସଦସ୍ୟଗଣ ନିଜ ପ୍ରିୟ ଆକାଙ୍କ ଭବ୍ୟ ସ୍ୱାଗତ କଲେ । ଛୋଟ ଛୋଟ ପୁଅ ଝିଅମାନେ ଦଳବଦ୍ଧ ହୋଇ ସ୍ୱାଗତ ସଂଗୀତ ଉପସ୍ଥାପନ କଲେ । ଅହଲଉଁ ଓ୍ୱ ସହଲଉଁ ଓ୍ୱ ମର୍‌ହବାର ଧ୍ୱନି ଚାରିଆଡ଼େ ଗୁଞ୍ଜରଣ ହେଉଥିଲା । ମହିଳାମାନେ ହଜୁର୍‌ଙ୍କ ଦର୍ଶନ କରୁଥିଲେ ଓ ପୁରୁଷମାନେ ନିଜ ହାତକୁ ହଲାଇ ନିଜ ପ୍ରିୟ ଆକାଙ୍କୁ ସ୍ୱାଗତ ଜଣାଉଥିଲେ । ହଜୁର୍ ଗାଡ଼ିରୁ ବାହାରିବା କ୍ଷଣି ସଦର୍ ଜମାତ୍ ମାଲ୍‌ମୋ ମୋକରମ୍ ମୁହମ୍ମଦ୍ ଦାଉଦ୍ ଖାନ୍ ସାହେବ୍ ଓ ମୁବଲିଗ୍ ସିଲ୍‌ସିଲା ମାଲ୍‌ମୋ ମୋକରମ୍ ତାହେର୍ ହୟାତ୍ ସାହେବ୍ ଏବଂ ମୁବଲିଗ୍ ସିଲ୍ ସିଲା ଲୁଲିଆ ମୋକରମ୍ ରିଜୁଆନ୍ ଅଫ୍‌ଜଲ୍ ସାହେବ୍ ନିଜ ପ୍ରିୟ ଆକାଙ୍କୁ ସ୍ୱାଗତ ଜଣାଇଲେ । ହଜୁର୍ ଅନୁଓ୍ୱର୍ ନିଜର ହାତକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୋ ଆଲୈକୁମ୍ କହିଲେ ଓ ଆବାସସ୍ଥଳୀକୁ ଚାଲିଗଲେ ।

ଆଜି ପ୍ରିୟ ଆକାଙ୍କୁ ଯେଉଁମାନେ ସ୍ୱାଗତ କରିଥିଲେ ସେଥିମଧ୍ୟରୁ ମାଲ୍‌ମୋ ସ୍ଥାନୀୟ ଜମାତ୍‌ର ସଦସ୍ୟଗଣଙ୍କ ବ୍ୟତୀତ ଦେଶର ଅନ୍ୟ ଭାଗରେ ଥିବା ବିଭିନ୍ନ ଜମାତ୍‌ରୁ ମଧ୍ୟ ଲୋକମାନେ ମାଲ୍‌ମୋ ଠାରେ ପହଂଚିଥିଲେ । ଗୋତନ୍‌ବର୍ଗ୍‌ରୁ ଆସିଥିବା ଲୋକେ ୨୮୮ କି.ମି ଷ୍ଟକ୍ ହୋମ୍‌ରୁ ୬୧୫ କି.ମି ଓ ଲୁଲିୟା ଜମାତ୍‌ରୁ ୧୫୧୦ କି.ମିର ରାସ୍ତା ଅତିକ୍ରମ କରି ଲୋକେ ଏଠାରେ ପହଂଚିଥିଲେ । ଏମାନେ କେବଳ ହଜୁର୍‌ଙ୍କର ଦର୍ଶନ ପାଇଁ ଏଠାରେ ପହଂଚିଥିଲେ ଓ ନିଜ ପ୍ରିୟ ଆକାଙ୍କ ନିକଟରେ କିଛି ମୁହୁର୍ତ ତାଙ୍କୁ ବିତାଇବାର ମିଳିଯିବ ବୋଲି ଏଠାକୁ ଆସିଥିଲେ ଓ ହଜୁର୍‌ଙ୍କ ପଛରେ ନମାଜ ପଢ଼ିବା ପାଇଁ ଆସିଥିଲେ । ଅଲ୍ଲାଃତାଲା ଏ ସୌଭାଗ୍ୟ ଓ ଏ ବୈଭବ୍ୟର ଦିନ ସମସ୍ତଙ୍କ ପାଇଁ ମୋବାରକ୍ କରନ୍ତୁ ।

ଆମିନ୍ ! ଠିକ୍ ୯ଟା ସମୟରେ ହଜୁର୍ ନିଜ ଆବାସ ସ୍ଥଳୀରୁ ବାହାରକୁ ବାହାରିଲେ ଓ ମସ୍‌ଜିଦ୍ ମେହ୍‌ମୁଦ୍ ସହିତ ସଂଲଗ୍ନ ନିର୍ମାଣ ହେବାକୁ ଥିବା କମ୍ପ୍ଲେକ୍ସର ନିରୀକ୍ଷଣ କଲେ । ମସ୍‌ଜିଦ୍ ମେହ୍‌ମୁଦ୍‌ର ପୁରୁଷ ଓ ଲଜ୍‌ନା ମାନଙ୍କର ହଲ୍ ବ୍ୟତୀତ ଲାଇବ୍ରେରି, ନୁମାଇସ୍ ହଲ୍, କାର୍ଯ୍ୟାଳୟ, ମିଶନ୍ ହାଉସ୍, ମଲଟି ପର୍ପୋଜ୍ ହଲ୍, ମୁବଲିଗ୍‌ଙ୍କ ଆବାସସ୍ଥଳୀ, ଜମାତ୍‌ର କିଚେନ୍ ଓ ଗେଷ୍ଟ ହାଉସ୍ ଏବଂ ବିଭିନ୍ନ କାମ ପାଇଁ ନିର୍ମାଣ ହୋଇଥିବା ଗୃହ ଇତ୍ୟାଦିର ନିରୀକ୍ଷଣ କଲେ । ସମ୍ପୂର୍ଣ୍ଣ ବ୍ୟାଖ୍ୟା ଆସନ୍ତା ରିପୋର୍ଟରେ ଆସିବ ।

୯:୧୫ ରେ ହଜୁର୍ ମସ୍‌ଜିଦ୍ ମେହ୍‌ମୁଦ୍‌ଠାରେ ପହଂଚି ନମାଜ ମଗ୍‌ରିବ୍ ଓ ଇସା ଜମା କରି ପଢ଼ାଇଲେ । ନମାଜ ପାଠ କରେ ହଜୁର୍ ଅନୁଓ୍ୱର୍ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**୧୧ ମଇ ୨୦୧୬ (ବୁଧବାର)**

ପ୍ରତ୍ୟୁଷ ୪:୧୦ ରେ ହଜୁର୍ ଅନୁଓ୍ୱର୍ ମସ୍‌ଜିଦ୍ ମେହ୍‌ମୁଦ୍‌ରେ ପହଂଚି ଫଜର୍ ନମାଜ୍ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ନିଜ ଆବାସ ସ୍ଥଳୀକୁ ଚାଲିଗଲେ ।

ପ୍ରୋଗ୍ରାମ୍ ମୁତାବକ ସକାଳ ୧୧ ଟା ସମୟରେ ହଜୁର୍ ଦଫ୍ତର୍ ଆସିଲେ । ସ୍ୱିଡେନ୍ ଟେଲିଭିଜନ୍‌ର ଜର୍ନାଲିଷ୍ଟ Helena Bohm Nilsson ସ୍ଥାନୀୟ ଖବର କାଗଜ Skanska Dagbladat ର ପ୍ରତିନିଧି ସାଉଥ୍ ସ୍ୱିଡେନ୍‌ର ସବୁଠାରୁ ବଡ଼ ଖବରକାଗଜ Sydsvenskan ର ପ୍ରତିନିଧି ଜର୍ନାଲିଷ୍ଟ Jens Mikkelsen ଏବଂ ସ୍ୱିଡିଶ୍ ନ୍ୟାସ୍‌ନାଲ୍ ରେଡିଓର ପ୍ରତିନିଧି Anna Bubehko ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କର ଇଂଟର୍‌ଭ୍ୟୁ ନେବାପାଇଁ ଆସିଥିଲେ । ଇଲେକ୍ଟ୍ରୋନିକ୍ ଓ ପ୍ରିଂଟ୍ ମିଡ଼ିଆର ଏହି ଚାରିଜଣ ଜର୍ନାଲିଷ୍ଟ୍ ଜଣ ଜଣ କରି ହଜୁର୍ ଅ:ବ:ଅଙ୍କ ଇଂଟର୍‌ଭ୍ୟୁ ନେଲେ ।

**ସ୍ୱିଡିଶ୍ ଟେଲିଭିଜନ୍‌ର ହଜୁର୍ ଅନୁଓ୍ୱର୍‌ଙ୍କ ଇଂଟର୍‌ଭ୍ୟୁ**

ସର୍ବପ୍ରଥମେ ସ୍ୱିଡେସ୍ ଟେଲିଭିଜନ୍‌ର ଜର୍ନାଲିଷ୍ଟ୍ ହଜୁର୍ ଅନୁଓ୍ୱର୍‌ଙ୍କ ଇଂଟର୍‌ଭ୍ୟୁ ନେଲେ ।

ଜର୍ନାଲିଷ୍ଟ୍ ଜଣକ ଏ ପ୍ରଶ୍ନ ପଚାରିଲେ କି ଏହି ମସ୍‌ଜିଦ୍‌ଟି ଜମାତ୍ ଅହେମଦୀୟା ପାଇଁ କଣ ଅର୍ଥ ରଖିଛି ?

ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମସ୍‌ଜିଦ୍‌ର ଉଦ୍ଦେଶ୍ୟ ସମସ୍ତ ମୋମିନ୍ ମାନଙ୍କୁ ଉପାସନା ନିମନ୍ତେ ଗୋଟିଏ ସ୍ଥାନରେ ଏକତ୍ରିତ କରାଇବା । ପବିତ୍ର କୋରାନ୍‌ରେ ଆସୁଛି କି ମନୁଷ୍ୟ ଜନ୍ମର ଅସଲ ଉଦ୍ଦେଶ୍ୟ ହେଉଛି ତା ସୃଷ୍ଟିକର୍ତାଙ୍କ ନିକଟରେ ନତମସ୍ତକ ହେବା । ତେଣୁ ଆମର ଏ ବିଶ୍ୱାସ ଅଛି କି ଜଣେ ମୁସଲ୍‌ମାନ୍ ମୋମିନ୍‌ଙ୍କ ପାଇଁ ଏହା ଆବଶ୍ୟକ କି ସେ ହକୁଲ୍ଲାଃ ଅର୍ଥାତ୍ ଅଲ୍ଲାହ୍‌ଙ୍କ ହକ୍‌କୁ ପ୍ରଦାନ କରୁ ଓ ଏହି ମସ୍‌ଜିଦ୍ ନିର୍ମାଣ କରିବାର ଉଦ୍ଦେଶ୍ୟ ମଧ୍ୟ ହେଉଛି ଏହା କି ଅହେମଦୀ ମୁସଲ୍‌ମାନ୍ ଇସ୍‌ଲାମୀୟ ଶିକ୍ଷା ମୁତାବକ ଦିନରେ ପାଂଚବେଳା ଏଠାରେ ଏକତ୍ରିତ ହେବେ ଓ ନିଜ ସୃଷ୍ଟିକର୍ତାଙ୍କର ଉପାସନା କରିବେ ଓ ଜୁମା ପଢ଼ିବେ । ଏତଦ୍‌ବ୍ୟତୀତ କମ୍ୟୁନିଟିର ଲାଭ ପାଇଁ ଏଠାରେ ଏକାଠି ହେବେ । ଓ ବେଳେବେଳେ ମିଳାମିଶା କରିବା ପାଇଁ ମଧ୍ୟ ଏକାଠି ହେବେ । ପୁଅ ଓ ଝିଅମାନେ ଏଠାକୁ ଆସିବେ । ମଲଟି ପର୍ପୋଜ୍ ହଲ୍‌ରେ ନିଜର ଖେଳ ଖେଳିବେ ବା ଅନ୍ୟାନ୍ୟ ଫଙ୍କ୍‌ସନ୍ ଅନୁଷ୍ଠିତ କରିବେ । କିନ୍ତୁ ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଏଠାରେ ନିଜ ପ୍ରକୃତ ସୃଷ୍ଟିକର୍ତାଙ୍କର ଉପାସନା ନିମନ୍ତେ ଏକାଠି ହେବା ।

ସେ ପୁଣି ପଚାରିଲେ କି ମସ୍‌ଜିଦ୍‌ର ଏହି ଅଟ୍ଟାଳିକା ସମ୍ବନ୍ଧରେ ଆପଣଙ୍କର ମତ କଣ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏହି ଅଟ୍ଟାଳିକାଟି ବହୁତ ସୁନ୍ଦର ଶୈଳୀରେ ନିର୍ମାଣ କରାଯାଇଛି । ମୋ ମତରେ ଏଠିକାର ସ୍ଥାନୀୟ ଲୋକମାନେ ମଧ୍ୟ ଏହି ଅଟ୍ଟାଳିକାକୁ ପସନ୍ଦ କରିବେ । କାରଣ ଏହି ମସ୍‌ଜିଦ୍‌ର ନକ୍ସା ବହୁତ ସୁନ୍ଦର ଶୈଳୀରେ ଡିଜାଇନ୍ କରାଯାଇଛି ।

ଏହାପରେ ସେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କୁ ପଚାରିଲେ କି ଆପଣଙ୍କର ମିଶନ୍ କଣ ଅଛି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଜମାତ୍ ଅହେମଦୀୟା ମୁସଲିମାର ଉଦ୍ଦେଶ୍ୟ ହେଉଛି ତାହା, ଯାହା ରସୁଲେ କରିମ୍ ସ:ଆ:ସ ପୂର୍ବରୁ ବତାଇଥିଲେ । ରସୁଲେ କରିମ୍ ସ:ଆ:ସ ଏ ଭବିଷ୍ୟବାଣୀ କରିଥିଲେ କି ଆଖିରି ଜମାନା (ଶେଷଯୁଗ) ରେ ଯେବେ ମୁସଲ୍‌ମାନ୍ ମାନେ ଇସ୍‌ଲାମ୍‌ର ଅସଲ ଶିକ୍ଷାକୁ ଭୁଲିଯିବେ ଓ ସିଧା ରାସ୍ତାରୁ ଦୂରେଇଯିବେ ସେ ସମୟରେ ଜଣେ ବ୍ୟକ୍ତି ପ୍ରକଟ ହେବ ଯିଏ ଅଲ୍ଲାହ୍‌ତାଲାଙ୍କ ତରଫରୁ ପ୍ରେରଣ କରାଯିବ ଏବଂ ସେ ଇସ୍‌ଲାମ୍‌ର ପୈଗମ୍ବର୍ ନବୀ ସ:ଆ:ସଙ୍କୁ ମାନିବା ବାଲା ହେବ ଓ ସେ ମସିହ୍ ହେବ ଓ ମେହ୍‌ଦୀ ବୋଲାଇବ । ସେ ମୁସଲ୍‌ମାନ୍ ଓ ଅନ୍ୟ ଧର୍ମର ଲୋକମାନଙ୍କ ମାର୍ଗ ଦର୍ଶନ କରିବ କି ଅସଲ ଇସ୍‌ଲାମ୍ କଣ ଅଟେ ଓ ସେ ସମଗ୍ର ମାନବ ଜାତିକୁ ଗୋଟିଏ ଝଣ୍ଡା (ପତାକା) ତଳେ ଏକତ୍ରିତ କରାଇବ ଯଦ୍ଦ୍ୱାରା ସେମାନେ ନିଜ ସୃଷ୍ଟିକର୍ତାଙ୍କ ଅଧିକାରକୁ ପ୍ରଦାନ କରିପାରିବେ ଓ ପରସ୍ପର ମଧ୍ୟରେ ଏ ସମାଜରେ ପ୍ରେମ, ସ୍ନେହ ଓ ଭାଇଚାରାକୁ ସୃଷ୍ଟି କରିବ ।

ପୁଣି ସେ ପ୍ରଶ୍ନ କଲେ କି ଏଠାରେ ମୁଁ ଗୋଟିଏ ସ୍ଲୋଗାନ୍ ଶୁଣିଲି । ସେ ବିଷୟରେ ଆପଣ ମୋତେ କିଛି ବତାଇବେ କି ?

ଏହାର ଉତରରେ ହଜୁର୍ ଅନୁଓ୍ୱର୍ କହିଲେ ଯଦି ଏ ସ୍ଲୋଗାନ୍ 'ମହବତ୍ ସବ୍ କେ ଲିଏ, ନଫ୍‌ରତ୍ କିସି ସେ ନେହିଁ' ବିଷୟରେ ପଚାରୁଛ ତେବେ ଏହା ହେଉଛି କୋରାନ୍‌ର ଶିକ୍ଷା ଓ ଇସ୍‌ଲାମ୍‌ର ସାରାଂଶ । ଇସ୍‌ଲାମ୍‌ର ଅର୍ଥ ହିଁ ହେଉଛି ଶାନ୍ତି । ଆମେ ଜଣେ ଅନ୍ୟଜଣକୁ ପ୍ରେମ କରିବା ଉଚିତ୍ । ପ୍ରେମ ଓ ସୌହାର୍ଦ୍ଦ୍ୟକୁ ପ୍ରସାର କରିବା ଦରକାର । ପବିତ୍ର କୋରାନ୍ କହୁଛି କି ନିଜ ଶତ୍ରୁଙ୍କ ସହିତ ମଧ୍ୟ ନ୍ୟାୟ ବ୍ୟବହାର କର ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ପ୍ରେମ କଣ ? ସ୍ନେହ ଓ ସହାନୁଭୂତିର ନାମ ଅଟେ । ଏହା ପ୍ରେମ ହିଁ ଅଟେ ଆମେ ଚାହୁଁନାହୁଁ କି କୌଣସି ବ୍ୟକ୍ତି ଏଭଳି କୌଣସି କାର୍ଯ୍ୟ କରୁ ଯଦ୍ଦ୍ୱାରା ସେ ଅଲ୍ଲାହ୍‌ଙ୍କ ଦଣ୍ଡରେ ଦଣ୍ଡିତ ହେବ । ଏହା ପ୍ରେମର ଭାବନା ତା ପାଇଁ ମଧ୍ୟ ରହିଛି ଯିଏ ପ୍ରକାଶ୍ୟରେ ଆମର ଶତ୍ରୁ ଅଟେ । କିନ୍ତୁ ଆମେ କାହାକୁ ଶତ୍ରୁବୋଲି ମଣୁନାହୁଁ । ପ୍ରେମର ବହୁତ ସ୍ତର ରହିଛି । ନିଜ ପିଲାମାନଙ୍କ ପାଇଁ ପ୍ରେମ ଅଲଗା ହୋଇଥାଏ, ଭାଇ ଭଉଣୀଙ୍କ ପାଇଁ, ବନ୍ଧୁବାନ୍ଧବଙ୍କ ପାଇଁ ଅଲଗା ପ୍ରକାର ପ୍ରେମ ଓ ମା'ବାପାଙ୍କ ପାଇଁ ଅଲଗା ସ୍ତରର ପ୍ରେମ ରହେ । ଏ ସବୁ ପ୍ରେମର ବିଭିନ୍ନ ସ୍ତରକୁ ଦୃଷ୍ଟିରେ ରଖି ଆମେ ସଂସାରର ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ପ୍ରେମ କରୁ ଓ କାହାକୁ ଦୁଃଖ ପହଂଚାଇବାକୁ ଚାହୁଁନାହୁଁ । ଆମେ ସମସ୍ତଙ୍କ ପାଇଁ ସହାନଭୂତି ରଖୁଛୁ ।

ଏହାପରେ ସେ ପ୍ରଶ୍ନ କଲେ କି ଆପଣଙ୍କର ଭାବନା ସେହିସବୁ ଯୁବକ ମାନଙ୍କ ସମ୍ବନ୍ଧରେ କଣ ରହିଛି ? ଯେଉଁମାନେ ଏଠି ମାଲ୍‌ମୋ ଏବଂ ସ୍ୱିଡେନ୍‌ରେ ଆଇ.ଏସ୍.ଆଇ.ଏସ୍‌ରେ ସାମିଲ୍ ହେଉଛନ୍ତି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆଇସିସ୍ କଣ ? ଏହା ଏକ ସଂଗଠନ ଅଟେ, ଯାହା ତଥାକଥିତ ମୌଳବାଦୀ ନେତାମାନେ ନିଜର ଲାଭ ପାଇଁ ତିଆରି କରିଛନ୍ତି ଏବଂ ଏ ଲୋକମାନେ ଯୁବପିଢ଼ୀଙ୍କୁ ନିଜ ସହିତ ମିଶାଇ ବିଭିନ୍ନ ପ୍ରକାରର ଲୋଭ ଦେଉଛନ୍ତି । ଉଦାହରଣ ସ୍ୱରୂପ ଯେବେ ସେମାନେ ମରିଯିବେ ତେବେ ଜନ୍ନତ୍‌କୁ ଯିବେ । ଯଦି ବଂଚିଯିବେ ତେବେ ଇସ୍‌ଲାମ୍‌ର ସେବା କରୁଥିବେ । କିନ୍ତୁ ବାସ୍ତବରେ ଏହା ଠିକ୍ ନୁହେଁ ଯେପରିକି ମୁଁ ପୂର୍ବରୁ କହିଛି କି ପୈଗମ୍ବରେ ଇସ୍‌ଲାମ୍ ରସୁଲେ କରିମ୍ ସ:ଆ:ସ ଏ ଭବିଷ୍ୟବାଣୀ କରିଥିଲେ କି ଶେଷ ଯୁଗରେ ଲୋକମାନେ ଇସ୍‌ଲାମୀୟ ଶିକ୍ଷାକୁ ଭୁଲିଯିବେ ଓ ସେମାନଙ୍କର ମାର୍ଗ ଦର୍ଶନ ନିମନ୍ତେ ଜଣେ ବ୍ୟକ୍ତି ପ୍ରକଟ ହେବେ ଓ ଆମର ଏ ବିଶ୍ୱାସ କି ସେ ବ୍ୟକ୍ତି ହେଉଛନ୍ତି ମିର୍ଜା ଗୁଲାମ୍ ଅହେମଦ୍ ଅଫ୍ କାଦିଆନ୍ ଜମାତ୍ ଅହେମଦୀୟାର ପ୍ରତିଷ୍ଠାତା । ଏପରି କୌଣସି ଗୋଷ୍ଠୀ ବା କୌଣସି ବ୍ୟକ୍ତି ଯିଏ ଏହି ସଂଗଠନରେ ସାମିଲ୍ ହେଉଛନ୍ତି, ଯେଉଁମାନେ ଚରମପନ୍ଥୀର ଶିକ୍ଷା ଦେଉଛନ୍ତି, ତେବେ ଏହା ସବୁ ହେଉଛି ସମ୍ପୂର୍ଣ୍ଣ ରୂପେ ଇସ୍‌ଲାମୀୟ ଶିକ୍ଷାର ବିପରୀତ । ଏହି ଲୋକମାନେ ଯାହା କିଛି କରୁଛନ୍ତି ତାହା ଠିକ୍ ନୁହେଁ ।

ସେହି ମହିଳା ପତ୍ରକାର ଜଣକ ପୁଣି ପ୍ରଶ୍ନ କଲେ କି ଆପଣଙ୍କ ଜମାତ୍ ନୂଆ ଯୁବପିଢ଼ୀଙ୍କୁ ISIS ରେ ସାମିଲ୍ ହେବାରୁ ନିବୃତ ରହିବା ପାଇଁ କଣ ଚେଷ୍ଟା କରୁଛି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଜମାତ୍ ଅହେମଦୀୟା ବ୍ୟତୀତ ଅନ୍ୟ ଯୁବକମାନଙ୍କ ଉପରେ ଆମେ କୌଣସି ପ୍ରଭାବ ତ ରଖୁନାହୁଁ ଓ ଆମ ଜମାତ୍ ଭିତରୁ କୌଣସି ଜଣେ ମଧ୍ୟ ଏପରି ନାହାଁନ୍ତି ଯିଏ ISIS ରେ ସାମିଲ୍ ହେବା ପାଇଁ ଇଚ୍ଛା ରଖିଥିବ । ଆମେ ଶାନ୍ତିପ୍ରିୟ ଲୋକ ଏବଂ ଆମେ ନିଜ ଜମାତ୍‌ର ସଦସ୍ୟମାନଙ୍କୁ, ପୁଅଝିଅମାନଙ୍କୁ, ପିଲାଦିନୁ ଏହା ଶିଖାଉଛୁ କି ସେମାନେ କିପରି ଶାନ୍ତିପ୍ରିୟ ହେବେ ଓ ସେମାନଙ୍କ ସମ୍ମୁଖରେ ଇସ୍‌ଲାମ୍‌ର ପ୍ରକୃତ ସ୍ୱରୂପକୁ ରଖୁଛୁ । ତେଣୁ ଅହେମଦୀମାନଙ୍କ ଭିତରେ ଆପଣଙ୍କୁ ଏପରି କୌଣସି ବ୍ୟକ୍ତି ମିଳିବେ ନାହିଁ । ଯେଉଁଠି ଅନ୍ୟ ମୁସଲ୍‌ମାନ୍ ମାନଙ୍କର କଥା ଉଠୁଛି ତେବେ ଆମେ ସେମାନଙ୍କୁ ଏହା ନିଶ୍ଚିତ ରୂପେ କହୁଛୁ କି ଏହା ସମ୍ପୂର୍ଣ୍ଣ ରୂପେ ଇସ୍‌ଲାମୀୟ ଶିକ୍ଷାର ଖିଲାଫ୍ ଅଟେ । କିନ୍ତୁ ତାଙ୍କ ଉପରେ ଆମ କଥାର କୌଣସି ପ୍ରଭାବ ପଡୁନାହିଁ । ତେଣୁ ଆମେ ସରକାରକୁ କହୁଛୁ କି ଏ ଲୋକମାନେ ହେଉଛନ୍ତି ଆପଣଙ୍କର ପ୍ରଜା । ତେଣୁ ସରକାରଙ୍କୁ ଏପରି କାନୁନ୍ ବନାଇବାକୁ ହେବ ବା ଏପରି ଚେଷ୍ଟା ଓ ପ୍ରୟାସ କରିବାକୁ ହେବ ଯଦ୍ଦ୍ୱାରା ଏହି ଯୁବକମାନେ ଚରମପନ୍ଥୀ ସଂଗଠନରେ ସାମିଲ୍ ହେବାରୁ ନିବୃତ ରହିବେ ।

ସେହି ମହିଳା ପତ୍ରକାର ଜଣକ କହିଲେ ଆପଣ ଏ ଡିବେଟ୍ ବିଷୟରେ ତ ଶୁଣିଥିବେ, ଯେଉଁଥିରେ ମୁସଲ୍‌ମାନ୍ ନେତାମାନେ ମହିଳାମାନଙ୍କ ସହିତ ହାତ ମିଳାଇବା ପାଇଁ ମନା କରିଦେଇଛନ୍ତି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୋ ନିକଟରେ ଏହା କୌଣସି ବଡ଼ ସମସ୍ୟା ନୁହେଁ । ମୁଁ ନିଜେ ମଧ୍ୟ ମହିଳାମାନଙ୍କ ସହିତ ହାତ ମିଳାଉନାହିଁ । ପ୍ରତ୍ୟେକ କବିଲା ଓ ପ୍ରତ୍ୟେକ ଜାତିର ଲୋକଙ୍କ ନିକଟରେ ନିଜ ନିଜର ପ୍ରଥା ରହିଛି । ଆମେ ମହିଳାମାନଙ୍କ ସମ୍ମାନ ଯୋଗୁ ତାଙ୍କ ସହିତ ହାତ ମିଳାଉନାହୁଁ । ମୁଁ ବେଳେବେଳେ ନଇଁଯାଏ, ଯାହା ହାତ ମିଳାଇବା ଠାରୁ ଅଧିକ ସମ୍ମାନର ବିଷୟ । ହିନ୍ଦୁମାନେ ହାତଯୋଡ଼ି ନମସ୍କାର କହିଥାନ୍ତି, ଜାପାନି ମାନେ ନଇପଡ଼ିଥାନ୍ତି । ସେହିଭଳି ଦୁନିଆର ବିଭିନ୍ନ ଜାତିରେ ଭିନ୍ନ ଭିନ୍ନ ପ୍ରଥା ରହିଛି । ନାଇଜେରିଆରେ କିଛି କବିଲା ଏପରି ଅଛନ୍ତି ତାଙ୍କ ମୁଖିଆ ଅନ୍ୟ ଲୋକମାନଙ୍କ ସମ୍ମୁଖରେ ଖାଦ୍ୟ ଖାଆନ୍ତି ନାହିଁ । ସେ ଦେଶର ରାଷ୍ଟ୍ରପ୍ରତି ହେଉ ନା କାହିଁ । କିଛି ଆଫ୍ରିକିୟ କବିଲାର ମୁଖିଆମାନେ ଯେବେ ଆମ ସହିତ ମିଶିବାକୁ ଆସୁଛନ୍ତି ଓ ଆମର ୟୁ.କେ ଜଲ୍‌ସାସାଲାନାରେ ସାମିଲ୍ ହେଉଛନ୍ତି ସେମାନେ ଏହା କହିଥାନ୍ତି କି ଆମ ନିଜର ଶୈଳୀ ଓ ପ୍ରଥା ଅଲଗା ଅଟେ । ଆମେ ଏହା କରିବୁ ନାହୁଁ, ଆମେ ଏପରି ବସିବୁ, ଆମେ ଆପଣମାନଙ୍କ ସହିତ ଖାଦ୍ୟ ଖାଇବୁ ନାହିଁ ଇତ୍ୟାଦି । କିନ୍ତୁ ଆମେ ସେ ଲୋକମାନଙ୍କର ମଧ୍ୟ ସମ୍ମାନ କରିଥାଉ । କାରଣ ସେମାନେ ଆମ ଦେଶରେ ଆମର ଅତିଥି ହୋଇ ଆସିଥାନ୍ତି । ଯଦି ଆପଣ ଏହା କହିବେ କି ନିଶ୍ଚିତ ରୂପେ ଆପଣ ମୁସଲ୍‌ମାନ୍ ଅଟନ୍ତି କିନ୍ତୁ ଯେବେ କି ଆପଣମାନେ ୟୁରୋପ୍‌ରେ ରହୁଛନ୍ତି ଓ ୟୁରୋପ୍‌ର ଏହିଭଳି ପ୍ରଥା ରହିଛି କି ମହିଳାମାନଙ୍କ ସହିତ ହାତ ମିଳାଯାଏ ତେବେ ଠିକ୍ ଅଛି । ଆମେ ମହିଳାମାନଙ୍କର ସମ୍ମାନ କରିଥାଉ । କିନ୍ତୁ ଏହା ଜରୁରୀ ନୁହେଁ କି ହାତ ମିଳାଇବା ଦ୍ୱାରା ସେମାନଙ୍କର ସମ୍ମାନର ମାଧ୍ୟମ ହୋଇଥାଏ । ମୁଁ ପୁଣି କହୁଅଛି କି ମୋ ହୃଦୟରେ ମହିଳାମାନଙ୍କ ପାଇଁ ଅଧିକ ସମ୍ମାନ ରହିଛି ।

ସେହି ମହିଳା ସାମ୍ବାଦିକ ଜଣକ କହିଲେ କି ଏହାର ଅର୍ଥ ହେଉଛି ଯଦି ଆପଣ ମହିଳାମାନଙ୍କ ସହିତ ହାତ ନମିଳାଉଛନ୍ତି ତେବେ ଆପଣ ସମାଜରେ ଠିକ୍ ରୂପେ ଇଂଟିଗ୍ରେଟ୍ କରୁନାହାଁନ୍ତି ।

ଏହାର ଉତରରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆପଣ ଇଂଟିଗ୍ରେସନ୍‌ର କଣ ସଂଜ୍ଞା ନିରୂପଣ କରୁଛନ୍ତି ? ମୁଁ ବହୁତ ରାଜନୈତିଜ୍ଞ ମାନଙ୍କୁ ଏହା ପଚାରିଛି କିନ୍ତୁ ସେମାନେ ଇଂଟିଗ୍ରେସନ୍‌ର ସଠିକ୍ ସଂଜ୍ଞା ବତାଇପାରି ନାହାଁନ୍ତି । ମୋ ନିକଟରେ ଇଂଟିଗ୍ରେସନ୍‌ର ଅର୍ଥ ହେଉଛି ନିଜ ଦେଶ ସହିତ ପ୍ରେମ କର ଓ ଆମ ବିଶ୍ୱାସ ମୁତାବକ ଦେଶ ସହିତ ପ୍ରେମ କରିବା ଆପଣଙ୍କ ବିଶ୍ୱାସର ଅଂଶ ବିଶେଷ

*ଅବଶିଷ୍ଟାଂଶ ପୃଷ୍ଠା- ୫ ରେ ଦେଖନ୍ତୁ...*

**ଏହି ସଂଖ୍ୟାରେ ଓଡ଼ିଆ ଡି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.3 Thursday 10 May 2018 Issue No.19

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଡେନ୍‌ମାର୍କ ଗସ୍ତ-ମଇ ୨୦୧୬ ର କାର୍ଯ୍ୟବ୍ୟସ୍ତତା

**୧୦ ମଇ ୨୦୧୬ ମଙ୍ଗଳବାର**

ପ୍ରତ୍ୟୁଷ ୪ଟାରେ ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍ ନୁସ୍‌ରତ୍ ଜାହାଁରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ କରିବା ପରେ ହଜୁର୍ ଅନୁୱର୍ ନିଜର ଆବାସସ୍ଥଳୀକୁ ଚାଲିଗଲେ ।

ସକାଳ ବେଳା ହଜୁର୍ ଅନୁୱର୍ ଅ:ବ:ଅ ଦଫ୍‌ତରି ଡାକ, ଚିଠି ଓ ରିପୋର୍ଟ୍‌ସ୍ ଇତ୍ୟାଦି ଦେଖିଲେ ଓ ହିଦାୟତ୍ ପ୍ରଦାନ କଲେ ।

**ଜଣେ ରେଡିଓ ପ୍ରତିନିଧିଙ୍କର ହଜୁର୍ ଅନୁୱର୍‌ଙ୍କ ସହିତ ଇଂଟରଭ୍ୟୁ**

ପ୍ରୋଗ୍ରାମ୍ ମୁତାବକ ସକାଳ ୧୦:୩୦ରେ ହଜୁର୍ ଅନୁୱର୍ ଅ:ବ:ଅ ଦଫତର୍‌କୁ ଆସିଲେ । ଡେନ୍‌ମାର୍କ୍‌ର ରେଡ଼ିଓ ଚ୍ୟାନେଲ୍ Radio-24 syv ର ପ୍ରତିନିଧି ଜର୍ନାଲିଷ୍ଟ୍ ରିଶି ରଶିଦ୍ ସାହିବା ହଜୁର୍ ଅନୁୱର୍ ଅ:ବ:ଅଙ୍କର ଇଂଟରଭ୍ୟୁ ନେବାପାଇଁ ଆସିଥିଲେ ।

ଜର୍ନାଲିଷ୍ଟ୍ ଜଣକ ପ୍ରଥମ ପ୍ରଶ୍ନ ଏହା କଲେ କି ଆପଣ ନିଜକୁ ଅହେମଦୀୟା ଜମାତ୍ କାହିଁକି କହୁଛନ୍ତି ?

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଆଁ ହଜ୍‌ରତ୍ ସ:ଆ:ସ ଏ ଭବିଷ୍ୟବାଣୀ କରିଥିଲେ କି ଇସ୍‌ଲାମ୍‌ରେ ଗୋଟିଏ ଏପରି ଯୁଗ ଆସିବ କି ମୁସଲ୍‌ମାନ୍ ମାନେ ଇସ୍‌ଲାମ୍‌ର ଅସଲ ଶିକ୍ଷାକୁ ଭୁଲିଯିବେ ଓ ଇସ୍‌ଲାମ୍‌ର କେବଳ ନାମ ହିଁ ବାକି ରହିଯିବ । ପବିତ୍ର କୋରାନ୍ ନିଜର ଅସଲ ଅବସ୍ଥାରେ ତ ରହିବ କିନ୍ତୁ ତା ଉପରେ ଅମଳ ହେବନାହିଁ ଓ ପବିତ୍ର କୋରାନ୍‌ର ଭୁଲ୍ ଅର୍ଥ କରାଯିବ । ଯେବେ ଏହିପରି ଯୁଗ ଆସିବ ତେବେ ଅଲ୍ଲାଃତାଲା ମୁସଲ୍‌ମାନଙ୍କ ହିଦାୟତ୍ ନିମନ୍ତେ ମସିହ୍ ଓ ମେହ୍‌ଦୀଙ୍କୁ ପ୍ରକଟ କରାଇବେ । ଆମର ଏହି ବିଶ୍ୱାସ କି ଉକ୍ତ ଭବିଷ୍ୟବାଣୀ ମୁତାବକ ଯେଉଁ ମସିହ୍ ମଉଦ୍ ଆ:ସ ଓ ଇମାମ୍ ମେହେଦୀ ଇସ୍‌ଲାମ୍‌କୁ ପୁନର୍ଜୀବିତ କରିବା ପାଇଁ ଆସିବାର ଥିଲା ସେ ଆସି ସାରିଛନ୍ତି ଓ ଆଁ ହଜ୍‌ରତ୍ ସ:ଆ:ସ ମସିହ୍ ଓ ମେହ୍‌ଦୀଙ୍କ ଆଗମନ ନିମନ୍ତେ ଯେଉଁ ଚିହ୍ନ/ନିଦର୍ଶନ ବତାଇଥିଲେ ତାହା ସବୁ ପୁରଣ ହୋଇସାରିଛି ।

ଅନ୍ୟ ମୁସଲ୍‌ମାନ ମାନେ ଏହା କହୁଛନ୍ତି କି ମସିହ୍ ଓ ମେହ୍‌ଦୀ ଦୁଇଜଣ ଅଲଗା ଅଲଗା । ମସିହ୍ ତ ଆକାଶରେ ବସିଛନ୍ତି ଓ ଶେଷ ଯୁଗରେ ଆସିବେ । ମେହଦୀ ଏପର୍ଯ୍ୟନ୍ତ ପ୍ରକଟ ହୋଇନାହାଁନ୍ତି । ଯେବେ କି ଆମେ କହୁଅଛୁ କି ମସିହ୍ ଓ ମେହ୍‌ଦୀ ହେଉଛନ୍ତି ଜଣେ । ଆଁ ହଜ୍‌ରତ୍ ସ:ଆ:ସ ଆସିବାକୁ ଥିବା ମସିହ୍ ଓ ମେହ୍‌ଦୀଙ୍କୁ ଜଣେ ବୋଲି ଅଭିହିତ କରିଛନ୍ତି ।

ଆମ୍ଭେ କହୁଅଛୁ କି ଏ ସଂସାରକୁ ଯିଏ ଆସିଛି ସେ ହଜାର ହଜାର ବର୍ଷ ଜିବୀତ ରହିପାରିବ ନାହିଁ । ପ୍ରତ୍ୟେକ ବ୍ୟକ୍ତି ନିଜର ପ୍ରାକୃତିକ ବୟସକୁ ବିତାଇ ମରିଥାଏ । ଆମେ କହୁଅଛୁ କି ଯଦି ଏତେ ଲମ୍ବା ସମୟ ପର୍ଯ୍ୟନ୍ତ ଜୀବିତ ରହିବାର କିଏ ହକ୍‌ଦାର୍ ଥିଲା ତେବେ ସେ ସମସ୍ତଙ୍କ ଠାରୁ ପ୍ରିୟ ନବୀ ଆଁ ହଜ୍‌ରତ୍ ସ:ଆ:ସ ଥିଲେ । ଆମ୍ଭେ ପୁଣି ଏହା କହୁଛୁ କି ହଜ୍‌ରତ୍ ଇସା ଆ:ସ ଙ୍କର ଦେହାନ୍ତ ହୋଇସାରିଛି ଓ ଯେଉଁ ମସିହ୍‌ଙ୍କ ଆସିବାର ଥିଲା ସେ ଇସାଙ୍କ ଅନୁରୂପ ହୋଇ ଆସିବାର ଥିଲା ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ଏହା ମଧ୍ୟ ଭବିଷ୍ୟବାଣୀ ଥିଲା କି ଯେଉଁ ମସିହ୍ ଓ ମେହ୍‌ଦୀ ଆସିବେ ସେ ନିଜର ଗୋଟିଏ ଜମାତ୍ ବନାଇବେ । ଆଁ ହଜ୍‌ରତ୍ ସ:ଆ:ସ ମଧ୍ୟ ଏ ଭବିଷ୍ୟବାଣୀ କରିଥିଲେ କି ଯେଉଁଭଳି ୟୁହୁଦୀମାନଙ୍କର ବିଭିନ୍ନ ଫିର୍‌କା (ଗୋଷ୍ଠୀ) ସୃଷ୍ଟି ହୋଇଯାଇଥିଲା ସେହିଭଳି ଇସ୍‌ଲାମ୍‌ରେ ମଧ୍ୟ ବିଭିନ୍ନ ଫିର୍‌କା ସୃଷ୍ଟି ହୋଇଯିବେ ଓ ସେଥିମଧ୍ୟରୁ ଗୋଟିଏ ଫିର୍‌କା ଇସ୍‌ଲାମ୍‌ର ସଚ୍ଚା ଓ ବାସ୍ତବିକ ଶିକ୍ଷା ଉପରେ ଅମଳ କରିବ ଓ ସେ ଗୋଟିଏ ଜମାତ୍ ହେବ । ସେଥିଯୋଗୁ ଆମେ ନିଜକୁ ଜମାତ୍ ଅହେମଦୀୟା ବୋଲାଉଛୁ ।

ଜର୍ନାଲିଷ୍ଟ୍ ଜଣକ ଆଉ ଗୋଟଏ ପ୍ରଶ୍ନ କଲେ:- ଯେବେ ମୁଁ ଏଠାରେ କୌଣସି ପ୍ରୋଗ୍ରାମ୍ ନିମନ୍ତେ ସୁନ୍ନି ଏବଂ ସିହା ଇମାମ୍ ଓ ସ୍କଲାର୍ ମାନଙ୍କୁ ଡାକିଥାଏ ଏବଂ ଯେବେ ତାକୁ କହିଥାଏ କି ଆମେ ନିଜର ଏହି ପ୍ରୋଗ୍ରାମ୍‌ରେ ଜମାତ୍ ଅହେମଦୀୟାର ପ୍ରତିନିଧିଙ୍କୁ ମଧ୍ୟ ଡାକିବା ପାଇଁ ଚାହୁଁଛୁ ତେବେ ସେମାନେ ମନା କରିଦେଉଛନ୍ତି ଏବଂ ଏ ଲୋକମାନେ ଆପଣଙ୍କୁ ନିଜ ଭଳିଆ ମୁସଲ୍‌ମାନ୍ ଭାବୁନାହାଁନ୍ତି ।

ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ:- ଆଁ ହଜ୍‌ରତ୍ ସ:ଆ:ସଙ୍କ ଆଉ ଗୋଟିଏ ପେଶ୍‌ଗୋଇ ଏପରି ମଧ୍ୟ ଅଛି କି ଆଁ ହଜ୍‌ରତ୍ ସ:ଆ:ସ କହିଥିଲେ-ତୁମମାନଙ୍କ ଭିତରେ ନବୁୱ୍ୱତ୍ (Prophethood) ସେପର୍ଯ୍ୟନ୍ତ କାଏମ୍ ରହିବ ଯେପର୍ଯ୍ୟନ୍ତ ଅଲ୍ଲାଃତାଲା ଚାହିଁବେ, ପୁଣି ସେ ଏହାକୁ ଉଠାଇନେବ ଓ ଖିଲାଫତେ ଆଲା ମିନ୍‌ହାଜେ ନବୁୱ୍ୱତ୍ (ନବୁୱ୍ୱତ୍‌ର ମାର୍ଗ ଦର୍ଶନରେ ଖିଲାଫତ୍) କାଏମ୍ ହେବ । ପୁଣି ଏହାପରେ ନିୟତି ମୁତାବକ ଅତ୍ୟାଚାରୀ ବାଦ୍‌ଶାହତ୍ କାଏମ୍ ହେବ । (ଓ ତାର ସମୟ ୩୦୦ ବର୍ଷ ପର୍ଯ୍ୟନ୍ତ ଲମ୍ୱା ହେବ) ଏହାପରେ ପୁଣି ପୂର୍ବଠାରୁ ବଳି ଅତ୍ୟାଚାରୀ ବାଦ୍‌ଶାହାତ୍ କାଏମ୍ ହେବ । (ଆଉ ଏହି ଅନ୍ଧକାରମୟ ଯୁଗ ୧୦୦୦ ବର୍ଷ ପର୍ଯ୍ୟନ୍ତ ରହିବ) ପୁଣି ଅଲ୍ଲାଃତାଲାଙ୍କର ରହମ୍ (କରୁଣା) ଜୋସ୍‌ରେ ଆସିବ । ତା ପରେ ଖିଲାଫତେ ଆଲା ମିନ୍‌ହାଜେ ନବୁୱ୍ୱତ୍ କାଏମ୍ ହେବ ।

ଉକ୍ତ ପେଶ୍‌ଗୋଇ ମୁତାବକ ତେର ସଦ୍ଦିର ଶେଷରେ ବା ଚଉଦ ସଦ୍ଦିର ପ୍ରାରମ୍ଭରେ ଆସିବାକୁ ଥିବା ମସିହ୍ ଓ ମେହ୍‌ଦୀ ପ୍ରକଟ ହେବାର ଥିଲା । ତେଣୁ ଆମେ କହୁଛୁ କି ସେ ଆସିସାରିଛନ୍ତି । ଯେବେ କି ଏମାନେ କହୁଛନ୍ତି କି ସେ ଏପର୍ଯ୍ୟନ୍ତ ଆସିନାହାଁନ୍ତି ।

ଆମେ ଏହା କହୁଛୁ କି ଆସିବାକୁ ଥିବା ମସିହ୍ ମେହ୍‌ଦୀର ମର୍ଯ୍ୟାଦା ନବୀର ମର୍ଯ୍ୟାଦା ସଦୃଶ । ସେ ନବୀ ଅଟନ୍ତି ଓ ଆଁ ହଜ୍‌ରତ୍ ସ:ଆ:ସ ଗୋଟିଏ ହଦିସ୍‌ରେ ତାଙ୍କୁ ଚାରିଥର ନବୀଉଲ୍ଲାଃ (ଅଲ୍ଲାଃଙ୍କ ନବୀ) ରୂପେ ସମ୍ୱୋଧନ କରିଛନ୍ତି ଏବଂ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଶରୀୟତ୍ ସହିତ ଆସିଛି । କୌଣସି ନୂଆ ଶରୀୟତ୍ ନେଇ ଆସିନାହିଁ । କୋରାନ୍ ସେହି କୋରାନ୍ ଅଛି ଓ ଇସ୍‌ଲାମ୍‌ର ସେହି ଶିକ୍ଷା ଅଛି । କୌଣସି ନୂଆ ଶିକ୍ଷା ନାହିଁ । ସେ ଦୃଷ୍ଟିରୁ ସେ ଜିଲ୍ଲି (ଅନୁରୂପ) ରୂପେ ନବୀ ଅଟନ୍ତି । ଯେବେକି ଅନ୍ୟମାନେ କହୁଛନ୍ତି ଯେ ସେ କୌଣସି ଦୃଷ୍ଟିରୁ ମଧ୍ୟ ନବୀ ନୁହଁନ୍ତି । ଆମ ମଧ୍ୟରେ ଓ ସେମାନଙ୍କ ମଧ୍ୟରେ ଏହି ଏଖ୍‌ତଲାଫ୍ (ପ୍ରଭେଦ) ଅଛି ।

ଯଦି ଆପଣ ଏହା କହୁଛନ୍ତି କି ବର୍ତମାନ ଆଁ ହଜ୍‌ରତ୍ ସ:ଆ:ସଙ୍କ ପରେ କୌଣସି ନବୀ ଆସିପାରିବେ ନାହିଁ ତେବେ ତାହା ଖୁଦାତାଲାଙ୍କ ବିଶେଷ ଗୁଣ ଓ ତାର ଅଧିକାରକୁ ଶେଷ କରିଦେବାର କଥା ଅଟେ ଓ କୌଣସି ବ୍ୟକ୍ତି ଏ ଅଧିକାର ରଖିନାହିଁ କି ସେ ଏପରି କାର୍ଯ୍ୟ କରୁ । ସୁତରାଂ ଏହି କାରଣ ଯୋଗୁ ଅନ୍ୟମାନେ ଆମକୁ ମୁସଲ୍‌ମାନ୍ ରୂପେ ଗ୍ରହଣ କରୁନାହାଁନ୍ତି ।

ସେମାନେ କହୁଛନ୍ତି କି ଆମେ ମୁସଲ୍‌ମାନ ନୋହୁଁ । କାରଣ ଆମର ଏ ବିଶ୍ୱାସ କି ଜମାତ୍ ଅହେମଦୀୟାର ପ୍ରତିଷ୍ଠାତା ହଜ୍‌ରତ୍ ମିର୍ଜା ଗୁଲାମ୍ ଅହେମଦ୍ ସାହେବ୍ ହେଉଛନ୍ତି ଅଲ୍ଲାଃତାଲାଙ୍କର ନବୀ । ଆମେ ଏହା ମଧ୍ୟ କହୁଛୁ କି ଆମର ଏ ବିଶ୍ୱାସ ରହିଛି କି ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ ହେଉଛନ୍ତି ଅଲ୍ଲାଃଙ୍କର ନବୀ ଓ ଆପଣ ଆ:ସଙ୍କୁ ନବୀର ଏହି ଉପାଧି ଆଁ ହଜ୍‌ରତ୍ ସ:ଆ:ସ ନିଜେ ପ୍ରଦାନ କରିଛନ୍ତି ଓ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସଚ୍ଚା ଅନୁଗାମୀ ଓ ସଚ୍ଚା ଦାସତ୍ୱରେ ନବୀର ଏହି ପଦ ମର୍ଯ୍ୟାଦାରେ ଭୁଷିତ ହୋଇଛନ୍ତି ।

ଜର୍ନାଲିଷ୍ଟ୍ ଜଣକ ପଚାରିଲେ କି ମୁସଲ୍‌ମାନ ମାନଙ୍କର ମୂଳ ବିଶ୍ୱାସ ତ ଏହା ଅଟେ କି ଇଶ୍ୱର ହେଉଛନ୍ତି ଏକ ଓ ମୁହମ୍ମଦ୍ ସ୍ୱଲଲ୍ଲାହୋ ଆଲୈହେ ୱ୍ୱ ସଲ୍ଲମ୍ ତାଙ୍କର ଶେଷ ନବୀ ଅଟନ୍ତି ।

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆପଣ ଏହା କୁହନ୍ତୁ ନାହିଁ କି ମୁହମ୍ମଦ୍ ହେଉଛନ୍ତି ଇଶ୍ୱରଙ୍କର ଶେଷ ନବୀ ବୋଲି । ଆପଣ ଏହା କୁହନ୍ତୁ କି ଲା ଇଲାହା ଇଲ୍ଲଲ୍ଲାହୋ ମୁହମ୍ମଦୁର୍ ରସୁଲୁଲ୍ଲାଃ ଅର୍ଥାତ୍ ଇଶ୍ୱର ହେଉଛନ୍ତି ଏକ ଓ ମୁହମ୍ମଦ୍ ସ:ଆ:ସ ଇଶ୍ୱରଙ୍କ ପ୍ରେରିତ ଦୂତ ଅଟନ୍ତି । ଏହି କଲ୍‌ମାରେ ଏକଥା କୁହାଯାଇନାହିଁ କି ସେ ହେଉଛନ୍ତି ଶେଷ ନବୀ । ବାକି ଶେଷ ହେବାର ଯେଉଁ କଥା ଏଥିରେ ପବିତ୍ର କୋରାନ୍ ଆପଣ ସ:ଆ:ସଙ୍କୁ ଖାତମୁନ୍ ନବୀଇନ୍ ବୋଲି ସମ୍ୱୋଧନ କରିଛି ଏବଂ ଆମେ ଅନ୍ୟମାନଙ୍କଠାରୁ ଭିନ୍ନ ଏ ଅର୍ଥ କରୁଛୁ କି ଏହାର ଅର୍ଥ ହେଉଛି ନବୀମାନଙ୍କର ମୋହର । ଆମେ ଏହାକୁ ମୋହରର ଅର୍ଥ ରୂପେ ନେଉଛୁ । ଅର୍ଥାତ୍ ଆପଣ ସ:ଆ:ସଙ୍କ ମୋହର ବିନା ଏବେ କୌଣସି ନୂତନ ନବୀ ଆସିପାରିବେ ନାହିଁ । ହଁ ଆପଣଙ୍କ ମୋହର୍ ସହିତ ଆସିପାରିବେ । ପବିତ୍ର କୁର୍‌ଆନ୍ ହେଉଛି ଶରୀୟତ୍‌ର ଶେଷ ପୁସ୍ତକ । ଏବେ କୌଣସି ନୁଆ ଶରୀୟତ୍ ନାହିଁ ଓ ଶରୀୟତ୍ ଆଣିଥିବା ଶେଷ ନବୀ ହେଉଛନ୍ତି ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ ।

ଅନ୍ୟ ଲୋକମାନେ ଖାତମୁନ୍ ନବୀଇନ୍‌ର ଏ ଅର୍ଥ କରୁଛନ୍ତି କି ଆପଣ ସ:ଆ:ସ ମୋହର୍ ଲଗାଇ ନବୀର ଉପାଧିକୁ ସିଲ୍ କରିଦେଇଛନ୍ତି । ଅର୍ଥାତ୍ ଏବେ ନବୀ ଆସିବାର ରାସ୍ତା ବନ୍ଦ୍ । ହଜୁର୍ ଅନୁୱର୍ ଅ:ବ:ଅ କହିଲେ- କୌଣସି ବ୍ୟକ୍ତିର ଏ ଅଧିକାର ନାହିଁ କି ସେ ଏହି ଆୟତର ଏପରି ବ୍ୟାଖ୍ୟା କରିବ ଯାହା ଖୁଦାତାଲାଙ୍କ ବିଶେଷ ଗୁଣଗୁଡିକୁ ସିମୀତ କରିଦେବ ଓ ତାର ହକ୍ ଓ ଅଧିକାର ଗୁଡିକୁ ରୋକି ଦେବ ।

ଜର୍ନାଲିଷ୍ଟ୍ ଜଣକ ଏ ପ୍ରଶ୍ନ କଲେ କି ଯେବେ ଅନ୍ୟ ମୁସଲ୍‌ମାନ୍ ମାନେ ଆପଣମାନଙ୍କୁ ମୁସଲ୍‌ମାନ୍ ବୋଲି ଭାବୁନାହାଁନ୍ତି ତେବେ ଏଥିରେ ଆପଣ କିପରି ଅନୁଭବ କରୁଛନ୍ତି । ଯେବେକି ଆପଣଙ୍କର ପାଖରେ ମସ୍‌ଜିଦ୍ ମଧ୍ୟ ଅଛି ଓ ଆପଣ ସେହି ଏକ କୋରାନ୍‌କୁ ପାଠ କରୁଛନ୍ତି ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ବିଶ୍ୱାସ ଆଣୁଛନ୍ତି । ଏ ସବୁ କଥା ସତ୍ୱେ ଆପଣଙ୍କୁ ଅନ୍ୟମାନେ ମୁସଲ୍‌ମାନ ବୋଲି ଭାବୁନାହାଁନ୍ତି ?

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଆଁ ହଜ୍‌ରତ୍ ସ:ଆ:ସ ଏ ଭବିଷ୍ୟବାଣୀ କରିଥିଲେ କି ଯେପରି ୟୁହୁଦୀମାନେ ହଜ୍‌ରତ୍ ଇସା ଆ:ସଙ୍କୁ ଗ୍ରହଣ କରିନଥିଲେ ଏହା ସତ୍ୱେ କି ତୌରାତ୍‌ରେ ତାଙ୍କ ଆସିବା ବିଷୟରେ ସମସ୍ତ ଭବିଷ୍ୟବାଣୀ ମହଜୁଦ୍ ଥିଲା । ସେହିଭଳି ଏହି ଶେଷ ଯୁଗରେ ଆସିବାକୁ ଥିବା ନବୀ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ମାର୍ଗରେ ମଧ୍ୟ ମୁସଲ୍‌ମାନ ମାନଙ୍କ ତରଫରୁ ପ୍ରତିବନ୍ଧକ ରହିବ । ସମସ୍ତ ନିଦର୍ଶନ/ଚିହ୍ନ ପୁରଣ ହେବା ସତ୍ୱେ ମଧ୍ୟ ବିରୋଧିମାନେ ତାଙ୍କୁ ଗ୍ରହଣ କରିବେ ନାହିଁ ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଏହି ସମସ୍ତ ପ୍ରତିବନ୍ଧକ ସତ୍ୱେ ଆମେ ଇସ୍‌ଲାମ୍‌ର ସତ୍ୟତା ଓ ବାସ୍ତବିକ ଶିକ୍ଷାକୁ ପ୍ରସାର କରୁଅଛୁ । ଫଳତଃ ପ୍ରତ୍ୟେକ ବର୍ଷ ଲକ୍ଷ୍ୟ ଲକ୍ଷ୍ୟ ଲୋକେ ଆମ ସହିତ ସାମିଲ୍ ହେଉଛନ୍ତି ।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ-ଏବେ ଆପଣ ଦେଖନ୍ତୁ କି ୧୮୮୯ ମସିହାରେ ଜଣେ ବ୍ୟକ୍ତି କାଦିଆନ୍ ଭଳି ଗୋଟିଏ ଛୋଟ ଗ୍ରାମରେ ମସିହ୍ ଓ ମେହ୍‌ଦୀ ହେବାର ଦାବି କଲେ ଏବଂ ଏହି ଘୋଷଣା କଲେ କି ମୁଁ ହେଉଛି ସେହି ପ୍ରତିଶୃତ ମସିହ୍ ଓ ମେହ୍‌ଦୀ ଯାହାଙ୍କ ଆସିବାର ଭବିଷ୍ୟବାଣୀ

*ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan